



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୬ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 26 MARCH 2025
Vol.No. 36 ■ No.80 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

## ୫ବର୍ଷରେ ଜବତ ହୋଇଛି ୪୦୩ଟି କରତକଳ

ଭୁବନେଶ୍ୱର, ୨୫/୩ (ନି.ପ୍ର): ଗତ ୫ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଚାଲୁଥିବା ୪୦୩ଟି କରତକଳକୁ ବିଭାଗୀୟ କର୍ମଚାରୀମାନେ ଜବତ କରିଛନ୍ତି। ଏଥି ସହିତ ସେଠାରେ ମହଜୁଦ ଥିବା କାଠ ଓ କରତକଳର ଯନ୍ତ୍ରାଂଶକୁ ବି ଜବତ କରାଯାଇଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ । ମନ୍ତ୍ରୀ ତାଙ୍କ ଉତରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ତମାନ ସୁଦ୍ଧା ୧୭୫ଟି ଲାଇସେନ୍ସପ୍ରାପ୍ତ କରତକଳ ଚାଲୁଛି ତେବେ ଗତ ୫ବର୍ଷ ମଧ୍ୟରେ ବେଆଇନ ଭାବେ ଚାଲୁଥିବା ୪୦୩ କରତକଳକୁ ଜବତ କରାଯିବା ସହିତ ଏହାକୁ ସ୍ଥାପନ କରିଥିବା ଲୋକଙ୍କ ବରୁଦ୍ଧରେ ଓଡିଶା କରତ କଳ (ନିୟନ୍ତ୍ରଣ) ଆଇନ ୧୯୯୧ଅନୁଯାୟୀ ବିଭାଗ ତରଫରୁ ଆଇନଗତ ମାମଲା ରୁଜୁ କରାଯାଇଛି ।

# ଟ୍ରମ୍ପଙ୍କ ଟାରିଫ୍ ଚିନ୍ତାରେ ବିଶ୍ୱ



ନୂଆଦିଲ୍ଲୀ, ୨୫/୩ : ବିଶ୍ୱ ରାଜନୀତି ସହିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନମାନି ବିଶ୍ୱ ଅର୍ଥନୀତି ଉପରେ ପ୍ରଭାବ ପକାଇବା ଆରମ୍ଭ କରିଛି । ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭର କରୁଥିବା ବିଶ୍ୱର ସେହି ଦେଶଗୁଡ଼ିକର ଅର୍ଥନୀତିକୁ ଆମେରିକା ଶୁଳ୍କ ମାଧ୍ୟମରେ ଟାର୍ଗେଟ୍ କରିବା ଆରମ୍ଭ କରିଛି । ଏବେ ଟ୍ରମ୍ପ୍ ଯାହା ଘୋଷଣା କରିଛନ୍ତି ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ଭେନେଜୁଏଲା ଠାରୁ ଅଶୋଧିତ ତୈଳ କିଣୁଥିବା ବିଶ୍ୱର ଦେଶଗୁଡ଼ିକୁ ଟ୍ରମ୍ପ୍ ସ୍ପଷ୍ଟ ସଙ୍କେତ ଦେଇଛନ୍ତି, ସେମାନଙ୍କ ଉପରେ ୨୫ ପ୍ରତିଶତ ଟିକସ ଲାଗିବ। ଏହି ଘୋଷଣା ଭାରତ ଓ ଚୀନ୍ ଭଳି ଦେଶ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି । ଏହାର ଏକ କାରଣ ହେଉଛି, ଉଭୟ ଦେଶ ଭେନେଜୁଏଲାରୁ ବିପୁଳ ପରିମାଣର ଅଶୋଧିତ ତୈଳ କିଣୁଛନ୍ତି । ଏବେ ଆମେରିକା ରାଷ୍ଟ୍ରପତିଙ୍କ ଘୋଷଣା ପରେ ଭାରତର ଅର୍ଥନୀତି ଉପରେ ବଡ଼ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି । ଭେନେଜୁଏଲାର ଅଶୋଧିତ ତୈଳ ଆମଦାନୀ ଉପରେ ଆମେରିକା ରାଷ୍ଟ୍ରପତି ଶୁଳ୍କ ଲାଗୁ କରିବାକୁ ଘୋଷଣା କରିବା ପରଠାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ବୃଦ୍ଧି ଘଟିଛି । ଅଶୋଧିତ ତୈଳ ବ୍ୟାରେଲ ପିଛା ୭୩ ଡଲାର ଅତିକ୍ରମ କରିଛି । ସେହିପରି ଆମେରିକାରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୦ ଡଲାର ପାଖାପାଖି ପହଞ୍ଚିଛି ।

# ଦୁର୍ନୀତିଗ୍ରସ୍ତ ବାବୁଙ୍କୁ ମୋହନ ସରକାରଙ୍କ ପୁଣି ନାଲି ଆଖି

## ଅବସର ଆଗରୁ ଚାକିରିରୁ ବିଦା ପାଇଁ ଚେତାବନୀ



ଭୁବନେଶ୍ୱର, ୨୫/୩ (ନି.ପ୍ର): ଦୁର୍ନୀତିଖୋର ସରକାରୀ ବାବୁଙ୍କୁ ପୁଣି ରାଜ୍ୟ ସରକାରଙ୍କ ୱାର୍ଣ୍ଣିଂ । ସଚ୍ଚୋଟ ପଣିଆ ନଥିଲେ କି ଅପାରଗତା ଦେଖିଲେ ତୁରନ୍ତ ଚାକିରିରୁ ବିଦା କର। ସବୁ ବିଭାଗକୁ ଏ ନେଇ ଗତକାଲି ଚିଠି ଲେଖି ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ । ଯାହାକୁ ନେଇ ପଲିଟିକାଲ୍ ବୟାନବାଜି ବି ତେଜିଛି । କଂଗ୍ରେସ ସସପେଣ୍ଡ ବଦଳରେ ଟର୍ମିନେଟ୍ ପ୍ରସ୍ତାବ ଦେଇଥିବାବେଳେ ବିଜେଡି କହିଛି, ଏହା କେବଳ ଲୋକଦେଖାଣିଆ। ଜବାବରେ ବିଜେପି କହିଛି- ବିଜେଡି ଶାସନବେଳେ ଦୁର୍ନୀତିଖୋର ଗାଦି ମାଡ଼ି ବସିଥିଲେ, ତାଙ୍କୁ ମୋହନ ସରକାର ତଡ଼ିବା ଆରମ୍ଭ କରିଛନ୍ତି। ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ସରକାରଙ୍କ ନାଲି ଆଖି । ସଚ୍ଚୋଟ ପଣିଆର ଅଭାବ ପରିଲକ୍ଷିତ ହେଲା ମାତ୍ରେ ବାଜିବ ଆହ୍ୱାନ ଛାଟ। ଅପାରଗତା ଦେଖିବା ମାତ୍ରେ ଅବସର ଆଗରୁ ହୋଇଯିବେ ବିଦା । ଖୋଦ୍ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଦେଇଛନ୍ତି ଏଭଳି କଡ଼ା ଚେତାବନୀ।

▶▶ପୃଷ୍ଠା ୭

# କମିଶନରେଟ୍ ପୋଲିସର ନିଦ ହଜାଇଛି ନକଲି ଡିଏସପିର ନକଲ ଫଣ୍ଡା



ଭୁବନେଶ୍ୱର, ୨୫/୩ (ନି.ପ୍ର): ନାକେଦମ୍ କରୁଛି ନକଲି ଡିଏସପିର ନକଲ ଫଣ୍ଡା। ନିଦ ହଜିଗଲାଣି କମିଶନରେଟ୍ ପୋଲିସର। ନକଲି ଡିଏସପିର ମୂଳ ଖୋଜିବାକୁ ଧା' ଦୌଡ଼ ଭିତରେ ସାମ୍ନାକୁ ଆସିଛି, ଭୁବନେଶ୍ୱରରେ ପିସିଆର୍ କଣ୍ଟ୍ରୋଲ ରୁମରେ ବସି ଡ୍ୟୁଟି କରୁଥିବାର ଚିତ୍ର। ଏପରିକି ଡିଏସପି ରାଙ୍କକୁ ପ୍ରମୋଶନ ପାଇଥିବାର ଏକ ଚିଠି ବି ନକଲି ଡିଏସପି ମାନସ ସେନାପତିର ସୋସିଆଲ୍ ମିଡ଼ିଆ ଆକାଉଣ୍ଟରୁ ମିଳିଛି। ଏସବୁ ଫଟୋ ଏବଂ ଚିଠି ସତ ନା ମିଛ, କମିଶନରେଟ୍ ପୋଲିସ ତାହାର ଯାଞ୍ଚ ଚଳାଇଛି। ଅସଲିଙ୍କ ହୋସ୍ ଉଡ଼ାଉଛି ନକଲି ପୋଲିସ। ତା'ର ନକଲ ଫଣ୍ଡା ଆଛା ଆଛା ଖାକି ବାବୁଙ୍କୁ ଏବେ ଚିନ୍ତାରେ ପକାଇ ଦେଇଛି। ଜାଲ୍ କାଗଜପତ୍ର ଜରିଆରେ ଏବଂ ବେଶଭୂଷା ବଦଳାଇ ନକଲି ଡିଏସପି ସାଜିଥିବା ମାନସ ରଞ୍ଜନ ସେନାପତିର ଏହି ଚିତ୍ରକୁ ନେଇ କମିଶନରେଟ୍ ପୋଲିସରେ ଏବେ କମ୍ପନ। ଥରେ ଦେଖନ୍ତୁ ମାନସର ସୋସିଆଲ୍ ମିଡ଼ିଆ ଆକାଉଣ୍ଟରୁ ମିଳିଥିବା ଏହି ଫଟୋକୁ।

▶▶ପୃଷ୍ଠା ୭

# ଭିଜିଲାନ୍ସ ଜାଲରେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ

ଜଟଣୀ, ୨୫/୩ (ନି.ପ୍ର): ଜଟଣୀ ପୌରପାଳିକାର କୋଟିପତି କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ। ଘରୁ ମିଳୁଛି ବିଡ଼ାବିଡ଼ା ଟଙ୍କା। ବାବୁ ଟଙ୍କା ଦେଖି ଭିଜିଲାନ୍ସ ଅଧିକାରୀ ଜଳକା। ଗଣି ଗଣି ହାଲିଆ ହୋଇପଡ଼ିଲେ ଭିଜିଲାନ୍ସ ଅଧିକାରୀ। ଶେଷରେ ଆସିଲା ଟଙ୍କା ଗଣା ମେସିନ। ଏତେ ଟଙ୍କା ବାବୁ କେଉଁଠି ଆଣିଲେ, ଘରେ କାହିଁକି ଏତେ ଟଙ୍କା ରଖିଥିଲେ, ତାକୁ ନେଇ ଉଠିଛି ପ୍ରଶ୍ନ। ଏଥିସହ ପାଟ୍ଟଯୋଶୀଙ୍କର ଭୁବନେଶ୍ୱର ସ୍ଥିତ ଜାଗମରା, ଖାରବେଳନଗର, ଡେଲ୍ଟା ସ୍କୋୟାରରେ ୩ଟି ଫ୍ଲାଟ୍, ଭୁବନେଶ୍ୱର ଓ ବ୍ରହ୍ମପୁରରେ ୧୧ଟି ପ୍ଲଟ୍, ୧୫୦ ଗ୍ରାମ ସୁନା, ଗୋଟିଏ ଚାରି ଚକିଆ ଯାନ ଓ ୨୦ଟି ବ୍ୟାଙ୍କ ଆକାଉଣ୍ଟ ଓ ପୋଷ୍ଟାଲ ଜମା ଥିବା ଜଣାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପାଟ୍ଟଯୋଶୀଙ୍କର ଭୁବନେଶ୍ୱର ସମେତ ଏକକାଳୀନ ୧୦ଟି ସ୍ଥାନରେ ଚଢ଼ାଉ କରିଛି ଭିଜିଲାନ୍ସ । ଆଜି ସକାଳେ ପାଟ୍ଟଯୋଶୀଙ୍କ ପୈତୃକ ଗାଁ ଗଂଜାମ ଜିଲ୍ଲା ସୋରଡାର ତିନିଟି ଘରେ ଭିଜିଲାନ୍ସ ଚଢ଼ାଉ କରିଛି।

▶▶ପୃଷ୍ଠା ୭

# ଏକ୍ ଆଦମି ସବକୋ ଉଲ୍ଲୁ ବନା ଦିୟା: ଖଣିମନ୍ତ୍ରୀ



ଭୁବନେଶ୍ୱର, ୨୫/୩ (ନି.ପ୍ର): ବିଧାନସଭାରେ ଖଣି ମନ୍ତ୍ରୀଙ୍କ ସାୟରୀ। ଆଉ ସେହି ସାୟରୀ ଆଳରେ ପୂର୍ବ ବିଜେଡି ସରକାରକୁ ନିଶାନା। ନାଁ ନନେଇ ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପାଣ୍ଡିଆନଙ୍କ ଉପରେ ବର୍ଷିଛନ୍ତି ମନ୍ତ୍ରୀ। କେମିତି ଖଣି ଲୁଟ କରି ଓଡ଼ିଶାର ସଂପତ୍ତିର ହରିଲୁଟି ହୋଇଛି ଏବଂ ଜଣେ ଲୋକ କିଭଳି ବିଜେଡିର ସର୍ବେସର୍ବା ବନିଯାଇଥିଲା ତାର ଗୁମର ଖୋଲିଛନ୍ତି ବିଭୂତି। ଆଉ ଖଣି ମନ୍ତ୍ରୀଙ୍କ ହସରେ ହସରେ ମଂଜ କଥା ଏବେ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି । ବିଧାନସଭାରେ ଖଣି ମନ୍ତ୍ରୀଙ୍କ ସାୟରାନା ଅନ୍ଦାଜ୍। ସାୟରୀ ସାୟରୀରେ ପୂର୍ବ ସରକାରକୁ ନିଶାନା। ଟାର୍ଗେଟରେ ବିଜେଡି ସୁପ୍ରିମୋ ନବୀନ ଆଉ ତାଙ୍କ ତଥାକଥିତ ପରାମର୍ଶଦାତା ପାଣ୍ଡିଆନ୍। ରାଜ୍ୟରେ ଖଣି ଲୁଟର ଗୁମର ଖୋଲି ସାୟରୀରେ ମାରିଛନ୍ତି ତୀର। କହିଛନ୍ତି, କେମିତି ଜଣେ ଲୋକ ସମସ୍ତଙ୍କୁ ବୋକା କରିଦେଇଥିଲା। ବିଜେଡି ନେତା ରାଜା ଚକ୍ର, କରନ, ଉଦ୍ଦିନକୁ ଶିଖେଇ ଦେଇଥିଲା ଓଡିଶାକୁ ଲୁଟିବାକୁ। ସେହି ଲୋକ ଖଣି ଉତ୍ତୋଳନ କରୁଥିଲା, ଖଣି ବିକୁଥିଲା, ହାଇ ଗ୍ରେଡ୍‌କୁ ଲୋ ଗ୍ରେଡ୍ କରୁଥିଲା ଆଉ ଓଡ଼ିଶାକୁ କେମିତି ଦରିଦ୍ର କରିଦେଇଥିଲା ସାୟରୀରେ କହିଛନ୍ତି ମନ୍ତ୍ରୀ। ଖଣି ମନ୍ତ୍ରୀଙ୍କ ନିଶାନାରେ ଥିଲେ ସେତେବେଳେ ବିଜେଡିର ନମ୍ବର ଟୁ ଭି.କେ ପାଣ୍ଡିଆନ୍। ସାୟରୀରେ କେତେବେଳେ କଟାକ୍ଷ ତ କେତେବେଳେ ସିଧା ଟାର୍ଗେଟ୍। କେମିତି ଦଳରେ ଟପ୍ ଟୁ ବଟମ୍ ନେତାଙ୍କ ମୁହଁ ବନ୍ଦ କରି ନିଜେ ଅଖଣ୍ଡ କ୍ଷମତା ଭୋଗୁଥିଲେ। କେମିତି ବିଜୁ ଜନତା ଦଳରେ ନେତା ପାଲଟିଯାଇଥିଲେ କ୍ରୀତଦାସ, ସେକଥା ବି ସାୟରୀରେ ବଖାଣିଛନ୍ତି ମନ୍ତ୍ରୀ ବିଭୂତି ଜେନା। ବିଜେଡି ସୁପ୍ରିମୋ ନବୀନଙ୍କୁ ବି ଛାଡିନଥିଲେ ଖଣି ମନ୍ତ୍ରୀ।

▶▶ପୃଷ୍ଠା ୭

## ୨୭ରେ ବିପ୍ଲବ ହେବ : ଭକ୍ତ ଦାସ

ଭୁବନେଶ୍ୱର, ୨୫/୩ (ନି.ପ୍ର): କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ ନେଇ ପିସିସି ସଭାପତି ଭକ୍ତ ଦାସ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ବାଚସ୍ପତି ଆଲୋଚନା ପାଇଁ ଡାକିଲେ, କଥାବାର୍ତା କଲେ, ସମାଧାନ କଲେନି। ହାଉସ୍ କମିଟି ଗଠନ କରିଥିଲେ କଣ ଅସୁବିଧା ହୋଇଥାନ୍ତା ବରଂ ଗୃହ ଭଲରେ ଚାଲିଥାନ୍ତା।୨୭ରେ ବିପ୍ଲବ ହେବ। ବିଜେଡି ଦାବି କରିଥିଲେ ହାଉସ୍ କମିଟି କରିବାକୁ ସରକାର ବାଧ୍ୟ ହୋଇଥାନ୍ତେ ବୋଲି କହିଛନ୍ତି ଭକ୍ତ ଦାସ।

# ବାଚସ୍ପତିଙ୍କ ବଡ଼ ଆକ୍ସନ: କଂଗ୍ରେସର ୧୨ ବିଧାୟକ ବିଧାନସଭାରୁ ୭ ଦିନ ପାଇଁ ସସପେଣ୍ଡ୍



ଭୁବନେଶ୍ୱର, ୨୫/୩ (ନି.ପ୍ର): ବିଧାନସଭାରେ ଲଗାତାର ଚରମ ବିଶୃଙ୍ଖଳା ପାଇଁ ବାଚସ୍ପତିଙ୍କ ବଡ଼ ଆକ୍ସନ । ତାରା ବାହିନୀପତି ଓ ରମେଶ ଜେନାଙ୍କୁ ଛାଡ଼ି କଂଗ୍ରେସର ୧୨ ଗଖଇଙ୍କୁ ଗୃହରୁ ସସପେଣ୍ଡ କରିଛନ୍ତି ବାଚସ୍ପତି । ଏହି ବିଧାୟକମାନଙ୍କୁ ଆସନ୍ତା ୭ଟି କାର୍ଯ୍ୟ ଦିବସ ଲାଗି ନିଲମ୍ବନ କରାଯାଇଛି । ସେପଟେ ସସପେଣ୍ଡ ସତ୍ତ୍ୱେ ଗୃହ ବାହାରକୁ ନଯାଇ ନିଲମ୍ବିତ ବିଧାୟକମାନେ ବାଚସ୍ପତିଙ୍କ ପୋଡିୟମ୍ ନିକଟରେ ବସି ରହିଥିବା ବେଳେ ବାଚସ୍ପତି ଆସନ୍ତାକାଲି ଯାଏଁ ଗୃହକୁ ମୁଲତବି ଘୋଷଣା କରିଛନ୍ତି । ସେପଟେ ଏଭଳି କାର୍ଯ୍ୟାନୁଷ୍ଠାନ ପରେ ତାରା କହିଛନ୍ତି, କଂଗ୍ରେସ୍ ଡରିବାର ପ୍ରଶ୍ନ ଉଠୁନାହିଁ। ତେଣେ ବିଜେପି କହିଛି, ବାରମ୍ବାର ଗୃହରେ ଏଭଳି ଅଚଳାବସ୍ଥା ପରେ ଆଉ କିଛି ବିକଳ୍ପ ନଥିଲା । ବିଧାନସଭାରେ ରୀତିମତ ବିଶୃଙ୍ଖଳା ପାଇଁ ୧୨ କଂଗ୍ରେସ ବିଧାୟକ ନିଲମ୍ବିତ । ୭ଟି କାର୍ଯ୍ୟ ଦିବସ ଯାଏଁ ଗୃହକୁ ଆସିବା ଉପରେ ବାଚସ୍ପତିଙ୍କ କଟକଣା । ନାରୀ ସୁରକ୍ଷା ପ୍ରସଙ୍ଗରେ ଗୃହ କମିଟି ଗଠନ

▶▶ପୃଷ୍ଠା ୭

# ବେଙ୍ଗାଲୁରୁରେ ଚାଞ୍ଚଲ୍ୟକର ଘଟଣା: ମାଆ ସହ ମିଶି ସ୍ୱାମୀକୁ ହତ୍ୟା କଲା ସ୍ତ୍ରୀ

ନୂଆଦିଲ୍ଲୀ, ୨୫/୩ : ବେଙ୍ଗାଲୁରୁରୁ ଆସିଛି ଲୋମହର୍ଷଣକାରୀ ହତ୍ୟାକାଣ୍ଡ ମାମଲା । ରିୟଲଷ୍ଟେଟ ବ୍ୟବସାୟୀଙ୍କୁ ବିଭତ୍ସ ହତ୍ୟା । ମା' ସହ ମିଶି ସ୍ୱାମୀକୁ ହତ୍ୟା କରିଛି ୧୯ବର୍ଷ ବୟସର ଯଶସ୍ୱିନୀ ସିଂ । ତେବେ ୨୪ଘଣ୍ଟା ଭିତରେ ଉଭୟ ମା ଓ ଝିଅକୁ ଗିରଫ କରିବାପରେ ସେମାନଙ୍କ ବୟାନ ରେକର୍ଡ କରିଛି ପୁଲିସ । କାହିଁକି ସ୍ୱାମୀଙ୍କୁ ହତ୍ୟା କଲେ ? କ'ଣ ଥିଲା ମର୍ଡର ପ୍ଲାନ ସେହି ସବୁ ବିଷୟରେ ସତ ଉଗାରିଛନ୍ତି ଯଶସ୍ୱିନୀ ଓ ମା ହେମା ବାଇ । ଲୋକେଶଙ୍କ ଖାଦ୍ୟରେ ନିଶା ଦେଇ ତାଙ୍କୁ ବେହୋସ କରିବା ପରେ ଗଳାକାଟି ହତ୍ୟା କରିଥିଲେ ଅଭିଯୁକ୍ତ । ତେବେ ସହରରଠୁ ବହୁ ଦୂରରେ ଲୋକେଶଙ୍କ ଶବ ମିଳିବା ପରେ ଛାନଭିନ ଆରମ୍ଭ କରିଥିଲା ପୁଲିସ । ତେବେ ହତ୍ୟା ପଛର କାରଣ ମାନସିକ ଓ ଶାରିରୀକ ନିର୍ଯ୍ୟାତନ ବୋଲି ପୁଲିସକୁ କହିଛନ୍ତି ଅଭିଯୁକ୍ତ ମା ଓ ଝିଅ । ୧୯ ବର୍ଷୀୟ ଯଶସ୍ୱିନୀଙ୍କ ପରିବାର ଉପରେ ଚାପ ପକାଇ ଦୁଇବର୍ଷ ପୂର୍ବରୁ ଜୋରଜବରସ୍ତ ବିବାହ କରିଥିଲେ ଲୋକେଶ । ପରେ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଉଥିଲେ । ଝିଅର ଦୁଖ ଶୁଣି ମା ଜ୍ୱାଇଁକୁ ମାରିବା ପାଇଁ ଯୋଜନା କରିବା ପରେ ଶେଷରେ ସଫଳ ହୋଇଥିଲେ କିନ୍ତୁ ପୋଲିସ ହାତରୁ ଖସିପାରିନାହାଁନ୍ତି ।

# ବାଂଲାଦେଶରେ ବିଦ୍ରୋହ ଆଶଙ୍କା: ୟୁନୁସ ସରକାରଙ୍କ ବିରୋଧରେ ସେନାର ଘନଘନ ବୈଠକ



ନୂଆଦିଲ୍ଲୀ, ୨୫/୩ : ପାକିସ୍ତାନ ରାସ୍ତାରେ ବାଂଲାଦେଶ । ପାକିସ୍ତାନରେ ଯେପରି ସେନା ଓ ସରକାରଙ୍କ ମଧ୍ୟରେ ତିକ୍ତତା ଚାଲିଛି ଏବେ ସେଭଳି କିଛି ବାଂଲାଦେଶରେ ଦେଖିବାକୁ ମିଳିଲାଣି । ବାଂଲାଦେଶ ସେନା ଚାହୁଁଛି ସରକାରଙ୍କୁ ହଟାଇ ଶାସନ ଗାଦିରେ ସେନା ମୁଖ୍ୟଙ୍କୁ ବସାଇବାକୁ । ରାଜଧାନୀ ଢାକା ସମେତ ବଡ଼ ସହର ମାନଙ୍କରେ ସେନା ପଇଁତରା ମାରୁଛି,ଏପରିକି ଆର୍ମିର ବରିଷ୍ଠ ଅଧିକାରୀଙ୍କ ସହ ସେନା ମୁଖ୍ୟ ବୈଠକ ମଧ୍ୟ କରିଛନ୍ତି । ଏହି ସମୟରେ ଚର୍ଚ୍ଚା ଜୋର ଧରିଛି ଯେ, ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସଙ୍କ ଗାଦି ଆଉ ବେଶୀ ସମୟ ରହିବିନି । କିଛିଦିନ ତଳେ ଆର୍ମି ଚିଫ୍ ସେନାର ଏକ ଜରୁରୀ କାଳୀନ ବୈଠକ ଡାକିଥିଲେ, ଉକ୍ତ ବୈଠକରେ ୫ ଜଣ ଲେଫ୍ଟନାଣ୍ଟ୍ କର୍ଣ୍ଣେଲ, ୮ ଜଣ ମେଜର ଜେନେରାଲଙ୍କ ସହ ସ୍ୱତନ୍ତ୍ର ବ୍ରିଗେଡ୍ କମାଣ୍ଡର ଅଂଶ ଗ୍ରହଣ କରିଥିଲେ।

# ବୟାନ ରେକର୍ଡ ପାଇଁ ୭ ଦିନ ସମୟ ମାଗିଲେ କୁନାଲ କାମରା: କମେଡିଆନଙ୍କ ପାଇଁ ଦୁଇଭାଗ କଲା ଜଗତ ଓ ମହାଯୁତି



ନୂଆଦିଲ୍ଲୀ, ୨୫/୩ : ବିବାଦ ବଢ଼ିବାରେ ପରେ ସୋସିଆଲ ମିଡିଆରେ ୪ ଫର୍ଦ୍ଦ ଲେଖା ପୋଷ୍ଟ କରି ପୁଣି ଥରେ ପ୍ରତିକ୍ରିୟା ରଖିଛନ୍ତି ଷ୍ଟାଣ୍ଡଅପ କମେଡିଆନ କୁନାଲ କାମରା । ୪ଟି ଫର୍ଦ୍ଦରେ ୪ଟି କଥାକୁ ଗୁରୁତ୍ୱ ଦେଇଛନ୍ତି । ବାକ୍ ସ୍ୱାଧୀନତା ଆମ ଅଧିକାର, ଷ୍ଟୁଡିଓ ଭଙ୍ଗାଯିବା ଉଚିତ ନଥିଲା, କୋର୍ଟଙ୍କ ନିର୍ଦ୍ଦେଶ ବିନା କ୍ଷମା ମାଗିବନି, ଲୁଚିବିନି କି ଭୟଭୀତ ହେବେନି । ୩ଦିନ ଧରି ବିବାଦ ବଢ଼ିବା ପରେ ଏବେ ନିଜ ଆଭିମୁଖ୍ୟକୁ ସେ ସ୍ପଷ୍ଟ କରିଛନ୍ତି । ସେପଟେ ମୁମ୍ବାଇ ପୁଲିସ ନୋଟିସ ଜାରି କରି ମୁମ୍ବାଇ ଖାରା ଥାନାରେ ହାଜର ହେବାକୁ କହିଥିଲେ ବି ଅନୁପସ୍ଥିତ ଦର୍ଶାଇ ପହଞ୍ଚିନଥିଲେ କଳାକାର । ସେପଟେ କୁନାଲଙ୍କ ସପକ୍ଷରେ ଓ ବିପକ୍ଷରେ କଳା ଓ ରାଜନୀତି ଦୁନିଆ ଦୁଇ ଭାଗରେ ବିଭକ୍ତ ହେଲାଣି । ୨୫ବର୍ଷ ପୁରୁଣା ଘଟଣା ମନେ ପକାଇ ଶିବସେନା ତାଙ୍କୁ କିଭଳି ଜୋରଜବରଦସ୍ତ କ୍ଷମା ମଗାଇଥିଲା, ମୁହଁରେ କଳା ବୋଲିଥିଲା

▶▶ପୃଷ୍ଠା ୭

# ରାମନବମୀ ଓ ହନୁମାନ ଜୟନ୍ତୀ ୨୦୨୫ ପାଳନ ପରିପ୍ରେକ୍ଷୀରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ

ବାଲେଶ୍ୱର,୨୫/୩ (ନି.ପ୍ର): ଆସନ୍ତା ୫ ଓ ୬ ତାରିଖରେ ପାଳନ ହେବାକୁ ଥିବା ରାମ ନବମୀ ଓ ୧୪ ତାରିଖରେ ପାଳନ ହେବାକୁ ଥିବା ହନୁମାନ ଜୟନ୍ତୀ ଉତ୍ସବକୁ ଦୃଷ୍ଟିରେ ରଖି ଆଜି ପୂର୍ବାହ୍ନ ଘ.୧୧.୩୦ ମି ସମୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ, ମାନ୍ୟବର ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ, ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଜ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଭାରପ୍ରାପ୍ତ ଉପଜିଲ୍ଲାପାଳ ଡ଼. ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଏସପି ଶ୍ରୀ ଦେବଜ୍ୟୋତି ଦାସ ଓ ଆଇପିଏସ ପ୍ରୋବେସନର ସୁଶ୍ରୀ ଅର୍ଚ୍ଚିତା ମିଉଲ ପ୍ରମୁଖ ମଞ୍ଚାସୀନ ଥିଲେ ଓ ଏଥି ସହିତ ପାନୀୟଜଳ, ସ୍ୱାସ୍ଥ୍ୟ, ପୋଲିସ, ବିଦ୍ୟୁତ, ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ଧାର୍ମିକ ଏବଂ ଗୋଷ୍ଠୀଙ୍କ ପ୍ରତିନିଧି ଏବଂ ଅନ୍ୟାନ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ପୂଜା ପାର୍ବଣ ସମୟରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସଦର ମହକୁମାକୁ ଆସୁଥିବା ଭକ୍ତଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ଯୋଗାଇ ଦେବା ପାଇଁ ସମସ୍ତ ପ୍ରକାରର ଆବଶ୍ୟକୀୟ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ବିକାଶ ମତ ପ୍ରକାଶ କରିଥିଲେ ଓ ଅନୁରୂପ ଭାବରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ଉପରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରସାଦ ଗୁରୁତ୍ୱାରୋପ କରିଥିଲେ। ରାମନବମୀ ଉପଲକ୍ଷେ ଆସନ୍ତା ୫ ତାରିଖରେ ହେବାକୁ ଥିବା ମୋଟର ସାଇକଲ ରାଲି ନିମନ୍ତେ ଅପରାହ୍ନ ୩ ଘଟିକାରୁ ୬ ଘଟିକା ପର୍ଯ୍ୟନ୍ତ ସମୟ ନିର୍ଧାରଣ କରାଯାଇଛି ଓ ସେହି ଭଳି ଆସନ୍ତା ୬ ତାରିଖରେ ପଦଯାତ୍ରା ଚୂଡାନ୍ତ କରାଯାଇଛି ଓ ମୋଟର ସାଇକଲ ରାଲି ଓ ପଦଯାତ୍ରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବାକୁ ଏବଂ ଡି.ଜେ ମ୍ୟୁଜିକ ସିଷ୍ଟମ ଉପରେ ସମ୍ପୂର୍ଣ କଟକଣା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ଝାଙ୍କିର ଉଚ୍ଚତା ଭୂମିପୃଷ୍ଠରୁ ୮ ଫୁଟ ମଧ୍ୟରେ ରହିବ ଓ ଯାତ୍ରା ବେଳେ କୌଣସି ପ୍ରକାରର ତୀକ୍ଷ୍ଣ ଧାରଯୁକ୍ତ ଖଣ୍ଡା, ଅସ୍ତଶସ୍ତ୍ର ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଓ ଉକ୍ତ ସମୟରେ ମାଦକ ଦ୍ରବ୍ୟ ଓ ମଦ ବିକ୍ରୟ ଉପରେ କଟକଣା ଲଗାଯିବା ନେଇ ସ୍ଥିର କରାଯାଇଥିଲା ଓ ଗ୍ରୀଷ୍ମ ପ୍ରବାହ ସମୟରେ ଉପସ୍ଥିତ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ଜଳ କେନ୍ଦ୍ର ଏବଂ ଚିକିତ୍ସା ସୁବିଧାର ବ୍ୟବସ୍ଥା କରାଯିବାର ସୂଚନା ଦିଆଯାଇଥିଲା। ଟ୍ରାଫିକ୍ ପରିଚାଳନା ଓ ଭିଡ଼ ନିୟନ୍ତ୍ରଣକୁ କଡ଼ାକଡ଼ି ଲାଗୁ କରିବା ପାଇଁ ପୁଲିସ ବିଭାଗ ସହ ସମନ୍ୱୟ ରକ୍ଷା କରାଯିବ। ଆସନ୍ତା ପର୍ବଗୁଡିକୁ ଆନନ୍ଦ ଉଲ୍ଲାସ ତଥା ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ବିକାଶ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

# ଘରୋଇ ଡାକ୍ତରଖାନାରେ ସିଜରିଆନ ଦ୍ୱାରା ଜନ୍ମିତ ଶିଶୁଙ୍କ ସଂଖ୍ୟା ଅଧିକ

ଭୁବନେଶ୍ୱର,୨୫/୩ (ନି.ପ୍ର): ୨୦୨୩-୨୪ ମସିହାରେ ଘରୋଇ ଡାକ୍ତରଖାନାରେ ଜନ୍ମିତ ଶିଶୁଙ୍କ ମଧ୍ୟରୁ ୧୮.୧୭ ପ୍ରତିଶତ ସିଜରିଆନ ଦ୍ୱାରା ହୋଇଥିବାବେଳେ ଘରୋଇ ଡାକ୍ତରଖାନାରେ ଏହିହାର ୮୧.୦୬ ପ୍ରତିଶତ ରହିଛି । ରାଜ୍ୟରେ ଜନ୍ମିତ ଶିଶୁମାନଙ୍କ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଦେଇଥିବା ସୂଚନାରୁ ଏହା ଜଣାପଡିଛନ୍ତି। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୩-୨୪ ବର୍ଷରେ ସରକାରୀ ଡାକ୍ତରରେ ୪,୫୧,୦୫୯ ଜଣ ପିଲା ଜନ୍ମ ହୋଇଥିବାବେଳେ ଏମାନଙ୍କ ମଦୟରୁ ୮୧,୮୯୦ ଅର୍ଥାତ ୧୮.୧୭ ପ୍ରତିଶତ ସିଜରିଆନ ଦ୍ୱାରା ହୋଇଥିଲେ । ସାଧାରଣ ପ୍ରସବ ଶିଶଙ୍କ ହାର ଥିଲା ୮୧.୮୨ ପ୍ରତିଶତ । ସେହି ସମୟରେ ଘରୋଇ ଡାକ୍ତରଖାନାରେ ମୋଟ ୧,୪୦,୧୨୬ ଜଣ ଶିଶୁ ଜନ୍ମ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧,୧୩,୫୮୯ ଜଣ ଅର୍ଥାତ ୮୧.୦୬ ପ୍ରତିଶତ ସିଜରିଆନ ପ୍ରଣାଳୀରେ ଜନ୍ମ ହୋଇଥିବାବେଳେ ୨୬,୫୨୮ ଜଣ ଅର୍ଥାତ ୧୮.୯୩ ପ୍ରତିଶତ ସାଧାରଣ ପ୍ରସବ ଦ୍ୱାରା ଜନ୍ମ ନେଇଥିଲେ । ସ୍ୱାସ୍ଥ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ୨୦୨୨-୨୩ ବର୍ଷ ଅର୍ଥାତ ୦୧.୦୯.୨୦୨୨ ରୁ ୩୧.୦୮.୨୦୨୩ ମଧ୍ୟରେ ରାଜ୍ୟରେ ୬୩,୭୭୦ ଜଣ ଶିଶୁ ସିଜରିଆନ ପ୍ରଣାଳୀରେ ଜନ୍ମଗ୍ରହଣ କରିଥିବାବେଳେ ୨୦୨୩-୨୪ ବର୍ଷର ଏହି ସମୟରେ ସିଜରିଆନ ଜନ୍ମିତ ଶିଶୁଙ୍କ ସଂଖ୍ୟା ଥିଲା ୭୮,୨୧୧ ଏବଂ ଚଳିତ ଆର୍ଥବର୍ଷରେ ୦୧.୦୯.୨୦୨୪ ରୁ ୧୮.୦୩.୨୦୨୫ ମଧ୍ୟରେ ରାଜ୍ୟରେ ୪୫,୫୪୮ ଜଣ ସିଜରିଆନ ଶିଶୁ ଜନ୍ମ ନେଇଛନ୍ତି । ଉପରୋକ୍ତ ସମସ୍ତ ଜନ୍ମିତ ସମସ୍ତ ଶିଶୁଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ବ୍ୟବହାର ହୋଇଥିବା ମନ୍ତ୍ରୀ ତାଙ୍କ ଉତରରେ ଦର୍ଶାଇଛନ୍ତି ।

# ଉଦ୍ୟୋଗ ପ୍ରତିଷ୍ଠା ନେଇ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା,୨୫/୩ (ନି.ପ୍ର): ଜିଲ୍ଲା ଶିଳ୍ପକେନ୍ଦ୍ର ଭୂବନେଶ୍ୱର ଆୟୋଜନରେ ଏବଂ ଆଇଏମଏମଏସ ସହଯୋଗରେ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ପ୍ରଶିକ୍ଷଣ ଶିବିର ଶିଶୁ ବିକାଶ ଅଧିକାରୀଙ୍କ ସମ୍ମଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆଇଏମଏମଏସର ନିର୍ଦ୍ଦେଶକ ଅଶଂମାନ ଦାସ୍ଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାଶିଳ୍ପକେନ୍ଦ୍ରର ସହକାରୀ ପରିଚାଳକ ସଂପଦ କୁମାର ନାୟକ, ମୁଖ୍ୟବକ୍ତା ଭାବେ ମିଶନଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ସନ୍ତୋଷ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବ୍ଲକ ଶିଳ୍ପ ବିକାଶ ଅଧିକାରୀ ତପନ କୁମାର ବାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜେ ଉଦ୍ୟୋଗ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହୋଇପାରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଯେଉଁ ବ୍ୟକ୍ତିମାନେ ଆତ୍ମନିଯୁକ୍ତି ପାଇଁ ଇଚ୍ଛା ରଖୁଥାନ୍ତି ଏବଂ ତା ମାଧ୍ୟମରେ ଆର୍ଥିକ ସଂସ୍ଥାପନ ବା ଜୀବିକା ନିର୍ବାହ କରିବାପାଇଁ ଚାହିଁଥାନ୍ତି, ସେମାନଙ୍କ ପାଇଁ ଉଦ୍ୟୋଗ ସ୍ଥାପନ ନିମନ୍ତେ ଉକ୍ତ ପାଠ୍ୟକ୍ରମ ଅତ୍ୟନ୍ତ ଜରୁରୀ ଅଟେ । ଯେହେତୁ ଆତ୍ମନିଯୁକ୍ତିର ବିଭିନ୍ନ ପନ୍ଥା ସଂପୂର୍ଣ ଭାବେ ନିଜ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥାଏ ସେଗୁଡିକୁ ଉଦ୍ୟୋଗୀ ନିଜେ ପରିଚାଳନା କରିଥାନ୍ତି ଛସରକାର ମଧ୍ୟ ଉଦ୍ୟୋଗ ପ୍ରତିଷ୍ଠା ଦିଗରେ ବହୁ ଯତବାନ । ବେକାରୀ ଯୁବକ ଯୁବତୀ ମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଥିବା ବେଳେ ବହୁ ବେକାର ଯୁବକ ଯୁବତୀ ଉକ୍ତ ପ୍ରଶିକ୍ଷଣ ଗ୍ରହଣ କରି ନିଜେ ଉଦ୍ୟୋଗ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହେବା ସହିତ ନିଜେ ନିଜର ପରିବାର ପ୍ରତିପୋଷଣ କରିପାରୁଛନ୍ତି ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଖୋର୍ଦ୍ଧାର ମହିଳା ଉଦ୍ୟୋଗୀ ମମତା ପ୍ରାଣିଗ୍ରାହୀ ୨୦୨୧ ମସିହାରେ ବିଜେ ବ୍ୟାଙ୍କରୁ ଋଣ ନେଇ ସ୍ୱାବଲମ୍ବୀ ହୋଇଥିବା ବିଜର ଅନୁଭୂତି ବଖାଣିଥିଲେ । କାର୍ଯ୍ୟକ୍ରମକୁ ରଞ୍ଜନ କୁମାର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଖୋର୍ଦ୍ଧା ବ୍ଲକର ୩୦ ଜଣ ଯୁବକ ଯୁବତୀ ପ୍ରଶିକ୍ଷଣରେ ଯୋଗଦେଇଥିଲେ ଛଦୀର୍ଘ ୧୨ଦିନ ଧରି ଉକ୍ତ ପ୍ରଶୀକ୍ଷଣ ଶିବିର ଚାଲିବ ବୋଲି ଶିଳ୍ପ ବିକାସ ଅଧିକାରୀ ଶ୍ରୀଯୁକ୍ତ ଦାସ ମତବ୍ୟକ୍ତ କରିଥିଲେ ।

# ଜୟନ୍ତିଗିରିଠାରେ ପଂଚାୟତସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର,୨୫/୩ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତିଗିରି ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ବ୍ଲକ ଅଧ୍ୟକ୍ଷା ତିଳୋତମା ମୁଦୁଲି, ଏବିଡିଓ ମନୋଜ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରି କେ ଏସ ନିଶା, ଏପିଓ ସନ୍ତୋଷି ମହାପାତ୍ର ପିଇଓ ନବିନ ଚନ୍ଦ୍ର ନାୟକ, ସରପଂଚ ଭଦ୍ର ପୁଜାରି ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ରାସ୍ତା ନିର୍ମାଣ, ପାନିୟ ଜଳ ଯୋଗାଣ ସମସ୍ୟା ଆଦି ଅଭିଯୋଗ ଜଣାଇଥିଲେ । ଏହା ସହ ଉପସ୍ଥିତ ଅଧିକାରି ମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ହିତାଧିକାରୀମାନେ ପାଇପାରିବେ ସେନେଇ ସଚେତନ କରିଥିଲେ ।

# ବେଲପାହାଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଓ ଛାତ୍ରୀ ପାଳନ କଲେ ବାର୍ଷିକ ଉତ୍ସବ

ଘଟଗାଁ,୨୫/୩ (ନି.ପ୍ର): ବେଲପାହାଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ୭୨ତମ ବାର୍ଷିକ ଉତ୍ସବଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବାର୍ଷିକ ଉତ୍ସବକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ କଳ୍ପନା ସିଂ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷକ ବାଉରୀ ଚରଣ ନାଏକ ଅତିଥି ପରିଚୟ କରିଥିଲେ । ଅତିଥି ମାନଙ୍କୁ ବିଦ୍ୟାଳୟ ଛାତ୍ରୀ ମାନେ ନୃତ୍ୟ ମାଧ୍ୟମରେ ସ୍ୱାଗତ କରି ଆସନ ଅଳଙ୍କୃତ କରାଇଥିଲେ। ଉକ୍ତ ବାର୍ଷିକ ଉତ୍ସାରେ ମୁଖ୍ୟ ଅତିଥି ଭାବେ ତରା ଗ୍ରାମ ପଂଚାୟତ ସରପଂଚ ଚୂଡ଼ାମଣୀ ହେମ୍ବ୍ରମ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷାବିତ ଶ୍ରୀଯୁକ୍ତ ଶିରପାଣି ମହାନ୍ତ ଯୋଗ ଦେଇଥିଲେ ।ଅନ୍ୟମାନଙ୍କ ଭିତରେ ଯୁବ ସାମ୍ବାଦିକ ତ୍ରିଲୋଚନ ପାତ୍ର, କମଳ ଲୋଚନ ପଇଦା, ଗ୍ରାମର ଆଶା ଦିଦି ମନୋରମା ସେଠୀ ଓ ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଅନିରୋଧ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଂଚର ଶୋଭା ବର୍ଦ୍ଧିତ କରିଥିଲେ। ମୁଖ୍ୟ ବକ୍ତା ଶିକ୍ଷାର ମାର୍ଗ ଓ ଦିଗଦର୍ଶନ ଉପରେ ଅଭିଭାଷଣ ରଖିଥିବା ବେଳେ ଶିକ୍ଷା ଏମିତି ଏକ ଧନ ଯାହା କେବିବି ପାଣିରେ ବୁଡିବ ନାହିଁ କି ନିଆଁରେ ଜଳିବ ନାହିଁ। ବିଦ୍ୟାକୁ କେବେ କେହି ଚୋରୀ କରିବରିବେ ନାହିଁ। ତାହା ଏମିତି ଏକ ରତ୍ନ ଯେତେ ମାଜିଲେ ସେତେ ଚମକିବ ବୋଲି ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ କହିଥିଲେ । ତେଣୁ ପ୍ରତେକ ଦିନ ବିଦ୍ୟାଳୟରେ ଉପସ୍ଥିତ ରହି ଗୁରୁ ଓ ଗୁରୁ ମା ଦେଉଥିବା ଜ୍ଞାନକୁ ଅର୍ଜନ କରି ବିଦ୍ୟାଳୟ ନାଁ ରଖିବାକୁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ପରେ ଯୁବ ସାମ୍ବାଦିକ ଶ୍ରୀ ପାତ୍ର ପ୍ରତିକ୍ରିୟାରେ କହିଥିଲେ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା ଯେଉଁ କାରଖାନାରେ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଜଣେ ଜଣେ ବିନ୍ଧାଣୀ। ଯାହାର ଜ୍ଞାନର ନିହାନରେ ଗଢି ଉଠିଥାଏ ଏକ ସୁସ୍ଥ ସମାଜ। ଏଣୁ ଗୁରୁ ଶିଷ୍ୟ ମଧ୍ୟରେ ଉତମ ବୁଝାମଣା ରଖି ଜ୍ଞାନକୁ ଛାତ୍ର ଛାତ୍ରୀ ମାନେ ଅର୍ଜନ ବଡ ମଣିଷ ହେଲେ ବିଦ୍ୟାଳୟର ଗର୍ବ ଓ ଗୌରବ ହେବ। ଆଶା ଦିଦି ଶ୍ରୀମତୀ ସେଠୀ କହିଥିଲେ ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ ତେଣୁ ତେଣୁ ସ୍ୱାସ୍ଥ୍ୟ ଉପରେ ଯତ୍ନ ବାନା ହେବା ନିତ୍ୟାନ୍ତ ଆବଶ୍ୟକ। ଶିଶୁର ସୁସ୍ଥ ଶରୀର ପାଇଁ ଲିପ୍ତ ହେଇଯାଉଥିବା ଖାଦ୍ୟ ନିତ୍ୟାନ୍ତ ଆବଶ୍ୟକ। ମଂଚ ସମ୍ମୁଖରେ ଉପସ୍ଥିତ ଥିବା ମା ମାନଙ୍କୁ ଅନୁରୋଧ କରି କହିଥିଲେ କୁରକୁରି, ଲେଜ, ବିସ୍କୁଟ ଭଳି ସୂକ୍ଷ୍ମ ଖାଦ୍ୟରୁ ଦୂରେ ପୂର୍ବ ପ୍ରଚଳିତ ଖାଦ୍ୟ ପୋଡ଼ ପିଠା, ମାଣ୍ଡିଆ ଯାଉ, ଛତୁଆ ଦେବାକୁ ପରାମର୍ଶ ଦେଇଥିଲେ। ବିଗତ ଦିନରେ ବିଭିନ୍ନ କଳାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନ ପତ୍ର ଓ ଉପହାର ଦେଇ ସମର୍ଦ୍ଧିତ କରିଥିଲେ। ଶେଷରେ ବିଦ୍ୟାଳୟ ଶିକ୍ଷୟତ୍ରୀ ବୀଣାପାଣି ପଟ୍ଟନାୟକ ସଭାସଙ୍ଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଶିକ୍ଷୟତ୍ରୀ ପ୍ରିୟଙ୍କା ମହାପାତ୍ର, ସଂଯୁକ୍ତା ଜେନା, କୃଷ୍ଣ ଚନ୍ଦ୍ର ସାହୁ, ରାଜେଶ ପାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବୃନ୍ଦ।

# ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧନା

ଜୟପୁର,୨୫/୩ (ନି.ପ୍ର): ଜୟପୁର ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ହିନ୍ଦୀ ମୂଲ୍ୟାଙ୍କନ ପାଇଁ ଆସିଥିବା ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା ପଂଚାୟତ ଉଚ୍ଚ ବିଦ୍ୟାଳୟ ଶଶାହାଣ୍ଡି ର ଅବସପ୍ରାପ୍ତ ହିନ୍ଦୀ ଶିକ୍ଷକ ଗୌରହରି ମହାନ୍ତି, ମାର୍ଚ୍ଚ ୩୧ ରେ ଅବସର ଗ୍ରହଣ କରିବାକୁ ଯାଉଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ବିଶିଷ୍ଟ ହିନ୍ଦୀ ଶିକ୍ଷକ ଭଗ୍ୱାନ ସାବତ ଓ ସେପର୍ଟ୍ମେର ୩୦ ରେ ଅବସର ଗ୍ରହଣ କରିବାକୁ ଯାଉଥିବା ସରକାରୀ ଉଚ୍ଚ ବିଦ୍ୟାଳୟ କୋଟପାଡ଼ ର ହିନ୍ଦୀ ଶିକ୍ଷକ ଶରତ ଚନ୍ଦ୍ର ସାହୁଙ୍କୁ ପୁଷ୍ପ ଗୁଚ୍ଛ, ଉପଢୌକନ ଓ ଉପହାର ଦେଇ ବିଦାୟକାଳୀନ ସମ୍ବର୍ଧନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସିଟି ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରତାପ ପଟ୍ଟନାୟକ ପରିଚାଳନା କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ମହାପାତ୍ର, ରାଜେନ୍ଦ୍ର ପଣ୍ଡା, ପ୍ରିୟଦର୍ଶିନୀ ଭୋଇ, ପପିତା ପ୍ରଧାନ, ଭଗବାନ ପାଢ଼ୀ, ଶର୍ମିଷ୍ଠା ବିଶ୍ୱାଳ, ମହେନ୍ଦ୍ର ଚୌଧୁରୀ, ମେଘାରାଣୀ ପାଲ, ଶ୍ରଦ୍ଧାଞ୍ଜଳି, ଶଙ୍କର, ଭେଙ୍କଟେଶ୍ୱର ଦୋରା, ଲଳିତ ହୁଇ ବିକାଶ ଭୋଇ, ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମହେଶ୍ୱରପୁର ପଂଚାୟତରେ ମିଳିତ ଜନ ଶୁଣାଣି ଶିବିର : ୨୯ଗୋଟି ଅଭିଯୋଗ

ଧର୍ମଶାଳା,୨୫/୩ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତସ୍ଥ ରାଜୀବ ଗାନ୍ଧୀ ସଭାଗୃହ ପରିସରରେ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ରସୁଲପୁର ବ୍ଲକ ଉନ୍ନୟନ ଅଧିକାରୀ ସତ୍ୟାନନ୍ଦ ଦାସ ,ରସୁଲପୁର ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁଙ୍କ ସମେତ କନିଷ୍ଠ ଯନ୍ତ୍ରୀ,ପାନୀୟ ଜଳ ଯୋଗାଣ ବିଭାଗର କର୍ମଚାରୀ ପ୍ରମୁଖ ଯୋଗ ଦେଇ ଆସିଥିବା ଅଭିଯୋଗ ଗୁଡିକୁ ଯାଂଚ କରିଥିଲେ । ବିଶେଷ କରି ଏହି ଶିବିରରେ ରାସନ କାର୍ଡ, ଭର୍ତା, ଭିନ୍ନକ୍ଷମ ପ୍ରମାଣ ପତ୍ର, ଆବାସ ଯୋଜନା, ରାଜସ୍ୱ ବିଭାଗ ସମେତ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗ ସମ୍ବନ୍ଧୀୟ ୨୯ଗୋଟି ଅଭିଯୋଗ ଆସିଥିଲା । କେତେକ ସମସ୍ୟାର ତତ୍କାଳ ସମାଧାନ କରାଯାଇଥିଲା । ଆଉ କିଛି ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଶେଷ କରି ଏହି ଶିବିରରେ ପଂଚାୟତର ବିଭିନ୍ନ ୱାର୍ଡରୁ ଆସିଥିବା ଅଭିଯୋଗକାରୀମାନେ ଧାଡିରେ ରହି ଅଭିଯୋଗ ପତ୍ର ଦାଖଲ କରିଥିଲେ । ଅନେକ ଅଭିଯୋଗକାରୀ ନିରାଶ ହୋଇ ଫେରିଯାଇଥିବା ଜଣାପଡିଛି । ଯାହାକି ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଅଭିଯୋଗକାରୀ । ଏହି ମିଳିତ ଜନ ଶୁଣାଣି ଶିବିରରେ ବ୍ରହ୍ମବରଦା ଥାନା ଓ ବ୍ରହ୍ମବରଦା ବିଦ୍ୟୁତ ବିଭାଗର ଅଧିକାରୀ ଅନୁପସ୍ଥିତ ରହିଥିଲେ । ଫଳରେ ଥାନାରେ ଅନେକ ବ୍ୟକ୍ତିଙ୍କ ନାମରେ ମାମଲା ସଂକ୍ରାନ୍ତୀୟ ବିଷୟରେ ଜାଣିବା ପାଇଁ ଆସିଥିବା ବେଳେ ଅନେକ ବିଦ୍ୟୁତ୍ ସମସ୍ୟାକୁ ନେଇ ଉପଭୋକ୍ତାମାନେ ଆସି ଅପେକ୍ଷା କରି ନିରାଶ ହୋଇ ଫେରିବାକୁ ବାଧ୍ୟ ହୋଇଥିଲେ । ଦୁଇ ଅଧିକାରୀ ମିଳିତ ଜନ ଶୁଣାଣି ଶିବିରରେ ଅନୁପସ୍ଥିତ ରହିଲେ ତାହାକୁ ନେଇ ପଂଚାୟତରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ କାହା ସ୍ୱାର୍ଥରେ ଏହି ଶିବିର ଅନୁଷ୍ଠିତ ହେଉଛି ବୋଲି ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି । ଅନ୍ୟ ପକ୍ଷେ ଏହି ଶିବିରକୁ ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିବା ଜଣାପଡିଛି । ତେବେ ପ୍ରଶାସନ ଏହି ଶିବିର ପାଇଁ ଅଭିଯୋଗକାରୀଙ୍କ ବିଭିନ୍ନ ପଦକ୍ଷେପ ନେଉଛନ୍ତି ତେବେ ବ୍ଲକ ପ୍ରଶାସନର ଏଭଳି ମୁନମୁଖୀ କାର୍ଯ୍ୟକୁ ନେଇ ଉଚ୍ଚ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ନିରାଶ ହୋଇ ଫେରିଥିବା ଅଭିଯୋଗକାରୀମାନେ ଦାବି କରିଛନ୍ତି ।

# ଢେପଗୁଡା ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଜୟପୁର,୨୫/୩ (ନି.ପ୍ର): ଜୟପୁର ଢେପଗୁଡା ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି ଓ ମୁଖ୍ୟ ଅତିଥି ଭାବେ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜୟପୁର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଶତପଥୀ, ବିଦ୍ୟାଳୟ କମିଟି ଅଧ୍ୟକ୍ଷ ସହଦେବ ବାଘ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ପ୍ରିୟମ୍ବଦା ପାତ୍ର, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ଶ୍ରୀମତି ସଂଯୁକ୍ତା ରାଉତ, ବରିଷ୍ଠ ସହାୟକ ଶଶୀଭୂଷଣ ଦାଶ୍ ଓ ହିସାବ ରକ୍ଷକ ରଞ୍ଜିତ ମହାନ୍ତି ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସଙ୍କରି ଦଳପତି ସଭାରେ ସଭାପତିତ୍ୱ କରିବା ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ।ଓ ବିବରଣି ପାଠରେ କେବଳ ଗୋଟିଏ ଶ୍ରେଣୀ ଗୃହରେ ବିଦ୍ୟାଳୟ ଚାଲୁଥିବା ଯୋଗୁଁ ଜରାଜିର୍ଣ ଅବସ୍ଥାରେ ପଡିଥିବା ଅନ୍ୟ ଏକ ଶ୍ରେଣୀର ମରାମତି କରାଇବା ସହ ବିଦ୍ୟାଳୟର ପାଚେରି ନିର୍ମାଣ କରିବା ନିମନ୍ତେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକ ପ୍ରତାପ ଚନ୍ଦ୍ର ବେହେରା ଅନୁରୋଧ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ମିଶ୍ର ମଂଚ ପରିଚାଳନାରେ ସହଯୋଗ କରିଥିଲେ । ମୁଖ୍ୟ ଅତିଥି କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ଦିଗଦର୍ଶନ ଦେବା ସହିତ ଗୁଣାତ୍ମକ ଶିକ୍ଷାଦାନ ଉପରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ମାନେ ପିଲା ମାନଙ୍କର ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଥିଲେ ଓ ମୁଖ୍ୟ ଅତିଥି ଙ୍କ ଦ୍ୱାରା ଆଲୁମିନା ଓ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ପରିଶେଷରେ କୁନି କୁନି ଛାତ୍ରଛାତ୍ରୀମାନେ କୋରାପୁଟିଆ ଦେଶିଆ ଗୀତରେ ନୃତ୍ୟ ପରିବେଷଣ କରିବା ସହିତ ନୃତ୍ୟ ମାଧ୍ୟମରେ ପାଠ, ଯୋଗ ଓ ଖେଳକୁଦ ର କାର୍ଯ୍ୟକ୍ରମ ଆସ ଆମେ ଖେଳିବା ପରିବେଷଣ କରିଥିଲେ ଓ ପରିଶେଷରେ ପ୍ରଧାନ ଶିକ୍ଷୟତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

# ବଲାଙ୍ଗୀର ଜିଲ୍ଲା ବ୍ୟାଡମିଂଟନ ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗୀର,୨୫/୩ (ନି.ପ୍ର): ଗତ ୨୨ ଓ ୨୩ ତାରିଖରେ ଆର୍.ଏନ୍. ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଦୁଇ ଦିନ ଧରି ଚାଲିଥିବା ଜିଲ୍ଲା ସ୍ତରୀୟ ବ୍ୟାଡମିଂଟନ ପ୍ରତିଯୋଗିତା ମହାସମାରୋହରେ ଉଦ୍ ?ଯାପିତ ହୋଇଯାଇଛି। ଦେବାଶିଷ ଫିଜିକାଲ ଏକାଡେମୀ ତରଫରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଉଦ୍‌ଘାଟନି ସଭାରେ ବିଶିଷ୍ଟ ସମାଜସେବୀ ଅଜୟ କୁମାର ଦାସ ଯୋଗ ଦେଇଥିଲେ। ଏଥିରେ ୭୦ ଜଣ ପୁରୁଷ ଓ ମହିଳା ଭାଗ ନେଇଥିଲା। ଅନୁଷ୍ଠାନର ମୁଖ୍ୟ ଦେବାଶିଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଶିଷ୍ଟ କ୍ରୀଡା ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ୍, ପ୍ରଭାତ ଦାସ, ଅଭିମନ୍ୟୁ ବର୍ଗର୍ତି, ଆଶିଷ ସାହୁ କ୍ରୀଡା ପରିଚାଳନା ରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ମୁଖ୍ୟ ଅତିଥି, ସୁଜୟ ରାୟ ମୁଖ୍ୟବକ୍ତା, ସୀମା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ବିହାର, ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ମେଗା ଭିତିଭୂମି ପ୍ରକଳ୍ପଗୁଡ଼ିକର ସମୀକ୍ଷା କଲା ପିଏମଜି

ନୂଆଦିଲ୍ଲୀ,୨୫/୩ (ନି.ପ୍ର): ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି)ର ପ୍ରୋଜେକ୍ଟ ମନିଟରିଂ ଗ୍ରୁପ୍ (ପିଏମଜି) ବିହାର, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ପ୍ରମୁଖ ଭିତିଭୂମି ପ୍ରକଳ୍ପଗୁଡ଼ିକର ଏକ ସବିଶେଷ ସମୀକ୍ଷା କରିଛି । ପିଏମଜିର ଅଧିକାରୀମାନେ ୧୯ଟି ପ୍ରମୁଖ ପ୍ରକଳ୍ପର ୨୩ଟି ପ୍ରସଙ୍ଗ ଉପରେ ଯାଂଚ କରିଥିଲେ, ଯେଉଁଥିରେ ମୋଟ ୬୩,୮୫୮ କୋଟି ଟଙ୍କାରୁ ଅଧିକ ନିବେଶ ହୋଇଛି । ଏଥିରେ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ପାଂଚଟି ପ୍ରକଳ୍ପ ଅନ୍ତର୍ଭୁକ୍ତ, ବିଶେଷକରି ତିନୋଟି ରାଜ୍ୟର କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସଆଇସି) ହସ୍ପିଟାଲ ଉପରେ ଫୋକସ କରାଯାଇଥିଲା। ଏହି ହସ୍ପିଟାଲଗୁଡ଼ିକର ଉଦ୍ଦେଶ୍ୟ ହେଉଛି ବୀମାକୃତ ନାଗରିକ ଏବଂ ସେମାନଙ୍କ ପରିବାରକୁ ସ୍ୱତନ୍ତ୍ର ଚିକିତ୍ସା, ଔଷଧ ଏବଂ ହସ୍ପିଟାଲରେ ଭର୍ତ୍ତି ସମେତ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ସୁବିଧା ପ୍ରଦାନ କରିବା। ଏହା ସହିତ, ଇସ୍ପାତ, କୋଇଲା, ସଡ଼କ ପରିବହନ ଏବଂ ରାଜପଥ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍, ରେଳ ଏବଂ ଶକ୍ତି ମନ୍ତ୍ରଣାଳୟ ସହ ଜଡିତ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା ଯାହାଦ୍ୱାରା ପ୍ରତିବନ୍ଧକଗୁଡ଼ିକୁ ଚିହ୍ନଟ କରି ଦୂର କରାଯାଇପାରିବ ଏବଂ ସେଗୁଡ଼ିକୁ ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରାଯାଇପାରିବ। ଉଲ୍ଲେଖନୀୟ, ବିହାରର ବକ୍ସର ଥର୍ମାଲ ପାଓ୍ୱାର ପ୍ଲାଣ୍ଟ (୧୩୨୦ ମେଗାଓ୍ୱାଟ) ପ୍ରକଳ୍ପ, ଯାହାର ଆନୁମାନିକ ମୂଲ୍ୟ ୧୦,୪୩୯.୦୯ କୋଟି ଟଙ୍କା, ସମୀକ୍ଷାର ମୁଖ୍ୟ କେନ୍ଦ୍ର ଥିଲା। ପ୍ରମୁଖ ଅର୍ଥନୈତିକ ପରାମର୍ଶଦାତା ଶ୍ରୀ ପ୍ରବୀଣ ମାହାତୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାର ଏବଂ ପ୍ରକଳ୍ପ ସମ୍ବନ୍ଧୀୟ ସଂସ୍ଥାଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ପ୍ରଭାବିତ କରୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ଚିହ୍ନଟ ଏବଂ ଆଲୋଚନା କରିଥିଲେ। ଶ୍ରୀ ପ୍ରବୀଣ ମାହାତୋ ପ୍ରକଳ୍ପ ତଦାରଖ ପାଇଁ ସାଂସ୍ଥାଗତ ଢାଂଚାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃଦୋହରାଇଥିଲେ ଏବଂ ପଡ଼ି ରହିଥିବା ସମସ୍ୟାଗୁଡ଼ିକର ସମାଧାନରେ ତତ୍ପରତା ଦେଖାଇବାକୁ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ।

# ଦୁର୍ଗାପୁରରେ ଅନୁଷ୍ଠିତ ଏସପିଏସବି ଆନ୍ତଃ ଇସ୍ପାତ ଚେସ୍ ଚାମ୍ପିଅନସିପ୍ - ୨୦୨୫ରେ ଆରଏସପି ଦଳର ଉଜ୍ଜ୍ୱଳ ଅର୍ଜନ

ରାଉରକେଲା,୨୫/୩ (ନି.ପ୍ର): ଚଳିତ ବର୍ଷ ଦୁର୍ଗାପୁରର ଷ୍ଟିଲ୍ କ୍ଲବ୍‌ରେ ମାର୍ଚ୍ଚ ୨୦ ରୁ ୨୨ ତାରିଖ ପର ?ୟ୍ୟନ୍ତ ଚାଲି ଥିବା ଏସ ପି ଏସ ବି ଆନ୍ତଃ ଇସ୍ପାତ ଚେସ୍ ଚାମ୍ପିଅନସିପ୍ ?ରେ ସେଲ ଆର ଏସପି ଚାମ୍ପିଅନ ଭାବରେ ଉଭା ହୋଇଛି। ଏହି ଟୁର୍ଣ୍ଣାମେଣ୍ଟଟି ଆଲୟ ଷ୍ଟିଲ୍ ପ୍ଲାଣ୍ଟ ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ଏଥିରେ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ, ଆଲୟ ଷ୍ଟିଲ୍ ପ୍ଲାଣ୍ଟ, ଇସ୍କୋ, ବର୍ନପୁର, ସାଲେମ୍ ଷ୍ଟିଲ୍ ପ୍ଲାଣ୍ଟ, ଆର ଆଇ ଏନ ଏଲ ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଅଂଶଗ୍ରହଣ କରିଥିଲେ।

ଏହି ଚାମ୍ପିଅନସିପ୍ ରାଉଣ୍ଡ ରବିନ୍ ଲିଗ୍ ଫର୍ମାଟ୍ ଅନୁସରଣ କରିଥିଲା, ଯେଉଁଠାରେ ପ୍ରତ୍ୟେକ



ଦଳ ଅନ୍ୟ ସମସ୍ତ ଦଳ ସହିତ ପ୍ରତିଯୋଗିତା କରିଥିଲା। ଆର ଏସପି ଦଳ ପକ୍ଷ ରୁ ଟି ଏଣ୍ଡ ଆର ଏମ ବିଭାଗ ର ସିନିୟର ମ୍ୟାନେଜର ଶ୍ରୀ ବିନାୟକ ଜେନା, କୋକ ଓଭେନ ବିଭାଗ ର ସିନିୟର ଟେକ୍ନିସିଆନ୍, ଶ୍ରୀ ଏନ. ଏନ. ବେହେରା, ଏସ ଏମ ଏସ -୨ ବିଭାଗର ଏମ ଓ ଏମ ଟି ଶ୍ରୀ ଗୋବର୍ଦ୍ଧନ ବେହେରା, ପ୍ଲେଟ ମିଲ ବିଭାଗ ର ଏମ ଓ ଏମ ଟି , ଶ୍ରୀ ଆଇ. ସି. ଭୂୟାଁ, ଏବଂ ଏଫ ଏମ ଏମ ବିଭାଗ ର ମାଷ୍ଟର୍ ଟେକ୍ନିସିଆନ୍ ଶ୍ରୀ ଏସ. କେ. ନାୟକ, ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ଆର ଏସପି ଟିମ ସହିତ ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗ ର ମାଷ୍ଟର୍ ଟେକ୍ନିସିଆନ୍ କୋଚ ତଥା ଖେଳ ମ୍ୟାନେଜର ଶ୍ରୀ ପି. ସି. ସାହୁ ଉପସ୍ଥିତ ଥିଲେ।

ଉଲ୍ଲେଖନୀୟ ଯେ, ଟୁର୍ଣ୍ଣାମେଣ୍ଟରେ ସ୍ଥିରତା ଏବଂ ଦକ୍ଷତା ପ୍ରଦର୍ଶନ ପୂର୍ବକ ଟିମ୍ ଆର ଏସ ପି ପ୍ରଥମ ରାଉଣ୍ଡରୁ ଶେଷ ପର ?ୟ୍ୟନ୍ତ ଅପରାଜିତ ରହିଥିଲା। ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ସହିତ ଶେଷ ରାଉଣ୍ଡରେ ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ ଉପରେ ନିର୍ଣ୍ଣାୟକ ବିଜୟ ହାସଲ କରି ଚାମ୍ପିଅନସିପ୍ ଟାଇଟଲ ହାସଲ କରିଥିଲା। ଏଥିରେ ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟକୁ ରନର୍ସ-ଅପ୍ ଘୋଷଣା କରାଯାଇଥିଲା। ଏଥିସହିତ ଶ୍ରୀ ବିନାୟକ ଜେନା, ଶ୍ରୀ ଗୋବର୍ଦ୍ଧନ ବେହେରା ଏବଂ ଶ୍ରୀ ଏନ ଏନ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବୋର୍ଡରେ ବ୍ୟକ୍ତିଗତ ବୋର୍ଡ ପୁରସ୍କାର ପାଇଥିଲେ। ପରିଶେଷ ରେ ପୁରସ୍କାର ବିତରଣ ସମାରୋହରେ ଏ ଏସ ପି ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ସୁବରାଜ, ଅଧ୍ୟକ୍ଷତା କରିବା ସହିତ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଟ୍ରଫି ପ୍ରଦାନ କରିଥିଲେ।



ଗୋପାଳ ମହାପାତ୍ର

# ଭାରତୀୟ ମୁଦ୍ରାର ପ୍ରତୀକ ପରିବର୍ତ୍ତନ

ଆଞ୍ଚଳିକ ଭାଷାର ବ୍ୟବହାରକୁ ନେଇ ବିବାଦ ଚାଲିଥିବା ବେଳେ ଏବେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍ ଭାରତୀୟ ମୁଦ୍ରା ଟଙ୍କାର ଚିହ୍ନ ପରିବର୍ତ୍ତନ କରିଦେଇଛନ୍ତି। ଏହା ଏବେ ରାଷ୍ଟ୍ରୀୟ ରାଜନୀତିରେ ମୁଖ୍ୟ ଚର୍ଚ୍ଚାର ବିଶୟ ପାଲଟିଛି। ଏହା ଦୁଃଖ ତଥା ଦୁର୍ଭାଗ୍ୟର ବିଶୟ ନିଶ୍ଚୟ। ରାଷ୍ଟ୍ରୀୟ ପ୍ରତୀକର ପରିବର୍ତ୍ତନ ଅବ୍ୟବହାରିକ। କହିବାକୁ ଗଲେ ଷ୍ଟାଲିନଙ୍କ ଏଭଳି ପଦକ୍ଷେପ ଅନାବଶ୍ୟକ ଏବଂ ବିଭାଜନକାରୀ ଅଟେ। କଥା ବା ପ୍ରସଙ୍ଗ ହେଉଛି ତାମିଲନାଡୁ ସରକାର ରାଜ୍ୟର ବଜେଟ 'ଲୋଗୋ'ରେ ଭାରତୀୟ ଟଙ୍କା(ମୁଦ୍ରା)ର ପ୍ରତୀକ ଚିହ୍ନ ସ୍ଥାନରେ ତାମିଲ ଅକ୍ଷରର ବ୍ୟବହାର କରିଛନ୍ତି । ଏଭଳି ଘଟଣା ପୂର୍ବରୁ କେବେ ଘଟିନଥିଲା। କୌଣସି ରାଜ୍ୟର ସରକାର ରାଜ୍ୟରେ ଭାରତୀୟ ମୁଦ୍ରାର ଚିହ୍ନକୁ ପରିବର୍ତ୍ତନ କରିନଥିଲେ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନଙ୍କ ଏଭଳି ପଦକ୍ଷେପକୁ ନେଇ ଅନେକ ପ୍ରକାରର ପ୍ରଶ୍ନ ଉଠୁଛି। ସରକାରୀ ସ୍ତରରେ କମ୍ୟୁନିକେସନ (ସଞ୍ଚାର) ଏବଂ ଡ଼କୁମେଣ୍ଟେସନ (ଦସ୍ତାବିଜକରଣ)ରେ ଆଞ୍ଚଳିକ ଭାଷାର ବ୍ୟବହାର ଏକ ବିବାଦର ବିଷୟ ପାଲଟିଛି। ଏହାଠାରୁ ଦୁଃଖଦ ବିଶୟ କ'ଣ ହୋଇପାରେ ଡିଏମ୍ କେ (ଦ୍ରାବିଡ ମୁନେତ୍ରା କାଜାଗାମ୍) ଆଞ୍ଚଳିକ ବା ସ୍ଥାନୀୟ ଭାଷା ଉପରେ ହିନ୍ଦୀ ଭାଷାକୁ ଲଦି ଦିଆଯାଉଛି ବୋଲି ଅଭିଯୋଗ କରୁଛି। ତୃତୀୟ ଭାଷା ହିନ୍ଦୀକୁ ନେଇ କେନ୍ଦ୍ରୀୟ ସରକାର ଓ ତାମିଲନାଡୁ ସରକାରଙ୍କ ମଧ୍ୟରେ ବିବାଦ ଚାଲିଥିବା ବେଳେ ମୁଦ୍ରାର ପ୍ରତୀକ ଚିହ୍ନ ପରିବର୍ତ୍ତନ କରାଯିବା ଠିକ୍ କି? ତାମିଲନାଡୁ ରାଜ୍ୟ ସରକାରଙ୍କ ପାଖରେ ଏଭଳି ମୁଦ୍ରାର ପ୍ରତୀକ ଚିହ୍ନ ପରିବର୍ତ୍ତନ କରିବାର ଅଧିକାର ଅଛି କି? ସାରା ଦେଶରେ ମାନ୍ୟତା ପ୍ରାପ୍ତ ତଥା ପ୍ରଚଳିତ ମୁଦ୍ରାର ପ୍ରତୀକ ଚିହ୍ନ ରାଜ୍ୟ ସରକାର ବଦଳାଇ ପାରିବେ କି? ଏଭଳି ଅନେକ ପ୍ରଶ୍ନ ଉଠିବା ସହ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି ।ତଥ୍ୟ ଅନୁସାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଭାରତୀୟ ମୁଦ୍ରାର ପ୍ରତୀକ ଚିହ୍ନର ପରିବର୍ତ୍ତନ ପ୍ରସଙ୍ଗକୁ ନେଇ କୌଣସି ସ୍ପଷ୍ଟ ଦିଶାନିର୍ଦ୍ଦେଶ ଉପଲବ୍ଧ ନାହିଁ। ଏଣୁ ସ୍ପଷ୍ଟ ଭାବେ କୁହାଯାଇପାରିବ ନାହିଁ ଯେ ତାମିଲନାଡୁ ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଆଇନ୍‌ର ଉଲଂଘନ। ଉପଲବ୍ଧ ସୂଚନା ଅନୁସାରେ ରାଷ୍ଟ୍ରୀୟ ଚିହ୍ନର ସୂଚୀରେ ମୁଦ୍ରା (ଟଙ୍କା)ର ଚିହ୍ନ ନାହିଁ। ରାଷ୍ଟ୍ରୀୟ ଚିହ୍ନର ପରିବର୍ତ୍ତନ ପ୍ରସଙ୍ଗରେ ଭାରତୀୟ ରାଷ୍ଟ୍ରୀୟ ଚିହ୍ନ (ଦୁରୁପଯୋଗ କୁ ରୋକିବା) ଆଇନ ୨୦୨୫ ପ୍ରଣୟନ କରାଯାଇଥିଲା। ୨୦୦୭ରେ ଏହି ଆଇନ୍‌କୁ ଅପଡ଼େଟ ବା ନୂଆରପ ଦିଆଯାଇଥିଲା। ଆଇନର ଧାରା ୬(୨) (ଏଫ)ରେ କୁହାଯାଇଛି ଯେ ସରକାର ରାଷ୍ଟ୍ରୀୟ ପ୍ରତୀକର ଡିଜାଇନରେ ପରିବର୍ତ୍ତନ କରି ପାରିବେ। ସିଧା ଭାବରେ କୁହାଯାଇପାରିବ ଯେ ଆବଶ୍ୟକତା ପଡିଲେ କେନ୍ଦ୍ର ସରକାରଙ୍କ ପାଖରେ ରାଷ୍ଟ୍ରୀୟ ଚିହ୍ନ (ପ୍ରତୀକ)ରେ ପରିବର୍ତ୍ତନ କରିପାରିବେ। ଆଇନ୍ ଅନୁସାରେ କେବଳ ଚିହ୍ନର ଡିଜାଇନରେ ହିଁ ପରିବର୍ତ୍ତନ କରାଯାଇ ପାରିବ କିନ୍ତୁ ଏହାର ପୁରା ଡିଜାଇନକୁ ପରିବର୍ତ୍ତନ କରାଯାଇ ପାରିବ ନାହିଁ। ବିଶେଷଜ୍ଞ ମାନଙ୍କ ମତରେ କେନ୍ଦ୍ର ସରକାର ଯଦି ଚାହିଁବେ ତେବେ ପୁରା ଚିହ୍ନ (ପ୍ରତୀକ)କୁ ପରିବର୍ତ୍ତନ କରିପାରିବେ। ଭାରତୀୟ ରାଷ୍ଟ୍ରୀୟ ଚିହ୍ନ (ଦୁରୁପଯୋଗ ରୋକିବା) ଆଇନ୍ ୨୦୦୫ ରେ ଏମିତି କୌଣସି ପ୍ରାବଧାନ ନାହିଁ ଯେଉଁଥିପାଇଁ ସରକାରଙ୍କୁ ଏଭଳି ପରିବର୍ତ୍ତନ ପାଇଁ ଅଟକାଇ ପାରିବ। ଏଭଳି ସ୍ଥିତିରେ ସମ୍ବନ୍ଧିତ ଆଇନ୍‌ରେ ସଂଶୋଧନ ପରେ ଲୋକସଭା ଏବଂ ରାଜ୍ୟସଭାରେ ଗୃହୀତ କରାଯାଇ ରାଷ୍ଟ୍ରୀୟ ପ୍ରତୀକ (ଚିହ୍ନ)କୁ ପରିବର୍ତ୍ତନ କରାଯାଇପାରିବ।

ଉଲ୍ଲେଖନୀୟ ଯେ ଭାରତୀୟ ସମ୍ବିଧାନର ୮ମ ଅନୁସୂଚୀରେ ୨୨ଟି ଭାଷାକୁ ମାନ୍ୟତା ପ୍ରଦାନ କରାଯାଇଛି ଏବଂ ଏହି ୨୨ଟି ଭାଷା ମଧ୍ୟରେ ତାମିଲ ଭାଷା ମଧ ରହିଛି। ଭାରତୀୟ ମୁଦ୍ରା ଟଙ୍କାରେ କେବଳ ଏକ ପ୍ରତୀକ ରହିଛି ଓ ଏହା ଦେବନାଗରୀ ଅକ୍ଷରରେ ରହିଛି ଏବଂ ରୋମାନ ଅକ୍ଷର ଅନୁସାରେ ଏହା 'ଆର' ଅଟେ। ବାସ୍ତବରେ ଭାରତୀୟ ମୁଦ୍ରା ଟଙ୍କାର ଏହି ପ୍ରତୀକ ଦେବନଗରୀ ଲିପିର ଏବଂ ରୋମାନ ଲିପିର ଅକ୍ଷର 'ଆର'କୁ ମିଶାଇ ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ଏକ କ୍ଷିତିଜ ରେଖା ପ୍ରସ୍ତୁତ କରାଯାଇ ପ୍ରତୀକ ଉପରେ ସ୍ୱୀକାର କରାଯାଇଛି । ଏହି ରେଖା (ହୋରିଜେଣ୍ଟାଲ ଲାଇନ୍) ଆମ ରାଷ୍ଟ୍ରଧ୍ୱଜ ତଥା ସମାନତାକୁ ପ୍ରତୀକରେ ପ୍ରତିବିମ୍ବିତ କରିଥାଏ। ଭାରତ ସରକାର ୨୦୧୦ ମସିହା ଜୁଲାଇ ୧୫ ତାରିଖରେ ଏହି ଚିହ୍ନକୁ ସ୍ୱୀକାର କରିଥିଲେ। ଉଲ୍ଲେଖନୀୟ ଯେ ଏହି ଚିହ୍ନ ବା ପ୍ରତୀକକୁ ଭାରତୀୟ ପ୍ରଦ୍ୟୋଗିକୀ ସଂସ୍ଥାନ (ଆଇଆଇଟି) ମୁମ୍ବାଇ ପୋଷ୍ଟ ଗ୍ରାଜୁଏଟ ଡିଜାଇନର ଡ଼.ଉଦୟ କୁମାର ପ୍ରସ୍ତୁତ କରିଥିଲେ। ଏବେ ତାମିଲନାଡୁ ସରକାର ଭାରତୀୟ ମୁଦ୍ରାର ପ୍ରତୀକ ପରିବର୍ତ୍ତନ କରାଯିବା ପରେ ଏହାକୁ ନେଇ ଅନେକ ଆଶଙ୍କା ସୃଷ୍ଟି ହୋଇଛି। ସୂଚନା ଅନୁସାରେ ତାମିଲନାଡୁ ରାଜ୍ୟ ଯୋଜନା କମିଶନଙ୍କ କାର୍ଯ୍ୟକାରୀ ଉପାଧକ୍ଷ ତାମିଲନାଡୁ ସରକାରଙ୍କ ଦ୍ୱାରା ୨୦୨୫-୨୬ର ତାମିଲନାଡୁ ରାଜ୍ୟ ବଜେଟରେ ଟଙ୍କା (ମୁଦ୍ର)ର ପ୍ରତୀକ ଚିହ୍ନ କୁ ତାମିଲ ଭାଷାରେ ପରିବର୍ତ୍ତନ କରାଯିବା ପ୍ରସଙ୍ଗରେ କହିଛନ୍ତି ଯେ "ଆମେ ଦେବନାଗରୀର ଉପଯୋଗ କରିବା ପାଇଁ ଚାହୁଁନାହୁଁ।" ଏବେ ଭାରତୀୟ ମୁଦ୍ରାର ପ୍ରତୀକ ଚିହ୍ନ କୁ ନେଇ ଦେଖାଦେଇଥିବା ବିବାଦ କାରଣରୁ ଏହାକୁ ଭାଷାର ରାଜନୀତି ପରିବର୍ତ୍ତେ ଭାଷାକୁ ନେଇ ଘୃଣା ବୋଲି କୁହାଯାଉଛି। ଭାଷା ବିବାଦକୁ ଅଧିକ କରିବା ପାଇଁ ଡିଏମ୍‌କେ ସରକାର ରାଜ୍ୟ ବଜେଟରେ ପ୍ରତୀକ ଚିହ୍ନକୁ ପରିବର୍ତ୍ତନ କରିଦେଇଛନ୍ତି ଓ ତାମିଲ ଅକ୍ଷରର ବ୍ୟବହାର କରାଯାଇଛି। ଯଦିଓ ପୂର୍ବର ପ୍ରତୀକ ଓ ବର୍ତ୍ତମାନର ପ୍ରତୀକର ଅର୍ଥ ଏକ କିନ୍ତୁ ଏହା ଏକ ତାମିଲ ଶବ୍ଦ।

+ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ଭୟାନକ ଯକ୍ଷ୍ମା ଓ ଯକୃତ୍ ସଂକ୍ରମଣ

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



୧୮୮୨ ମସିହା । ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ । ଏହି ରୋଗରେ ପ୍ରାୟ ପ୍ରତି ସାତ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରୁଥିଲେ । ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡାଃ ରବର୍ଟ କୋକ୍ । ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଜିବା ପାଇଁ । ବାସ୍, ତା'ପରେ ଡାଃ କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଆଉ ଏକ ଫର୍ଦ୍ଦ । ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ । ଏହି ବ୍ୟାକ୍ଟେରିଆକୁ ଡାଃ କୋକ୍ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ । ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା । ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ ତାରିଖ । ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇ ଆସୁଛି 'ବିଶ୍ୱ ଯକ୍ଷ୍ମା ଦିବସ'। ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ । ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ରୋଗର ଲକ୍ଷଣ ସମ୍ପର୍କରେ ସଚେତନ ନୁହନ୍ତି । କେତେକ ଜାଣିପାରିଲେ ମଧ୍ୟ ତାହାର ଚିକିତ୍ସା ସଠିକ୍ ସମୟରେ କରାଇ ନଥାନ୍ତି, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗ ଜଟିଳ ଆକାର ଧାରଣ କରିଥାଏ । ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ । ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ । ଆଉ ଏହି ଦିବସ ପାଳନ ଅବସରରେ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ଡାଃ କୋକ୍‌ଙ୍କୁ । ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ (ଆଇୟୁଏଟିଏଲଡ଼ି) ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା। ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ହାତ ମିଳାଇଥିଲା । ପ୍ରତି ବର୍ଷପରି ଚଳିତ ବର୍ଷର ବାର୍ତ୍ତା ରହିଛି - ''ୟେସ୍ ! ଉଇ କ୍ୟାନ୍ ଏଣ୍ଡ ଟିବି : କମିଟ୍, ଇନଭେଷ୍ଟ ଆଣ୍ଡ ଡେଲିଭର'' ("Yes! We Can End TB: Commit, Invest, Deliver").ସମ୍ପ୍ରତି ବିଶ୍ୱସ୍ତରରେ ନିଜର ଭୟଙ୍କର କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ ହେଲେ ମଧ୍ୟ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା । ଯକ୍ଷ୍ମା ଦିବସ ଅବସରରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ମତବ୍ୟକ୍ତ କରାଯାଇଛି ଯେ ସମସ୍ତେ ଯେପରି ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର । ସଚେତନତା ସୃଷ୍ଟି ସହ ଏହି ରୋଗକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରୀ । ନହେଲେ ଏହାର ନିରାକରଣ ସମ୍ଭବ ହୋଇପାରିବ ନାହିଁ ।

ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍‌କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଙ୍କ ଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି । ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ୍ୟ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମାର ଭୟାବହତାକୁ ଲୋକମାନଙ୍କ ଭିତରୁ ଦୂରେଇ ପାରିବା ସହ ସେମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପହଞ୍ଚାଇ ପାରିଛି । ଯକ୍ଷ୍ମା ଏକ ଭୟାନକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳପ୍ରୋଟନ ମଧ୍ୟ ହୋଇପାରୁଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଣେ ଗୁଟ୍‌ଖା ହେଉ ବା ବିଡ଼ି, ସିଗାରେଟ, ଗ୍ରାମୀଣ ହାତ ତିଆରି ନିଶା ଦ୍ରବ୍ୟ ହେଉ ବା ମଦ୍ୟପାନ ଏହା ପ୍ରଥମତଃ ଜଣଙ୍କ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପେଟ, ଲିଭର ଓ କିଡ଼ନୀକୁ ପ୍ରଭାବିତ କରିଥାଏ। ଏହା ଏପରି ଏକ ଜଟିଳ ବିଷାକ୍ତ ପଦାର୍ଥ ଯେ ଏହା ଆପଣଙ୍କୁ ଯକୃତ ଜନିତ କ୍ୟାନସର ବି କରିପାରେ, ଲିଭର ସିରୋସିସ ବି ହୋଇପାରେ ଏବଂ ଏହା ମଧ୍ୟ ଯକ୍ଷ୍ମାରୋଗର ଅନ୍ୟତମ ପ୍ରମୁଖ କାରଣ। ସେହିପରି ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ । ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ। ସାଧାରଣତଃ ଫୁସ୍‌ଫୁସ୍‌କୁ ଏହା ପ୍ରଥମେ ଆକ୍ରମଣ କରେ ଓ ପରବର୍ତ୍ତୀ କ୍ଷେତ୍ରରେ ଏହା ଶରୀରର ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରେ। ରୋଗୀର ରୋଗପ୍ରତିରୋଧକ ଶକ୍ତି ଉପରେ ଏହି ଆକ୍ରାନ୍ତର ଭୟାବହତା ନିର୍ଭର କରେ। ଖାଦ୍ୟନଳୀ, ଯକୃତ୍, ଅଗ୍ନ୍ୟାଶୟ, ବୃକକ୍, ମସ୍ତିଷ୍କ, ଅସ୍ଥି, ମଜ୍ଜା, ଗଣ୍ଠି, ଆଖି, ଜରାୟୁ, ଚମଡ଼ା ଓ ହୃଦ୍‌ଯନ୍ତ୍ର ଇତ୍ୟାଦି ଅଙ୍ଗ ଏହି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୁଏ। ଏହି ସବୁ ରୋଗକୁ ଏକ୍ସ୍ଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହାର ସଂସ୍ପର୍ଶରେ ନ ଆସେ ସେଥିପ୍ରତି ସଜାଗ ହେବା ।

ତେବେ ଯକ୍ଷ୍ମା ଆଉ ଭୟାନକ ହୋଇରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି । ବେଳେ ବେଳେ ଏହି ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବର କ୍ୟୁଲୋସିସ୍ ଡଟ୍‌ସ ଚିକିତ୍ସା ପଦ୍ଧତିରେ ନିୟନ୍ତ୍ରଣ ହୁଏ ନାହିଁ। ଏହି କ୍ଷେତ୍ରରେ ଦ୍ୱିତୀୟସ୍ତରର ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଏ। ଏହାକୁ ଡ୍ରଗ୍ ରେଜିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି ଏକ୍ସ୍ଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍‌ରେ ଦୀର୍ଘ ସମୟ ପାଇଁ (ଏକବର୍ଷରୁ ଦେଢ଼ବର୍ଷ) ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଯକୃତ୍ ଓ ଖାଦ୍ୟନଳୀ ଟ୍ୟୁବରକ୍ୟୁଲୋସିସ୍‌ରେ ମଧ୍ୟ ଏକବର୍ଷରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଏହି ଚିକିତ୍ସା ସମୟରେ ବେଳେ ବେଳେ ରୋଗୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୁଏ ଓ ଏହା ଏକ ମାରାତ୍ମକ ଜଣ୍ଡିସ୍। ଏହି ମାରାତ୍ମକ ଜଣ୍ଡିସ୍ ସାଧାରଣତଃ ଟି.ବି. ଔଷଧର ପ୍ରତିକ୍ରିୟାରୁ ହୋଇଥାଏ ଓ ଲିଭର ଅକାମୀ ହୋଇଯାଏ। ଏହି କ୍ଷେତ୍ରରେ ଲିଭର ପ୍ରତିରୋପଣ ଏକାନ୍ତ ଜରୁରୀ। ମଲ୍ଟିଡ୍ରଗ ରେସିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ ହେଉଛି ଏକ ଭୟାନକ ଯକ୍ଷ୍ମା ଯାହା ଲିଭରସିରୋସିସ୍, କ୍ୟାନସର, ଡାଇବେଟିସ ଓ ଏଡ଼ସ୍ ରୋଗୀ ମାନଙ୍କୁ ଆକ୍ରମଣ କରେ ଓ ଏହି ରୋଗର ଚିକିତ୍ସା ଅତ୍ୟନ୍ତ କଷ୍ଟସାଧ। ସର୍ବପ୍ରଥମେ ଆପଣ ନିଜ ପାଇଁ ଭଲ ସ୍ୱାସ୍ଥ୍ୟଗତ ରୁଟିନଟି ତିଆରି କରନ୍ତୁ। ନିର୍ଦ୍ଧାରିତ ସମୟରେ ଶଯ୍ୟା ତ୍ୟାଗ ସହ ଶୁଷମ ଖାଦ୍ୟ ଗ୍ରହଣ କରନ୍ତୁ, ବିଶୁଦ୍ଧ ପାଣି ପିଅନ୍ତୁ, ସବୁଜ ପରିବା ଓ ତଟକା ଫଳ ଗ୍ରହଣ କରନ୍ତୁ। ପ୍ରାତଃ ଭ୍ରମଣ, ବ୍ୟାୟାମ, ଯୋଗାସନ ସବୁଠାରୁ ଭଲ ଅଭ୍ୟାସ। ନିରାମିଷ ଖାଦ୍ୟ ଏକ ଭଲ ଅଭ୍ୟାସ, ବାହାରର ଖାଦ୍ୟ, ବାଶୀ ଖାଦ୍ୟ, ଥଣ୍ଡା ଖାଦ୍ୟ ଓ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ କୌଣସି ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସବୁଠାରୁ ଭଲ ଅଭ୍ୟାସ। ନିଜକୁ ସବୁବେଳେ ସକାରାତ୍ମକ ଭାବନା ଭିତରେ ରଖନ୍ତୁ ଯଥାସମ୍ଭବ ଆପଣଙ୍କ ଇଷ୍ଟଗୁରୁ ଆଉ ଭଗବାନଙ୍କ ନାମ ସ୍ମରଣ କରିବା ସହ ସମସ୍ତଙ୍କ ସହିତ ଏକ ଆନନ୍ଦମୟ ଓ ପ୍ରଫୁଲ୍ଲିତ ସମ୍ପର୍କ ରଖନ୍ତୁ। ଏହା ଆପଣଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଏକ ବଡ଼ ସଞ୍ଜିବନୀ। ଆସନ୍ତୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳପ୍ରୋଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା ।

> ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍‌କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଙ୍କ ଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି ।

ପ୍ରଫେସର, ଲିଭର ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

# ମୂଲ୍ୟବୋଧ ଚେତନାର ଜନନେତା : ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି



ଡ଼ଃ.ଅରୁନ୍ଧତୀ ଦେବୀ

ବ୍ୟକ୍ତିତ୍ୱ ସ୍ୱର୍ଗତଃ ଡାକ୍ତର ଦେବେନ୍ଦ୍ର ପ୍ରଧାନ ହେଉଛନ୍ତି ଓଡ଼ିଶା ବିଜେପିର ଅଭ୍ୟୁଦୟରେ ବଳିଷ୍ଠ ଅବଦାନ ରଖିଥିବା ଜଣେ ପ୍ରମୁଖ ବ୍ୟକ୍ତିତ୍ୱ। ଡାକ୍ତରୀ ପେଷା ଛାଡ଼ି ଅଶି ଦଶକରେ ବିଜେପି ମଣ୍ଡଳ ସଭାପତି ଭାବେ ସେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ସେ ଭୂପୃଷ୍ଠ ପରିବହନ ଓ କୃଷି ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୧୯୪୧ ମସିହା ସେ ସମୟର ଢ଼େଙ୍କାନାଳ ଜିଲ୍ଲା (ବର୍ତ୍ତମାନର ଅନୁଗୁଳ)ର କଣିହାଁ ବ୍ଲକ ଅନ୍ତର୍ଗତ ନାଲମ ଗାଁରେ ସେ ଜନ୍ମ ଗ୍ରହଣ କରିଥିଲେ। ୧୯୬୬ରେ ଏସସିବିରୁ ଏମବିବିଏସ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଏସସିବିରେ ବର୍ଷେ ହାଉସ ସର୍ଜନ ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ତାଳଚେରର ଡେରାରେ ଆସିଷ୍ଟାଣ୍ଟ ମେଡ଼ିକାଲ ଅଫିସର ଭାବେ ଯୋଗ ଦେଇଥିଲେ। ୧୯୭୩ରେ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ ଏବଂ ୧୯୮୦ରେ ବିଜେପିରେ ଯୋଗ ଦେଇ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୦ରୁ ୧୯୮୩ ପର୍ଯ୍ୟନ୍ତ ପ୍ରଥମେ ତାଳଚେର ମଣ୍ଡଳ ସଭାପତି, ୧୯୮୩-୮୫ ପର୍ଯ୍ୟନ୍ତ ଢ଼େଙ୍କାନାଳ ଜିଲ୍ଲା ସଭାପତି ହୋଇଥିଲେ। ସେ ୧୯୮୮-୯୦, ୧୯୯୦-୯୩, ୧୯୯୫-୯୭ ପର୍ଯ୍ୟନ୍ତ ତିନିଥର ବିଜେପିର ରାଜ୍ୟ ସଭାପତି ହୋଇଥିଲେ। ୧୯୮୪, ୧୯୯୬ରେ ସେ ଦେବଗଡ଼ରୁ ସାଂସଦ ପ୍ରାର୍ଥୀ, ୨୦୦୪ରେ ପାଲଲହଡ଼ାରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ ମଧ୍ୟ ହାରି ଯାଇଥିଲେ। ୧୯୯୮ରେ ସେ ଦେବଗଡ଼ରୁ ସାଂସଦ ଭାବେ ବିଜୟ ଲାଭ କରିବା ପରେ ଭୂପୃଷ୍ଠ ପରିବହନ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ ଏବଂ ୧୯୯୯ରେ ପୁଣି ଦେବଗଡ଼ରୁ ସାଂସଦ ହେବା ସହ କେନ୍ଦ୍ରରେ ଭୂପୃଷ୍ଠ ପରିବହନ ଏବଂ କୃଷି ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୨୦୦୧ରେ ସେ ବିଜେପିର ରାଷ୍ଟ୍ରୀୟ ଉପାଧକ୍ଷ ମଧ୍ୟ ହୋଇଥିଲେ।

ଆଜି ଓଡ଼ିଶାରେ ବିଜେପିର ବିଜୟ ଯାତ୍ରାରେ ତାଙ୍କ ଅବଦାନ ଅବିସ୍ମରଣୀୟ। ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ [illegible] ବିଭାଗର ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱରେ ଥିଲାବେଳେ ଓଡ଼ିଶାରେ ସେ ସମୟରେ ଜାତୀୟ ରାଜପଥ ମାତ୍ର ୧୬୦୦ କିଲୋମିଟର ପର୍ଯ୍ୟନ୍ତ ଥିଲା। ଦେବେନ୍ଦ୍ର ବାବୁ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ଏହାକୁ ୩୨୦୦ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ କରିଥିଲେ। ତାଙ୍କରି ମନ୍ତ୍ରୀତ୍ୱ ସମୟରେ ହିଁ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ୱର୍ଣ୍ଣ ଚର୍ତୁଭୁଜ ଯୋଜନା ଭାରତରେ କାର୍ଯ୍ୟକାରୀ ହୋଇଥିଲା ଏବଂ ଓଡ଼ିଶା ଏଥିରେ ବେଶ ଲାଭବାନ ହୋଇଥିଲା। ଆଜି ଓଡ଼ିଶାରେ ଦ୍ରୁତ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ଯେଉଁ ବ୍ୟାପକ ପୁଞ୍ଜିନିବେଶ ଆସି ପାରୁଛି ଏହାର ପ୍ରମୁଖ ଶ୍ରେୟ ଡାକ୍ତର ଦେବେନ୍ଦ୍ର ବାବୁଙ୍କୁ ଦିଆଯିବ।



ଓଡ଼ିଶାରେ ବିଜେପିର ସଙ୍ଗଠନକୁ ସେ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରୁ କର୍ମୀଙ୍କ ସହ ସେ ନିଜକୁ ଏପରି ଯୋଡ଼ିଥିଲେ ଯେ ତାଙ୍କର ଏହି ସାଙ୍ଗଠନିକ କର୍ମକୁଶଳ ଦକ୍ଷତା ପାଇଁ କେନ୍ଦ୍ର ବିଜେପି ତାଙ୍କୁ ଅନେକ ସମୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ ଭୂମିକା ଦେଇଛି। ତାଙ୍କ ସାଙ୍ଗଠନିକ ଦକ୍ଷତା, ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବାର ଆପ୍ରାଣ ଉଦ୍ୟମ କାରଣରୁ ଆଜି ରାଜ୍ୟରେ ଭାଜପା କ୍ଷମତାକୁ ଆସିଛି ଏଥିରେ କେହି ଦ୍ୱିମତ ହେବେନାହିଁ। ଏହିଭଳି ଜଣେ ଅମାୟିକ, ଭଦ୍ର ଓ ସର୍ବଦା ହର୍ଷୋତ୍‌ଫୁଲ୍ଲିତ ବ୍ୟକ୍ତିଙ୍କୁ ଓଡ଼ିଶା ହରାଇବା ନିଶ୍ଚିନ୍ତ ଭାବେ ଏକ ବଡ଼ କ୍ଷତି। ଏହି ଶୂନ୍ୟସ୍ଥାନ କେବେ ବି ପୂରଣ ହୋଇପାରିବ ନାହିଁ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ମଣିଷଟିଏ ଜନ୍ମ ବେଳେ କିଛି ଆଣି ନଥାଏ। ଗଲାବେଳେ କିଛି ନିଏ ନାହିଁ। କାରଣ ଆସିବା ଆଉ ଯିବା ତା' ହାତର କଥା ନୁହେଁ। ନିଜର ଇଚ୍ଛାର ବ୍ୟାପାର ବି ନୁହେଁ। କିନ୍ତୁ ଆସିବା ଆଉ ଯିବାର ମଝିରେ ଯାହା ଥାଏ ତା'ର ନାମ ଜୀବନ। ଏଥିରେ ରହିଛି ଐଶ୍ୱରୀୟ ଇଚ୍ଛା ଓ ନିଜର ସାଧନା। ତେଣୁ ସଂସାରକୁ କୁହାଯାଏ କର୍ମ କରିବାର ପ୍ରକୃଷ୍ଟ କ୍ଷେତ୍ର। ଜଣେ ପ୍ରତିଷ୍ଠିତ ହୁଏ ନିଜର କର୍ମରେ ଆଉ ବଞ୍ଚିରହେ ସେହି କର୍ମରେ। ତେଣୁ କୁହାଯାଏ କର୍ମ ହିଁ ଭଗବାନ।

ସୁକର୍ମ କରି ଅନେକ ବ୍ୟକ୍ତି ସଫଳତାର ପାହାଚକୁ ଛୁଇଁଛନ୍ତି। ଏ କଥା ନୂଆ ନୁହେଁ। ନୂଆ ହେଉଛି ବ୍ୟକ୍ତିଟିଏ କିପରି ସଫଳ ହୁଅନ୍ତି, ସେହି ଘଟଣା ହିଁ ନୂଆ। ତାହା ଉଦାହରଣ ହୋଇଯାଏ ସାରା ସମାଜ ପାଇଁ। ସେହିପରି ଉଦାହରଣ ସ୍ତରରେ ପହଞ୍ଚିଥିବା ବ୍ୟକ୍ତି ସେଥିଲେ। ଯୁଗାବତାର ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସେ ଜଣେ ବଡ଼ ଶୁଭେଚ୍ଛୁ ଓ ମାର୍ଗଦର୍ଶକ ଥିଲେ। ସେ ଜଣେ ଦେବୋପମ ମହାନ ବ୍ୟକ୍ତିତ୍ୱ ଥିଲେ। ମୋର ସ୍ମୃତି ଭିତରେ ମନେପଡୁଛି ତାଙ୍କରି ସାହାଯ୍ୟ ଓ ପରାମର୍ଶ କ୍ରମେ ଏକଦା ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ମେନକା ଗାନ୍ଧୀଙ୍କୁ ସାକ୍ଷାତ କରିଥିଲି। ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ଅନେକଥର ତାଙ୍କ ଠାରୁ ମୂଲ୍ୟବାନ ପରାମର୍ଶ ମଧ୍ୟ ପାଇଛି। ସେବା ଓ ସଂକଳ୍ପ ମନୋଭାବ ସହ ରାଜ୍ୟର ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ବିରଳ ବ୍ୟକ୍ତିତ୍ୱଙ୍କ ପରଲୋକରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ବାସ୍ତବିକ ଦେବେନ୍ଦ୍ର ବାବୁଙ୍କ ପରଲୋକ ସହ ଏକ ଯୁଗାବସାନ ହୋଇଛି। ତାଙ୍କ ତ୍ୟାଗ, ସମର୍ପଣ, ଆଦର୍ଶ, ଦଳ ଓ ରାଜ୍ୟ ପାଇଁ ନିଃସ୍ୱାର୍ଥପର ନିଷ୍ଠା ଓ ସେବାର ଜୀବନାଦର୍ଶ ନୂଆ ପିଢ଼ିର ଯୁବ ନେତା ମାନଙ୍କୁ ନୂଆ ମାର୍ଗ ଦେଖାଉ ଏହା ହିଁ କାମନା।

+ନିର୍ଦ୍ଦେଶିକା ଓ ସମ୍ପାଦିକା,
ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୬ ମାର୍ଚ୍ଚ ୨୦୨୫, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶସ୍ତା-ମହଙ୍ଗା ଭେଳିକି...

ସମଗ୍ର ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ବଳବତ୍ତର ରହିଥିବା ବେଳେ ଆମ ଦେଶରେ ପରିଲକ୍ଷିତ କିଛି ସକାରାତ୍ମକ ଦିଗକୁ ନେଇ କିଛି ଅର୍ଥନୀତି ବିଶାରଦ ସମ୍ଭାବନାର ଅଙ୍କ କଷିବା ଆରମ୍ଭ କରି ଦେଇଛନ୍ତି। ଗତ ସପ୍ତାହରେ କାରବାରକୁ ଲକ୍ଷ୍ୟକଲେ ମନେ ହେଉଛି ପୁଞ୍ଜିବଜାର ସ୍ଥିତି ସୁଧାରିବା ଆରମ୍ଭ କରିଛି। ଫେବୃଆରୀ ମାସରେ ଖାଉଟି ମୁଦ୍ରାସ୍ଫୀତି ହାର ୩.୬ ପ୍ରତିଶତକୁ ହ୍ରାସ ପାଇବା ମଧ୍ୟ ଆଶ୍ୱସ୍ତିର ବିଷୟ। ଏହି ଧାରା ଆଗକୁ ବଳବତ୍ତର ରହିଲେ ଜିଡିପି ବା ଅର୍ଥନୈତିକ ଅଭିବୃଦ୍ଧି ହାର ବୃଦ୍ଧିରେ ସହାୟକ ହେବ ବୋଲି ମନେ କରାଯାଇଛି। ଏସବୁ ସତ୍ତ୍ୱେ ଅର୍ଥନୀତି ଉପରୁ ବିପଦର କଳାବାଦଲ ଯେ ସମ୍ପୂର୍ଣ୍ଣ ଭାବେ ହଟି ଯାଇଛି, ଏକଥା କୁହାଯାଇ ନପାରେ। ଏପ୍ରିଲ ୨ତାରିଖ ଯେତିକି ନିକଟତର ହେଉଛି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକପୂର୍ଣ୍ଣ ଶୁଳ୍କକୁ ନେଇ ସେତିକି ଆତଙ୍କ ଓ ଅବିଶ୍ୱାସର ବାତାବରଣ ଘନୀଭୂତ ହେଉଛି। ତେଣୁ ଆଜିର ଅନୁକୂଳ ପରିସ୍ଥିତି ଯେ କାଲିକୁ ପ୍ରତିକୂଳ ସ୍ଥିତି ନ ଉପୁଜାଇବ ଏକଥା କେହି ଜୋରଦେଇ କହିପାରିବେନି। ଏକପକ୍ଷରେ ୟୁରୋପୀୟ ରାଷ୍ଟ୍ରସଂଘ ଏକଜୁଟ ହେଉଥିବା ବେଳେ ପରସ୍ପର ବିରୋଧୀ ଏସୀୟରାଷ୍ଟ୍ର ମଧ୍ୟରେ ବୁଝାମଣା ଆରମ୍ଭ ହୋଇଛି। ଚୀନ୍, କୋରିଆ ଓ ଜାପାନ ପରିସ୍ଥିତିର ସମ୍ମୁଖୀନ ହେବା ସକାଶେ ମିଳିତ ନିଷ୍ପତ୍ତି ନେବାକୁ ସ୍ଥିର କରିଥିବା ଘଟଣାରୁ ସ୍ପଷ୍ଟ ହୋଇଛି ଯେ ଆଗ ସ୍ଥିତିରକ୍ଷା, ପରେ ଶତ୍ରୁତା। ଆମେ କିନ୍ତୁ କୂଟନୈତିକ ସ୍ତରରେ ଏ ପର୍ଯ୍ୟନ୍ତ କୌଣସି ସହଯୋଗୀଙ୍କ ସହ ବିଚାରବିମର୍ଶ ଆରମ୍ଭ କରିନାହୁଁ। ବରଂ ଆମେରିକା ସହ ଏକକ ବୁଝାମଣା ମାଧ୍ୟମରେ ଆମେ ସାଲିସ କରିବାକୁ ପ୍ରସ୍ତୁତ ଥିବା ଭଳି ମନେ ହେଉଛି। ପୁଞ୍ଜି ବଜାରରେ ପରିଲକ୍ଷିତ କାରବାର ପଛରେ ବୈଦେଶିକ ଆନୁଷ୍ଠାନିକ ପୁଞ୍ଜି ନିବେଶ(ଏଫ୍ଆଇଆଇ)ର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେୟାର କ୍ରୟ କରି ଗତିଶୀଳତାକୁ ଏକ ବିଶ୍ୱସ୍ତରୀୟ ସ୍ଥିତିରେ ପହଞ୍ଚାଇବା ସେମାନଙ୍କ ଲକ୍ଷ୍ୟ। ଯେତେଦୂର ମନେହୁଏ ଝଡ଼ ଆସିବା ପୂର୍ବରୁ ସେୟାର ବିକ୍ରି କରି ଫାଇଦା ହାସଲ କରିବା ଲକ୍ଷ୍ୟରେ ସେମାନେ ଯୋଜନାବଦ୍ଧ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଟକା ବଜାରର ଲାଭ-କ୍ଷତିର ଗଣିତ ଭିତରେ ଏବେ ୪ ପ୍ରତିଶତ କାରବାର ବୃଦ୍ଧିକୁ ନେଇ ହଠାତ୍ କିଛି ଆଶା କରିବା ଠିକ୍ ହେବ ନାହିଁ। ଅନ୍ୟ ଦିଗଟି ହେଲା ମୁଦ୍ରାସ୍ଫୀତି ଏକ ନମନୀୟ ସ୍ତରରେ ପହଞ୍ଚିଛି। ରିଜର୍ଭବ୍ୟାଙ୍କ ମୁଦ୍ରା ପ୍ରଚଳନକୁ କ୍ରମାଗତ ଭାବେ ନିୟନ୍ତ୍ରଣ କରି ମୂଲ୍ୟବୃଦ୍ଧି ନିୟନ୍ତ୍ରଣ ଦିଗରେ ଯେଉଁ ପ୍ରୟାସ କରିଥିଲେ, ତାହାର ସୁଫଳ ମିଳିଛି ଏକଥା ନୁହେଁ। ଅନୁକୂଳ ପାଣିପାଗ ଯୋଗୁଁ କୃଷି ଉତ୍ପାଦନ, ବିଶେଷକରି ପନିପରିବା, ଚାହିଦାଠାରୁ ଅଧିକ ବଜାରରେ ଉପଲବ୍ଧ ହେବାରୁ ଶସ୍ତା ହୋଇଛି। ତେଣୁ ଖାଉଟି ମୁଦ୍ରାସ୍ଫୀତି ହାର କିଛିଟା ହ୍ରାସ ପାଇଛି। ଖାଉଟି ଶସ୍ତାରେ ପାଉଥିବା ବେଳେ ଚାଷୀ ଉତ୍ପାଦନ ଖର୍ଚ୍ଚ ନ ପାଇ ଅଧିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି। ସେ ଯାହାହେଉ ରିଜର୍ଭବ୍ୟାଙ୍କ ଖାଉଟି ମୁଦ୍ରାସ୍ଫୀତି ହାର ୪ ପ୍ରତିଶତରେ ସୀମିତ ରଖିବା ସକାଶେ ଯେଉଁ କଟକଣା ରଖିଥିଲେ, ତାହାଠାରୁ କମ୍ ଅର୍ଥାତ ୩.୬ ପ୍ରତିଶତକୁ ହ୍ରାସ ପାଇଛି। ଏହା କିନ୍ତୁ ଋତୁକାଳୀନ ଫସଲ ଅମଳର ପ୍ରଭାବ। ଏହା ଆଗକୁ କେତେଦୂର ବଳବତ୍ତର ରହିବ, ସେ ନେଇ ସନ୍ଦେହ ଉଠିବା ସ୍ୱାଭାବିକ। ଖାଦ୍ୟ ସାମଗ୍ରୀ କହିଲେ କେବଳ ପନିପରିବାକୁ ବୁଝାଏ ନାହିଁ। ତେଲ, ଗହମ ଓ ଗହମଜାତ ଦ୍ରବ୍ୟ ଓ ଡାଲିର ବର୍ଦ୍ଧିତ ମୂଲ୍ୟ ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି। ସେହିଭଳି ବିସ୍କୁଟ, କେକ୍ ଓ ମଇଦାରୁ ପ୍ରସ୍ତୁତ ଅନ୍ୟାନ୍ୟ ସାମଗ୍ରୀ ମୂଲ୍ୟ ବଢ଼ିଛି ଏବଂ ଆଗକୁ ଆହୁରି ବଢ଼ିବାର ସଙ୍କେତ ମିଳୁଛି। ଦୈନନ୍ଦିନ ବ୍ୟବହାର ଉପଯୋଗୀ ଏହି ସାମଗ୍ରୀ ଉପରେ ମୁଦ୍ରାସ୍ଫୀତି ହ୍ରାସର କୌଣସି ପ୍ରଭାବ ପଡ଼ିନାହିଁ। ଏହି ଅଙ୍କକଷା ପଛରେ ବ୍ୟାଙ୍କ ସୁଧହାର ହ୍ରାସ ନିର୍ଭର କରୁଥିବାରୁ ଉଭୟ ସରକାର ଓ ରିଜର୍ଭବ୍ୟାଙ୍କ ଚାପରେ ଥିଲେ। ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସମସ୍ତ ଚାପ ସତ୍ତ୍ୱେ ମୁଦ୍ରା ପ୍ରଚଳନକୁ ନିୟନ୍ତ୍ରଣରେ ରଖିଥିଲେ। ତେଣୁ ରେପୋରେଟ୍ କ୍ରମାଗତ ଭାବେ ଦୀର୍ଘଦିନ ଧରି ହ୍ରାସ ପାଇ ନ ଥିଲା। ସରକାରଙ୍କ ପକ୍ଷରୁ ଘନ ଘନ ଚାପ ସତ୍ତ୍ୱେ ଖାଦ୍ୟଦ୍ରବ୍ୟର ମୁଦ୍ରାସ୍ଫୀତି ହାର ୪ ପ୍ରତିଶତକୁ ହ୍ରାସ ନ ପାଇବା ପର୍ଯ୍ୟନ୍ତ ସେ ସୁଧହାର ହ୍ରାସ କରିନଥିଲେ। ପରବର୍ତ୍ତୀ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଦୁଇମାସ ତଳେ ରେପୋ ରେଟ୍ ୬.୫ ପ୍ରତିଶତରୁ ୬.୨୫କୁ ହ୍ରାସ କରିଥିଲେ। ମୁଦ୍ରାନୀତି ନିର୍ଦ୍ଧାରଣ କମିଟି ବୈଠକର ଏହି ନିଷ୍ପତ୍ତିକୁ ସେତେବେଳେ ସମୟର ଆବଶ୍ୟକତା ବୋଲି କୁହାଗଲା। ଅଥଚ ସେତେବେଳେ ଖାଉଟି ମୁଦ୍ରାସ୍ଫୀତି ହାର ୪.୩ ପ୍ରତିଶତ ଥିଲା। ଆଗାମୀ କମିଟି ବୈଠକରେ ସୁଧହାର ଅଧିକ ହ୍ରାସ କରିବା ସକାଶେ ପଥ ପରିଷ୍କାର କରାଯାଇଥିବା ଭଳି ମନେହୁଏ।



# ପରବର୍ତ୍ତୀ ପର୍ଯ୍ୟାୟରେ ବଲୋଚିସ୍ତାନର ସ୍ୱାଧୀନତା ଆନ୍ଦୋଳନ

**ଡ. ସମନ୍ୱୟ ନନ୍ଦ**

ଗତ କିଛି ଦିନ ତଳେ ବଲୋଚିସ୍ତାନର ସ୍ୱାଧୀନତା ପାଇଁ ଲଢେଇ ଲଢୁଥିବା ବଲୋଚ ଲିବରେସନ ଆର୍ମୀର ସଦସ୍ୟ ମାନେ ଜାଫର ଏକ୍ସପ୍ରେସ ଟ୍ରେନକୁ ଅପହରଣ କରି ନେଇଥିଲେ। ଏହି ପ୍ରସଙ୍ଗ ଗତ କିଛି କିଛି ଦିନ ଧରି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁରେ ଥିଲା। ଏହି ପ୍ରସଙ୍ଗରେ କଣ ହେଲା ଓ ଏହାର ଫଳାଫଳ କଣ ବାହାରିଲା ସେ ବିଷୟରେ ଆଲୋଚନା କରିବା ଏହି ଲେଖାର ଉଦ୍ଦେଶ୍ୟ ନୁହେଁ ବରଂ ବଲୋଚିସ୍ତାନର ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି, ସ୍ଥିତି ଓ ଏହି ଅପହରଣ ଘଟଣା ପରେ ଏହା କେଉଁ ଆଡକୁ ଅଗ୍ରସର ହେବ ସେ ବିଷୟରେ ଆଲୋଚନା କରିବା ହେଉଛି ଉଦ୍ଦେଶ୍ୟ।

ଜାଫର ଏକ୍ସପ୍ରେସକୁ ଅପହରଣ କରାଯିବା କୌଣସି ସାଧାରଣ ଘଟଣା ନୁହେଁ ବରଂ ଏକ ଅସାଧାରଣ ଘଟଣା। ଏହା ପୂର୍ବରୁ ଗତ ଦୁଇ ବର୍ଷ ଧରି ବଲୋଚୀ ସ୍ୱାଧୀନତା ସଂଗ୍ରାମୀ ମାନେ ପାକିସ୍ତାନୀ ସେନାର ଜବାନ, ପୋଲିସ ଓ ପ୍ରଶାସନ ଉପରେ ଆକ୍ରମଣ କରି ଆସୁଥିଲେ। ହେଲେ ଏଭଳି ଭାବେ ଗୋଟିଏ ପୂରା ଟ୍ରେନକୁ ଅପହରଣ କରି ନେବାର ଘଟଣା କେବେ ହେଲେ ଦେଖା ଦେଇ ନ ଥିଲା। ଏହି ଟ୍ରେନରେ ଏତେ ସଂଖ୍ୟକ ପାକିସ୍ତାନୀ ସେନାର ଜବାନ ଓ ଆଇଏସଆଇର କର୍ମଚାରୀ ମାନେ ଉପସ୍ଥିତ ରହିବା ସମ୍ପର୍କରେ ଜାଣିବା, ଏପ ଅପହରଣ କରିବାକୁ ସଠିକ ଯୋଜନା ପ୍ରସ୍ତୁତ କରିବା, ଏହି କାମକୁ କରିବା ପାଇଁ ଆବଶ୍ୟକୀୟ ସମନ୍ୱୟ ସ୍ଥାପିତ କରିବା ହେଉଛି ବଡ କାଠିକର କାମ ଥିଲା। ତେଣୁ ଏହାକୁ ଅତ୍ୟନ୍ତ କଷ୍ଟକର ଅପରେସନ ବୋଲି କୁହା ଯାଇ ପାରେ।

ଗତ ପାଖା ପାଖି ଏକ ମାସ ତଳେ ବଲୋଚିସ୍ତାନର ସ୍ୱାଧୀନତା ପାଇଁ କାମ କରୁଥିବା ସମସ୍ତ ବଲୋଚ ସମୂହ ମାନେ ଏକାଠି ହୋଇଥିଲେ ଓ ମିଳିତ ଘୋଷଣାନାମା ଜାରୀ କରିଥିଲେ। ଏହି ଘୋଷଣାନାମାରେ ସେମାନେ ମିଳିତ ଭାବେ କହିଥିଲେ ଯେ ଏବେ ସମସ୍ତ ସମୂହ ପାକିସ୍ତାନୀ ସେନା ଓ ଅନ୍ୟ ସରକାରୀ ପ୍ରତିଷ୍ଠାନ ଉପରେ ଅଲଗା ଅଲଗା ନୁହେଁ ବରଂ ମିଳିତ ଭାବେ ଉଚିତ ସମନ୍ୱୟ ରକ୍ଷା କରି ଆକ୍ରମଣ କରିବେ। ଏହି ଘୋଷଣା ନାମା ଜାରୀ ହେବାର ଏକ ମାସ ମଧ୍ୟ ପୂର୍ଣ୍ଣ ହୋଇ ନାହିଁ ଓ ଜାଫର ଏକ୍ସପ୍ରେସର ଅପହରଣ ହୋଇଯାଇଥିଲା। ଏହା ବୋଧ ହୁଏ ଏହି ଘୋଷଣା ହେବା ପରେ ପାକିସ୍ତାନ ବିରୁଦ୍ଧରେ ପ୍ରଥମ ବଡ ଆକ୍ରମଣ। ଏହି ଆକ୍ରମଣ ସ୍ପଷ୍ଟ କରି ଦେଇଛି ଯେ ବର୍ତ୍ତମାନ ବଲୋଚିସ୍ତାନର ସ୍ୱାଧୀନତା ପାଇଁ କାମ କରୁଥିବା ସମସ୍ତ ଶକ୍ତି ମାନେ ଏକଜୁଟ ହୋଇ ମିଳିତ ଭାବେ ଆକ୍ରମଣ କରିବା ଆରମ୍ଭ କରି ଦେଲେଣି।

ବଲୋଚିସ୍ତାନର ଏହି ସ୍ୱାଧୀନତା ସଂଗ୍ରାମୀ ମାନେ କଣ ଆତଙ୍କବାଦୀ ? ସେମାନଙ୍କର କାର୍ଯ୍ୟ ଓ ବ୍ୟବହାର କଣ ଆତଙ୍କବାଦୀଙ୍କ ପରି ରହିଛି ? ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ କାଶ୍ମୀରରେ ସ୍ୱାଧୀନତା ସଂଗ୍ରାମ ଚାଲିଛି ବୋଲି କହି ପାକିସ୍ତାନ ଭାରତକୁ ଭଡାରେ ଆତଙ୍କବାଦୀ ପଠାଇ ଥାଏ। ପାକିସ୍ତାନ ସରକାର ଓ ଆଇଏସଆଇ ଦ୍ୱାରା ପଠାଯାଇଥିବା ଏହି ଆତଙ୍କବାଦୀ ମାନେ ବାଛି ବାଛି ହିନ୍ଦୁ ମାନଙ୍କୁ ହତ୍ୟା କରିଥାନ୍ତି। ସେମାନେ ବସରୁ ଲୋକ ମାନଙ୍କୁ ଓହ୍ଲାଇ ନାମ ପଚାରି ପଚାରି ହିନ୍ଦୁ ହୋଇଥିଲେ ହତ୍ୟା କରିଥାନ୍ତି। ସେମାନେ ଶିଶୁ, ବୟସ୍କ ଲୋକ ମାନଙ୍କୁ ମଧ୍ୟ ଛାଡି ନ ଥାନ୍ତି। ସେମାନେ ଶିଶୁ ମାନଙ୍କୁ ମଧ୍ୟ ନୃଶଂସତାର ସହ ହତ୍ୟା କରିଥାନ୍ତି। ୯୦ ଦଶକରେ କାଶ୍ମୀର ଉପତ୍ୟକା ଜିହାଦ ନାମରେ ଏଭଳି ହିଂସା ବହୁଳ ମାତ୍ରାରେ ଦେଖିଛି। ତା ହେଲେ କଣ ବଲୋଚିସ୍ତାନର ସ୍ୱାଧୀନତା ସଂଗ୍ରାମୀ ମାନେ କଣ ପାକିସ୍ତାନ ଦ୍ୱାରା କାଶ୍ମୀରକୁ ପଠାଯାଇଥିବା ଇସଲାମୀ ଆତଙ୍କବାଦୀଙ୍କ ଭଳି ବ୍ୟବହାର କରୁଛନ୍ତି ? ବଲୋଚ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ବ୍ୟବହାର ଜାଫର ଏକ୍ସପ୍ରେସ ଅପହରଣ ମାମଲାରେ ଆମେ ସ୍ପଷ୍ଟ ଭାବେ ଅନୁଶୀଳନ କରି ପାରିବା। ଏହି ଜାଫର ଏକ୍ସପ୍ରେସ ଟ୍ରେନରେ ପାକିସ୍ତାନୀ ସେନାର କିଛି ଅଧିକାରୀ, ଜବାନ ମାନଙ୍କ ବ୍ୟତୀତ ସାଧାରଣ ଲୋକ ମାନେ ମଧ୍ୟ ଯାତ୍ରା କରୁଥିଲେ। ଟ୍ରେନକୁ ଅପହରଣ କରିବା ପରେ ବଲୋଚ ସ୍ୱାଧୀନତା ସଂଗ୍ରାମୀ ମାନେ ଶିଶୁ ମହିଳା ଓ ବୟସ୍କ ଓ ସାଧାରଣ ଲୋକ ମାନଙ୍କୁ ଛାଡି ଦେଇଥିଲେ। ସେମାନେ ଏହି ଲୋକ ମାନେ କିପରି ସୁରକ୍ଷିତ ଯାଇ ପାରିବେ ତାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରିଥିଲେ। ଏବେ ଯାଏ ସେମାନେ ଯେତେ ଆକ୍ରମଣ କରିଛନ୍ତି କେବେ ହେଲେ ସାଧାରଣ ଲୋକ ମାନଙ୍କୁ ସେମାନେ ଟାର୍ଗେଟ କରି ନାହାନ୍ତି।

ଆଉ ଗୋଟିଏ କଥା ହେଲା ଯେ ଟ୍ରେନକୁ ଅପହରଣ କରିବା ପରେ ବଲୋଚ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଦାବି ମଧ୍ୟ କଣ ଥିଲା ? ତାଙ୍କର ସାଧାରଣ ଦାବି ଥିଲା ଯେ ପାକିସ୍ତାନୀ ସେନା ବଲୋଚିସ୍ତାନର ଯେଉଁ ସାଧାରଣ ଲୋକ ମାନଙ୍କୁ ଉଠାଇ ନେଇ ଯାଇଛି ସେମାନଙ୍କୁ ମୁକ୍ତ କରା ଯାଉ। ଏଠାରେ ଏହା ଉଲ୍ଲେଖ କରିବା ଜରୁରୀ ହେବ ଯେ ପାକିସ୍ତାନୀ ସେନା ବନ୍ଧୁକ ମୂନରେ ବଲୋଚିସ୍ତାନର ସାଧାରଣ ଲୋକ ମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ ଥିବା କଥା କହି ସେମାନଙ୍କ ପରିବାର ଲୋକ ମାନଙ୍କୁ ନ ଜଣାଇ ଉଠାଇ ନେଇଥାଏ। ଏଭଳି ହଜାର ହଜାର ନୀରିହ ବଲୋଚ ନାଗରିକ ମାନଙ୍କୁ ପାକିସ୍ତାନୀ ସେନା ଉଠାଇ ନେଇଥାଏ। କିଛି ଲୋକଙ୍କୁ ଜେଲରେ ପୁରାଇଥାଏ ହେଲେ ଅଧିକାଂଶ ବଲୋଚଙ୍କୁ ପାକିସ୍ତାନୀ ସେନା ହତ୍ୟା କରି ଥାଏ। ପାକିସ୍ତାନୀ ସେନା ବଲୋଚ ମାନଙ୍କୁ ଉଠାଇବା ପରେ କିଛି ଲୋକଙ୍କର ମୃତ ଦେହ ମିଳିଥାଏ ତ ଅନେକ ଲୋକଙ୍କ ମୃତ ଦେହ ମଧ୍ୟ ମିଳି ନ ଥାଏ। ପାକିସ୍ତାନ ଦ୍ୱାରା ବଲୋଚିସ୍ତାନର ଆର୍ଥିକ ଶୋଷଣ ତାଙ୍କ ପ୍ରତି ପାକିସ୍ତାନ ଦ୍ୱାରା କରାଯାଉଥିବା ଅନ୍ୟାୟ ପରି ପ୍ରସଙ୍ଗ ବଲୋଚିସ୍ତାନର ସ୍ୱାଧୀନତା ଆନ୍ଦୋଳନର ପ୍ରମୁଖ କାରଣ ନୁହେଁ ବରଂ ପାକିସ୍ତାନୀ ସେନା ଦ୍ୱାରା ବଲୋଚ ଲୋକ ମାନଙ୍କୁ ତାଙ୍କ ପରିବାରକୁ ନ ଜଣାଇ ଅପହରଣ କରିବା ବଲୋଚିସ୍ତାନ ଆନ୍ଦୋଳନ ଏତେ ଉଗ୍ର ରୂପ ନେବାର ମୁଖ୍ୟ କାରଣ। ହଜାର ହଜାର ସଂଖ୍ୟାରେ ରାଜନୈତିକ ବନ୍ଦୀ ବର୍ଷ ବର୍ଷ ଧରି ପାକିସ୍ତାନୀ ଜେଲରେ ଅଛନ୍ତି। ତେଣୁ ଜାଫର ଏକ୍ସପ୍ରେସ ଅପହରଣ କରିଥିବା ବଲୋଚ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଏହି ସାଧାରଣ ଦାବି ଥିଲା। ଆନ୍ଦୋଳନକାରୀ ମାନେ ପାକିସ୍ତାନ ଠାରୁ ଅର୍ଥ ମାଗି ପାରିଥାନ୍ତେ, ଅସ୍ତ୍ର ଶସ୍ତ୍ର ମାଗି ପାରିଥାନ୍ତେ ହେଲେ ସେମାନେ ଏପରି ନ କରି ରାଜନୈତିକ ବନ୍ଦୀ ମାନଙ୍କୁ ମୁକ୍ତ କରିବାର ଦାବି ରଖିଥିଲେ। ମାତ୍ର ପାକିସ୍ତାନୀ ସେନା ଏହି ସାଧାରଣ ଦାବିକୁ ମଧ୍ୟ ପୂରଣ କରି ନ ଥିଲା।

ବଲୋଚିସ୍ତାନର ଏହି ସ୍ୱାଧୀନତା ଆନ୍ଦୋଳନର ଅଗ୍ନି ଧୀରେ ଧୀରେ ଜୋର ଧରିବାରେ ଲାଗିଛି। ପୂର୍ବରୁ ବଲୋଚିସ୍ତାନର ପାର୍ବାତ୍ୟାଂଚଳରେ ଏହି ଆନ୍ଦୋଳନର ପ୍ରଭାବ ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ଏହା ଜଙ୍ଗଲର ନିଆଁ ଭଳି ଏହି ଆନ୍ଦୋଳନ ବ୍ୟାପି ସାରିଲାଣି। ବଲୋଚିସ୍ତାନର ସମସ୍ତ ଅଂଚଳରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ପାକିସ୍ତାନୀ ସେନାର ପଂଜାବୀ ସୈନିକ ମାନଙ୍କ ପାଇଁ ଓ ପ୍ରଶାସନିକ ଅଧିକାରୀ ମାନେ ଆଉ ବଲୋଚିସ୍ତାନର ଅଂଚଳରେ ପ୍ରବେଶ କରି ପାରୁ ନାହାନ୍ତି। ସବୁ ଆଡୁ ତାଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡୁଛି। ସେମାନେ ଲୁଚି ଲୁଚି ଯାଉଛନ୍ତି। ମୋଟ ଉପରେ କହିବାକୁ ଗଲେ ପାକିସ୍ତାନୀ ସେନାର ନିୟନ୍ତ୍ରଣ ସମାପ୍ତ ହେଉଛି। ଜାଫର ଏକ୍ସପ୍ରେସର ଅପହରଣ ପରେ ବଲୋଚିସ୍ତାନର ସ୍ୱାଧୀନତା ସଂଗ୍ରାମୀ ଠାରୁ ଆରମ୍ଭ କରି ସାଧାରଣ ବଲୋଚ ମାନଙ୍କ ମଧ୍ୟରେ ଉତ୍ସାହ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଅନ୍ୟ ପକ୍ଷରେ ପାକିସ୍ତାନୀ ସରକାର ଓ ପାକିସ୍ତାନୀ ସେନା ଓ ପ୍ରଶାସନର ମନୋବଳ ସର୍ବନିମ୍ନ ସ୍ତରରେ ପହଂଚି ସାରିଛି। ତେଣୁ ଏହାର ପ୍ରଭାବ ଆଗାମୀ ଦିନରେ ଦେଖିବାକୁ ମିଳିବ। ପାକିସ୍ତାନୀ ସେନା ଓ ପାକିସ୍ତାନୀ ସରକାରକୁ ହଟାଇ ସ୍ୱାଧୀନ ନ ହେବା ଯାଏ ବଲୋଚ ମାନେ ଶାନ୍ତିରେ ନିଶ୍ୱାସ ନେବେ ନାହିଁ। ବଲୋଚିସ୍ତାନର ସ୍ୱାଧୀନତା ସଂଗ୍ରାମ ଇତିହାସରେ ମଧ୍ୟ ଜାଫର ଏକ୍ସପ୍ରେସର ଅପହରଣ କାଂଡ ଏକ ମାଇଲ ଖୁଂଟ ହେବାକୁ ଯାଉଛି। ଇତିହାସରେ ଯେତେବେଳେ ବଲୋଚିସ୍ତାନର ସ୍ୱାଧୀନତା ସଂଗ୍ରାମ ବିଷୟରେ ଆଲୋଚନା ହେବ ସେତେବେଳେ ଜାଫର ଏକ୍ସପ୍ରେସ ଅପହରଣ ମାମଲାର ପୂର୍ବର ଓ ଜାଫର ଏକ୍ସପ୍ରେସ ଅପହରଣ ମାମଲା ପରର ଏଭଳି ଭାଗରେ ବିଭାଜିତ ହୋଇ ଇତିହାସ ପଢାଯିବ।



# ନୁଆ ଅଧିନାୟକ ସହ ଆଇପିଏଲ ୨୦୨୫

**କାଳୀ ଦାସ**

ଆଇପିଏଲ ଖେଳର ଆରମ୍ଭ ହେବାଦ୍ୱାରା ଭାରତର କ୍ରିକେଟ ଖେଳାଳୀ ଓ ଦର୍ଶକ ଉଭୟେ ଏହାର ଆନନ୍ଦ ନେଇ ପାରିଛନ୍ତି। ଭାରତର ଲୋକ ସଂଖ୍ୟା ୧୪୦ କୋଟିରେ ପାହଞ୍ଚିଛି। ଭାରତରେ ପ୍ରତିଟି କୋଣରେ କ୍ରିକେଟ ଖେଳାଯାଏ। ଅନେକ ଭଲ କ୍ରିକେଟ ଖେଳାଳୀ ଆମର ଜାତୀୟ ଦଳ ରେ ସ୍ଥାନ ପାଇ ନଥାନ୍ତି କାରଣ ଜାତୀୟ ସ୍ତରରେ ଖେଳିବା ପାଇଁ ମାତ୍ର ଷୋହଳ ଜଣ ଖେଳାଳୀଙ୍କୁ ଚୟନ କରା ଯାଏ।ବାକି ରହିଯାଇଥିବା ଅନେକ ଖେଳାଳୀ ଜାତୀୟ ଖେଳରେ ଖେଳିବାପାଇଁ ସୁଯୋଗ ରୁ ବଞ୍ଚିତ ହୁଅନ୍ତି। ଆଇପିଏଲ ଖେଳରେ ଖେଳାଳୀଙ୍କୁ ଭଲ ପଇସା ମିଳିଥାଏ ତେଣୁ ନିଜର ଶ୍ରେଷ୍ଠ ତମ ଖେଳ ପ୍ରଦର୍ଶନ କରିବା ପାଇଁ ଅନେକ ଖେଳାଳୀଙ୍କୁ ସୁଯୋଗ ମିଳିଥାଏ।ଯେଉଁ କ୍ରିକେଟ ଖେଳାଳୀ ମାନେ କେବଳ କ୍ରିକେଟ ପାଇଁ ନିଜକୁ ସମର୍ପଣ କରିଥାନ୍ତି ଯଦି ସେମାନେ କୌଣସି ପ୍ରକାର ଆଗକୁ ବଢ଼ି ନପାରନ୍ତି ତାହେଲେ ନିଶ୍ଚିତ ଭାବରେ ସେମାନଙ୍କ ମନରେ ଅବଶୋଷ ରହିଯାଏ। ଆଇପିଏଲ ଦେଶର ଅନେକ ଖେଳାଳୀଙ୍କୁ ନିଜର ଶ୍ରେଷ୍ଠତମ ପ୍ରଦର୍ଶନ ପାଇଁ ସୁଯୋଗ ଦେଇଛି।ଭାରତ ପରି ଗୋଟିଏ ବଡ଼ ଦେଶ ପାଇଁ ଆଇପିଏଲ ସ୍ୱାଗତଯୋଗ୍ୟ।

ଆଇପିଏଲ ହେଲା ଭାରତର ଘରୋଇ ଟି୨୦ ଖେଳ। ଏହି ଆଇପିଏଲ ଖେଳରେ ଗୋଟିଏ ଟିମ ବିଜୟ ଲାଭ କରିଥାଏ। ଆପିଏଲ ଭାରତର ବିଭିନ୍ନ ରାଜ୍ୟରେ ଖେଳାଯାଇଥାଏ। ଆଇପିଏଲ ଖେଳରେ ଯେଉଁ ଖେଳାଳୀ ମାନେ ଭଲ ପ୍ରଦର୍ଶନ ଦେଖାନ୍ତି ସେହି ଖେଳାଳୀଙ୍କୁ ଭାରତୀୟ ଜାତୀୟ ଟିମରେ ଖେଳିବା ପାଇଁ ସୁଯୋଗ ମିଳିଥାଏ। ଆଇପିଏଲ କ୍ରିକେଟ ଖେଳରେ ପ୍ରତ୍ୟେକ ଟି ମ୍ୟାଚ ସମସ୍ତ କ୍ରିକେଟ ଟିମ୍ ପାଇଁ 'କରୋ ୟା ମରୋ'ପରିସ୍ଥିତି ନେଇ ଆଣିଥାଏ।ସମସ୍ତ ଟିମ ସବୁଯାକ ଆଇପିଏଲ ଖେଳ ଜିତିବାକୁ କୁ ଚେଷ୍ଟା କରନ୍ତି।

ଆଇପିଏଲର ପ୍ରଥମ ଏଡିସନ କ୍ରିକେଟ ଖେଳ ରାଜସ୍ଥାନ ଏବଂ ଚେନ୍ନାଇ ସୁପର କିଙ୍ଗସ ଭିତରେ ଖେଳା ଯାଇଥିଲା।ସେହି ଖେଳରେ ରାଜସ୍ଥାନ ରୟାଲସ୍ ଟିମ ଚେନ୍ନଇ ସୁପର କିଙ୍ଗସ ଟିମକୁ ହରାଇ ଫାଇନାଲ ମ୍ୟାଚ ଜିତିଥିଲା। ଦ୍ୱିତୀୟ ଆଇପିଏଲ ଏଡିସନରେ ଡେକାନ ଚାର୍ଜର୍ସ ଫାଇନାଲ ଜିତି ଚାମ୍ପିୟନସ ହୋଇଥିଲା ଆଇପିଏଲର ତୃତୀୟ ଏବଂ ଚତୁର୍ଥ ଏଡ଼ିସନରେ ଚେନ୍ନାଇ ସୁପର କିଙ୍ଗସ ଫାଇନାଲ ଜିତି ଚମ୍ପିୟନସ ହୋଇଥଲା। ଆଇପିଏଲର ପଞ୍ଚମ ଏଡ଼ିସନରେ କଲିକତା ନାଇଟରାଇଡର୍ସ ଫାଇନାଲ ଜିତି ଚାମ୍ପିୟନସ ହୋଇଥିଲା। ଆଇପିଏଲ ଖେଳର ଷଷ୍ଠ ଏଡ଼ିସନରେ ମୁମ୍ବାଇ ଇଣ୍ଡିଏନ୍ସ ଟିମ ଚାମ୍ପିୟନସ ହୋଇଥିଲା। ଆଇପିଏଲ ଖେଳର ସପ୍ତମ ଏଡ଼ିସନରେ ପୁଣିଥରେ କଲିକତା ନାଇଟରାଇଡର୍ସ ଫାଇନାଲ ଜିତି ଚାମ୍ପିୟନସ ହୋଇଥିଲା। ଆଇପିଏଲର ଅଷ୍ଟମ କ୍ରିକେଟ ଖେଳରେ ମୁମ୍ବାଇ ଇଣ୍ଡିଏନସ ଫାଇନାଲ ଜିତି ଚାମ୍ପିୟନସ ହୋଇଥିଲା। ନବମ ଆଇପିଏଲ ଏଡ଼ିସନରେ ସନରାଇଜର୍ଷ ହାଇଦ୍ରାବାଦ ଫାଇନାଲ ଜିତି ଚାମ୍ପିୟନସ ହୋଇଥିଲା। ଆଇପିଏଲର ଦଶମ ଏଡ଼ିସନରେ ମୁମ୍ବାଇ ଇଣ୍ଡିଏନସ ପୁଣି ଥରେ ଫାଇନାଲ ଜିତି ଚାମ୍ପିୟନସ ହୋଇଥିଲା।ଆଇପିଏଲ ଖେଳର ୧୧ ତମ ଏଡ଼ିସନ ରେ ଚେନ୍ନାଇ ସୁପର କିଂସ ଫାଇନାଲ ଜିତି ଚାମ୍ପିୟନସ ହୋଇଥିଲା। ଆଇପିଏଲ ଖେଳର ୧୨ ତମ ଏଡ଼ିସନରେ ମୁମ୍ବାଇ ଇଣ୍ଡିଏନସ ଫାଇନାଲ ଜିତି ଚାମ୍ପିୟନସ ହୋଇଥିଲା। ୧୩ତମ ଆଇପିଏଲ ଏଡ଼ିସନରେ ମୁମ୍ବାଇ ଇଣ୍ଡିଏନସ ଫାଇନାଲ ଜିତି ଚାମ୍ପିୟନସ ହୋଇଥିଲା। ୧୪ ତମ ଆଇପିଏଲ ଏଡ଼ିସନରେ ଚେନ୍ନାଇ ସୁପର କିଙ୍ଗସ ଫାଇନାଲ ଜିତି ଚାମ୍ପିୟନସ ହୋଇଥଲା। ୧୫ ତମ ଆଇପିଏଲ ଏଡ଼ିସନରେ ଗୁଜରାଟ ଟାଇଟେନସ ଫାଇନାଲ ଜିତି ଚାମ୍ପିୟନସ ହୋଇଥଲା। ୨୬ ତମ ଆଇପିଏଲ ଖେଳରେ ଚେନ୍ନାଇ ସୁପର କିଙ୍ଗସ ଫାଇନାଲ ଜିତି ଚାମ୍ପିୟନସ ହୋଇଥିଲା। ୧୭ ତମ ଆଇପିଏଲ ଖେଳରେ କଲିକତା ନାଇଟରାଇଡର୍ସ ଫାଇନାଲ ଜିତି ଚମ୍ପିୟନସ ହୋଇଥିଲା।

ବର୍ତ୍ତମାନ ସବୁଠୁ ଅଧିକ ଆଇପିଏଲ ଟି୨୦ କ୍ରିକେଟ ଖେଳ ଜିତିବାର ରେକର୍ଡ ଚେନ୍ନଇ ସୁପର କିଙ୍ଗ ଏବଂ ମୁମ୍ବାଇ ଇଣ୍ଡିଏନସ କ୍ରିକେଟ ଟିମ୍ ପାଖରେ ଅଛି। ଆଇପିଏଲ ଖେଳରେ ମୁମ୍ବାଇ ଇଣ୍ଡିଏନସ ଏବଂ ଚେନ୍ନାଇ ସୁପର କିଙ୍ଗସ ପାଞ୍ଚ ପାଞ୍ଚ ଥର ଆଇପିଏଲ ଫାଇନାଲ ଜିତିଛନ୍ତି। ଏହି ବର୍ଷ ଆଇପିଏଲ ଖେଳ ରେ ଅଧିନାୟକଙ୍କ ଅଦଳ ବଦଳ କରାଯାଇଛି। ୨୦୨୫ ଆଇପିଏଲ ସିଜେନ ରୋମାଞ୍ଚକ ହେବା କୁ ଯାଉଛି କାରଣ ୨୦୨୫ ଆଇପିଏଲ ଟାଇଟଲ କେଉଁ ଦଳ ଆଇପିଏଲ ଟିମ ଜିତିବ କହିହେବନି କାରଣ କ୍ରିକେଟ ଖେଳର ଫଳାଫଳ କଣ ହେବ କିଏ କହିପରିବନାହିଁ। ଆଇପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳୁଥିବା ସମସ୍ତ କ୍ରିକେଟ ଟିମ୍ ପାଇଁ ଆଇପିଏଲ ଖେଳ ଗୁରୁତ୍ୱପୂର୍ଣ୍ଣ।



ବର୍ତ୍ତମାନ ଆଇପିଏଲ ଖେଳର ଡିଫେଣ୍ଡିଂ ଚମ୍ପିୟନ କଲିକତା ନାଇଟରାଇଡର୍ସ। ୨୦୨୪ ଆଇପିଏଲ କ୍ରିକେଟ ଖେଳର ଫାଇନାଲ ମ୍ୟାଚରେ କଲିକତା ନାଇଟରାଇଡର୍ସ ସନରାଇଯାର୍ସ ହାଇଦ୍ରାବାଦ କୁ ହରାଇ ଚାମ୍ପିୟନ ହୋଇଥିଲା। ୨୦୨୪ ଆଇପିଏଲ ଖେଳରେ ବିରାଟ କୋହଲି ସବୁଠୁ ଅଧିକ ରନ କରି ଓରେଞ୍ଜ କେପର ବିଜେତା ହେଇଛନ୍ତି ସେହିପରି ହର୍ଶଲ ପଟେଲ ସବୁଠୁ ଅଧିକ ୱିକେଟ ନେଇଥିଲେ ସେଥିପାଇଁ ତାଙ୍କୁ ପର୍ପଲ କେପ ମିଳିଛି।

୨୦୨୫ ଆଇପିଏଲ ଖେଳର ପ୍ରଥମ ମ୍ୟାଚ କଲିକତା ନାଇଟରାଇଡର୍ସ ଏବଂ ରୟାଲ ଚେଲେଞ୍ଜର୍ଷ ବେଙ୍ଗଲୋର ଭିତରେ ଖେଳାଯିବ ଏବଂ ଫାଇନାଲ ଖେଳ ୨୫ ମେ ରେ ଖେଳାଯିବ।ପୂର୍ବ ବର୍ଷର ଆଇପିଏଲ ଖେଳରେ ଦିଲ୍ଲୀ କେପିଟେଲସର ଅଧିନାୟକ ରିଶବ ପନ୍ଥ ଥିଲେ ବର୍ତ୍ତମାନ ସିଏ ୟୁପି ୱାରିଆର୍ସର ନୂତନ ଅଧିନାୟକ ନିଯୁକ୍ତି ପାଇଛନ୍ତି। ସେହିପରି ଶ୍ରେୟସ୍ ଆୟର କଲିକତା ନାଇଟରାଇଡର୍ସର ପୂର୍ବତନ ଅଧିନାୟକ ଥିଲେ କିନ୍ତୁ ବର୍ତ୍ତମାନ ତାଙ୍କ ସ୍ଥାନରେ ଅଜିଙ୍କ୍ୟା ରାହାନେଙ୍କୁ କଲିକତା ନାଇଟରାଇଡର୍ସ ଟିମର ନୂତନ ଅଧିନାୟକ ଭାବେ ଘୋଷଣା କରାଯାଇଛି।ଆଇପିଏଲ ୨୦୨୫ ରେ ଅନେକ ଟିମର କ୍ୟାପଟେନ ବା ଅଧିନାୟକଙ୍କୁ ଅଦଳ ବଦଳ କରାଯାଇଛି।୨୦୨୪ ଆଇପିଏଲ ଖେଳରେ ରୟାଲ ଚେଲେଞ୍ଜର୍ସ ବାଙ୍ଗାଲୋରର ଅଧିନାୟକ ଫେଫ ଡୁପ୍ଲିଶିସ ଥିଲେ କିନ୍ତୁ ବର୍ତ୍ତମାନ ତାଙ୍କ ସ୍ଥାନରେ ରଜତ ପତିଦାରଙ୍କୁ ନୂତନ ଅଧିନାୟକ ଭାବରେ ନିଯୁକ୍ତ କରାଗଲା। ଗୁଜରାଟ ଟାଇଟେନସ, ଚେନ୍ନଇ ସୁପର କିଙ୍ଗ, ମୁମ୍ବାଇ ଇଣ୍ଡିଏନସ, ରାଜସ୍ଥାନ ରୟାଲସ ଏବଂ ସନରାଇଯର୍ସ ହାଇଦ୍ରାବାଦ ଟିମର ଅଧିନାୟକଙ୍କୁ ଅଦଳ ବଦକ କରାଯାଇନି। କୋଲକାତା ନାଇଟରାଇଡର୍ସ, ରୋୟଲ ଚେଲେଞ୍ଜାର୍ଷ ବେଙ୍ଗାଲୋର, ୟୁପି ୱାରିଅର୍ସ,ପଞ୍ଜାବ କିଙ୍ଗସ, ଲକ୍ଷ୍ନୌ ସୁପର ଜେଣ୍ଟସ ଏବଂ ଦିଲ୍ଲୀ କ୍ୟାପିଟାଲସ ଟିମର ଅଧିନାୟକଙ୍କୁ ବଦଳି କରାଯାଉଛି।


ବ୍ରହ୍ମପୁର, ଖୋଦାସିଂଘି
କଳିଙ୍ଗନଗର, ଗଞ୍ଜାମ,
ପିନ -୭୬୦୦୧୦
ମୋ:୭୨୦୫୧୦୦୮୩୯





## କେବେ ଖାଲିଖାଲି କେବେ ନାଳିନାଳି

**ନିରଞ୍ଜନ ସାହୁ**

ସେଦିନ ତ ଆଉ ଫେରିବାର ନାହିଁ
ଯେଦିନ ଯାଇଛି ଚାଲି
ପଛ ଦିନଗୁଡା ଜଣା ପଡୁଥାଏ
ବୋଧହୁଏ ଗତକାଲି ।

କେତେ ସୁଖମୟ ନଥିଲା ସତରେ
ସେଦିନର ପିଲାବେଳ
ସାଙ୍ଗସାଥି ମେଳେ ଚାଲୁଥିଲା କେତେ
ବିବିଧ ପ୍ରକାର ଖେଳ
ପଛକୁ ଚାହିଁଲେ ଶୂନ୍ୟତା ଭରଇ
ଲାଗୁଥାଏ ଖାଲିଖାଲି ।

ଛାତ୍ର ଜୀବନଟା ଭଲରେ କଟିଲା
ମହାବିଦ୍ୟାଳୟ ଯାଏ
କେତେ ଯେ ରଙ୍ଗୀନ ସପନ
ଭରିଲା
ଭାବିଲେ ଆଖି ନ ପାଏ
ଉତ୍ତାଳ ଯୌବନେ ମତୁଆଲା ମନ
ଭୁଲିଥିଲା ଚୋରାବାଲି ।

ଆଜି ଜୀବନର ରୁକ୍ଷତା ପାଖରେ
ଲାଗୁଛି ଯାଇଛି ହାରି
ହାହାକାର ପୂର୍ଣ୍ଣ ହାହୁତାଶମୟ
ମନପ୍ରାଣ ହୁଏ ଘାରି
ସତରେ ଅତୀତ ଫେରି ଆସନ୍ତା କି
ସାଜନ୍ତି ମୁଁ ନାଳିନାଳି ।


+ନିହଲ ପ୍ରସାଦ , ଗଁଦିଆ
ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩


## ଐଶ୍ୱର୍ଯ୍ୟ ଦେବୀ

**ପବିତ୍ର ବେହେରା**

ତୁମେ ମୋ ଶ୍ରୀରାଧା
ତୁମେ ମୋ କାବ୍ୟ ନାୟିକା
ତୁମେ ମୋ ଆରାଧ୍ୟ
ତୁମେ ମୋ ଅଦମ୍ୟ କାମନା

ତୁମେ ହିଁ ମୋ ବ୍ରହ୍ମ,ତୁମେ ମୋ ଜ୍ଞାନ
ତୁମେ ମୋ ନୈବେଦ୍ୟ, ତୁମେ ମୋ
ଇଶ୍ୱରୀ

ତୁମ ଐଶ୍ୱର୍ଯ୍ୟ ରୂପରେ ମୁଁ ଲୀନ
ତୁମେ ହିଁ ମୋର ଉପାସନା।

ମୋର ପ୍ରତିଟି ଶବ୍ଦ ତୁମ ପାଇଁ ଭକ୍ତି
ତୁମେ ହିଁ ମୋ ଆଦି ଅଦମ୍ୟ ଶକ୍ତି।

ତୁମେ ହିଁ ଶ୍ରେଷ୍ଠ ତୁମେ ହିଁ ଉତ୍କୃଷ୍ଟ
ତୁମେ ହିଁ ମୋ ମନ ପ୍ରଜାପତି।

ତୁମେ ମୋ ହିଁ ମୋ ଆରମ୍ଭ
ତୁମେ ହିଁ ମୋ ଜୀବନର ଇତି।

ତୁମେ ମୋର ଜୀବନର ପ୍ରଜ୍ଞା,
ମୋ ମନ ଅନ୍ତରର ତୁମେ ହିଁ ସଂଜ୍ଞା।


+ବାହାଲପୁର,ଗଞ୍ଜାମ
ମୋ: ୭୭୮୮୮୮୬୬୦୨


## ଭିକ୍ଷା ଭାସ୍କର୍ଯ୍ୟ

**ଡ. ଅନିଲ ନନ୍ଦ**



କୋଉକାଳୁ ଅନ୍ଧାର ଛାତିରେ
ଝୁଲି ରହିଛି କିମ୍ବଦନ୍ତୀ ମୁଖବନ୍ଧ
ଦର ଆଉଜା କବାଟ ଠେଲି
ଦିଆନିଆରେ ଲାଗିଚି ପବନ
ବାସ୍ନା, ବିଭୂତି, ବୈଦୁର୍ଯ୍ୟ
ଲୁଚାଚୋରା ହାତ ପାତିଲେ
ମିଳିଯାଏ ସାଆନ୍ତେ
ଭିକ, ଭେକ, ରାଜ୍ୟାଭିଷେକ ।

କୋଉ ଭିକ୍ଷାବୃତ୍ତି
ବନ୍ଦ କରିଦେବ କହୁଛ
ଶନି ମନ୍ଦିର ସାମ୍ନାରେ
ହାତ ପାତୁଥିବା ସାତ ଭିକାରୀଙ୍କର,
ନା ଗାଁ ଦାଣ୍ଡ ଦୁଲୁକେଇ
ପୋଷେ ଚାଉଳରେ
ଫେରି ଆସୁଥିବା ଚକୁଳିଆ ପଣ୍ଡାର
?

ଭିକ୍ଷାରେ ପରା କେବେକେବେ
ରାତାରାତି ଗଢାଯାଏ ରାଜ ପ୍ରାସାଦ
ଭିକ୍ଷାର ବଂଶୀ ସ୍ୱରରେ
ଭାଙ୍ଗି ଯାଏ କାରାଗାର ଫାଟକ
ଭିକ୍ଷାକୁ ନିଷିଦ୍ଧ କଲେ
ଯିବାକୁ ପଡେ ବନବାସ ।

ଏମିତି ବି ହୁଏ
ଗୋଟେ ଗୋଟେ ବଂଶ,ରାଜ୍ୟ,
ସଭ୍ୟତା ଓ ଭବିଷ୍ୟତର ନକ୍ସା
ତିଆରି ହୋଇଥାଏ ଭିକ୍ଷାରେ
ଭିକ୍ଷାକୁ ଭରସା କରି
ପାଳିତ ହୁଏ ମହୋତ୍ସବ ।


+କ୍ୟାମ୍ପସ -୯, କିଟ୍
ଭୁବନେଶ୍ୱର
ମୋ : ୯୯୩୭୮୪୩୩୬୮

# ଏହି ଅକ୍ଷରର ମହିଳା ମାନଙ୍କୁ ଜୀବନ ସାଥି କରିବା ପରେ ଚମକି ଉଠେ ଆପଣଙ୍କ ଭାଗ୍ୟ: ଭାଗ୍ୟଶାଳୀ ହୁଅନ୍ତି ପୁରୁଷ

**ଭାଗ୍ୟଶାଳୀ ନାମ: ସମସ୍ତେ ସଫଳ ହେବାକୁ ଚାହାଁନ୍ତି। ଅନେକ ଲୋକ ଏଥିପାଇଁ ବହୁତ ପରିଶ୍ରମ କରନ୍ତି। ତଥାପି, ଭାଗ୍ୟର ଅଭାବ ହେତୁ ସେ ସଫଳତା ହାସଲ କରିବାକୁ ସକ୍ଷମ ନୁହଁନ୍ତି, କିନ୍ତୁ ବିବାହ ପରେ ହଠାତ୍ ତାଙ୍କ ଭାଗ୍ୟ ଉଜ୍ଜ୍ୱଳ ହେବାକୁ ଲାଗେ । ଯେତେବେଳେ ଭାଗ୍ୟର ଦ୍ୱାର ଖୋଲିଯାଏ, ସେମାନେ ସଫଳତାର ସିଡ଼ି ଚଢ଼ିବା ଆରମ୍ଭ କରନ୍ତି । ଏହି ସମୟରେ, ଜୀବନ ସାଥୀ ମଧ୍ୟ ବହୁତ ସମର୍ଥନ ପାଇଥାଏ । ଜ୍ୟୋତିଷ ଶାସ୍ତ୍ରରେ ଏପରି ଲୋକମାନଙ୍କ ବିଷୟରେ କୁହାଯାଇଛି। ଏପରି ପରିସ୍ଥିତିରେ, ଆଜି ଆମେ ଜାଣିବା ଯେ ବିବାହ ପରେ କେଉଁ ଲୋକଙ୍କ ଭାଗ୍ୟ ଖୋଲି ଥାଏ ।**




ଅକ୍ଷର ଏଫ : ଯେଉଁମାନଙ୍କର ନାମ ଏଫ ଅକ୍ଷରରୁ ଆରମ୍ଭ ହୁଏ ସେମାନଙ୍କ ଭାଗ୍ୟ ମଧ ବିବାହ ପରେ ହିଁ ଖୋଲିବା ଆରମ୍ଭ ହୁଏ । ଏପରି ଲୋକମାନେ କଠିନ ପରିଶ୍ରମ ଆଧାରରେ ବିବାହ ପରେ ବହୁତ ଟଙ୍କା ରୋଜଗାର କରନ୍ତି । ସେମାନଙ୍କର ଜୀବନରେ କିଛି ଅଭାବ ଆସେ ନାହିଁ । ଏହି ଅକ୍ଷର ଲୋକମାନଙ୍କର ପତି-ପତ୍ନୀ ବହୁତ ଭାଗ୍ୟବାନ ହେଇଥାନ୍ତି ।

ଅକ୍ଷର ଏଚ: ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ବିବାହ ପରେ ଏହିପରି ଲୋକଙ୍କ ଭାଗ୍ୟ ବଦଳିଥାଏ, ଯାହାର ନାମ ଏଚ୍ ଅକ୍ଷରରୁ ଆରମ୍ଭ ହୋଇଥାଏ। ଏହିପରି ଲୋକମାନେ ହଠାତ୍ ବିବାହ ପରେ ସଫଳତାର ସିଡ଼ି ଚଢ଼ିବା ଆରମ୍ଭ କରନ୍ତି । ଏହି ଲୋକମାନେ ମଧ ନିଜ ଜୀବନସାଥୀଙ୍କଠାରୁ ବହୁତ ସହଯୋଗ ସମର୍ଥନ ପାଆନ୍ତି ।

ଅକ୍ଷର ଏମ : ଯେଉଁମାନଙ୍କର ନାମର ପ୍ରଥମ ଅକ୍ଷର ହେଉଛି ଏମ ସେମାନଙ୍କ ବିବାହ ପରେ ଭାଗ୍ୟ ଉଜ୍ଜ୍ୱଳ ହୋଇଥାଏ । ବିବାହ ପୂର୍ବରୁ କଠିନ ପରିଶ୍ରମ ପରେ ମଧ ସେମାନେ ଫଳାଫଳ ପାଆନ୍ତି ନାହିଁ, ବିବାହ ପରେ ସେମାନେ କଠିନ ପରିଶ୍ରମର ଫଳ ପାଇବା ଆରମ୍ଭ କରନ୍ତି । ବିବାହ ପରେ ସେମାନେ ସମାଜରେ ଏକ ଭଲ ପ୍ରତିଷ୍ଠା ପାଆନ୍ତି ।

ଅକ୍ଷର ପି : ପି ଅକ୍ଷରରୁ ଆରମ୍ଭ ହୋଇଥିବା ନାମ, ଯେଉଁମାନେ ବିବାହ ପୂର୍ବରୁ ସଂଘର୍ଷ କରନ୍ତି, କିନ୍ତୁ ବିବାହ ପରେ ସେମାନଙ୍କର ଶୋଇ ରହିଥିବା ଭାଗ୍ୟ ଜାଗ୍ରତ ହୁଏ । ଜୀବନ ସାଥୀଙ୍କ ସହ ଭଲ ଦିନ ଆରମ୍ଭ ହୁଏ । ବିବାହ ପରେ, ଏହି ଲୋକମାନେ ଜୀବନରେ ବହୁତ ଅଗ୍ରଗତି କରନ୍ତି।



# ଆପଣଙ୍କର୍ ଗଳା ଦରଜ ହେଉଛି କି ? କରନ୍ତୁ ଘରୋଇ ଉପଚାର



ଆପଣ ତଣ୍ଟି ଦରଜ ପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି ? ଋତୁ ବଦଳିବା ମାତ୍ରେ ଅଧିକାଂଶ ସମୟରେ ଲୋକଙ୍କୁ ଥଣ୍ଡା, ଜ୍ୱର ଆଦି ହୋଇଥାଏ। ତଣ୍ଟି ଦରଜ ଥଣ୍ଡାର ଏକ ପ୍ରମୁ ?ଖ ଲକ୍ଷଣ । ବେଳେ ବେଳେ ତଣ୍ଟି ଦରଜ ଏତେ ବଢ଼ିଯାଏ ଯେ ପାଣି ପିଇବା ତ ଦୂରର କଥା ଛେପ ଢୋକିଲେ ବି କଷ୍ଟ ହୁଏ।

ଋତୁକାଳୀନ ଅସୁସ୍ଥତା, ସଂକ୍ରମଣ, ବାୟୁ ପ୍ରଦୂଷଣ, ବଦହଜମି ଆଦି ତଣ୍ଟି ଦରଜର କାରଣ ହୋଇଥାଏ। ବେଳେ ବେଳେ ଏହି ସମସ୍ୟା ଔଷଧଠାରୁ ଶୀଘ୍ର ଘରୋଇ ଉପଚାରରେ କମିଥାଏ। ତେବେ ଚାଲନ୍ତୁ ଜାଣିବା କ'ଣ କରିବା ଦ୍ୱାରା ତଣ୍ଟି ଦରଜକୁ ହ୍ରାସ କରାଯାଇପାରେ।

ନିୟମିତ ବ୍ୟବଧାନରେ ଗରମ ପାଣି କରି ଗଳାରେ ଗଳଗଳ ବା ଗର୍ଗଲିଂ କରିବା ତଣ୍ଟି ପାଇଁ ଖୁବ୍ ଭଲ ହୋଇଥାଏ। ଏପରି କରିବା ଦ୍ୱାରା ଖୁବ୍ ଶୀଘ୍ର ଉପଶମ ମିଳିଥାଏ।

ତଣ୍ଟି ଦରଜ ସମୟରେ ଆପଣ ଗରମ ପାଣି ପିଇବ ?ାକୁ ଚେଷ୍ଟା କରନ୍ତୁ। ଅତିରିକ୍ତ ଗରମ ପାଣି ପିଇବା ଦ୍ୱାରା ପଟେ ଗରମ ହୋଇ କାଶ ହୋଇଥାଏ। ସେଥିପାଇଁ ଆପଣ ସାମାନ୍ୟ ଗରମ ପାଣି ପିଅନ୍ତୁ।

ଆୟୁର୍ବେଦ କହେ ହଳଦୀରେ ଅନେକ ରୋଗ ଭଲ ହୋଇଥାଏ। ଏହା ସଂକ୍ରମଣକୁ ଦୂରେଇବାରେ ଔଷଧ ପରି କାମ କରେ। ଏଥିପାଇଁ ଆପଣଙ୍କ ତଣ୍ଟି ଦରଜ ଯଦି ସଂକ୍ରମଣ ହେତୁ ହେଉଥାଏ ତ ଆପଣ ହଳଦୀ ମିଶ୍ରଣ କରି ଗରମ ପାଣି ପିଅନ୍ତୁ।

## ଅଳସୀ

ଅଣ-ଜଳସେଚିତ ଜମିରେ ଅଳସୀ ଫସଲ ପାଇଁ ଜମି ପ୍ରସ୍ତୁତ କରନ୍ତୁ। ଓଡ଼ିଶାର ଜଳବାୟୁ ପାଇଁ ଦେଓମାଳି ଓ ଆଇଜିପି ୭୬ କିସମ ଉପଯୁକ୍ତ। ଏକର୍ ପ୍ରତି ଚାରି କିଗ୍ରା ବିହନ ଆବଶ୍ୟକ। ବୁଣିବା ପୂର୍ବରୁ ବିହନକୁ ଭଲଭାବେ ଖରାରେ ଶୁଖାଇ, ବିଶୋଧିତ କରି ବୁଣନ୍ତୁ। ଏକ କିଗ୍ରା ବିହନକୁ ତିନି ଗ୍ରାମ ଥିରାମ କିମ୍ବା ଦୁଇ ଗ୍ରାମ କାର୍ବେଣ୍ଡାଜିମ୍ ମିଶାଇ ବିଶୋଧନ କରନ୍ତୁ। ଜମିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ। ଶେଷ ଓଡ଼ ଚାଷ ସମୟରେ ଏକର୍ ପ୍ରତି ଆଠ କିଗ୍ରା ଲେଖାଏଁ ଯବକ୍ଷାରଜାନ, ଫସଫରସ ଓ ପଟାସ ମୂଳ ସାର ଭାବେ ଦିଅନ୍ତୁ। ଧାଡ଼ି ମଧ୍ୟରେ ତିରିଶ ସେମି ଏବଂ ଗଛ ମଧ୍ୟରେ ଦଶ ସେମି ବ୍ୟବଧାନ ରଖି ମଞ୍ଜି ତିନି ସେମି ଗଭୀରରେ ବୁଣନ୍ତୁ।



# ଜୀବନ-ମନ୍ତ୍ର: ଗଣ୍ଡକୀ ନଦୀ ଓ ଶାଳଗ୍ରାମ ଶିଳା

'ମହାଭାରତ'ର ବନପର୍ବରେ ବର୍ଣ୍ଣିତ ହୋଇଛି, "ଗଣ୍ଡକୀତୁ ସମାସାଦ୍ୟ ସର୍ବତୀର୍ଥଜଳୋଦ୍‌ଭବାମ୍ (୮୪/୧୧୪)। ଅର୍ଥାତ୍ ସମଗ୍ର ତୀର୍ଥଜଳ ଏକତ୍ର ହୋଇ ଏହି ନଦୀକୁ ସୃଷ୍ଟି କରିଥିଲେ। ବହୁ ପ୍ରାଚୀନ କାଳର ଏକ ପୁରାଣ ବର୍ଣ୍ଣିତ ଉପାଖ୍ୟାନରୁ ଏହି ନଦୀର ଜନ୍ମ ବିବରଣୀର ସୂଚନା ମିଳିଥାଏ। ଏକଦା ଗୋଲୋକରେ ବାସ କରୁଥିବା ବୃନ୍ଦା ନାମକ ଏକ ସହଚରୀଙ୍କର କୃଷ୍ଣଙ୍କ ପ୍ରତି ଥିବା ପ୍ରୀତି ଏବଂ କୃଷ୍ଣଙ୍କର ତାଙ୍କ ପ୍ରତି ଥିବା ଆକର୍ଷଣରେ କ୍ଷୁବ୍‌ଧ ହୋଇ, ଦେବୀ ରାଧା ତାଙ୍କୁ ମର୍ତ୍ତ୍ୟଲୋକରେ ଜନ୍ମ ନେବାପାଇଁ ଅଭିଶାପ ଦେଲେ। ଦୁଃଖିତା ବୃନ୍ଦା ମର୍ତ୍ତ୍ୟଲୋକ ଆସି କଠୋର ତପସ୍ୟାରେ ନିମଗ୍ନ ହେଲେ। ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ବ୍ରହ୍ମା ତାଙ୍କୁ ଆଶ୍ୱାସନା ଦେଲେ, ଯେ ନାରାୟଣ ତୁମର ଚିରନ୍ତନ ପ୍ରୀତିଭାଜନ ହେବେ। କିନ୍ତୁ ଏହି ଜନ୍ମରେ ନୁହେଁ।

ବୃନ୍ଦା ଦେହତ୍ୟାଗ କଲେ ଏବଂ ପରବର୍ତ୍ତୀ ଜନ୍ମରେ ସେ ବୃଷଧ୍ୱଜଙ୍କର କନ୍ୟା ତୁଳସୀ ରୂପରେ ଜନ୍ମ ନେଲେ। ଶଙ୍ଖଚୂଡ଼ ନାମକ ଏକ ଦାନବ ସହିତ ତାଙ୍କର ବିବାହ ହେଲା। ଓଡ଼ିଆ ପୁରାଣରେ ଶଙ୍ଖଚୂଡ଼ର ନାଆଁ ଜଳନ୍ଧର। ଶଙ୍ଖଚୂଡ଼ ବରଲାଭ କରିଥିଲା। ଯେ ପର୍ଯ୍ୟନ୍ତ ତୁଳସୀ ସତୀ ହୋଇ ରହିଥିବେ, ସେ ପର୍ଯ୍ୟନ୍ତ ତା'ର ମୃତ୍ୟୁ ହେବ ନାହିଁ। ତେଣୁ ସେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଲୋକରେ ଘୋର ଅତ୍ୟାଚାର କଲା। ସେଥିରେ ଅତିଷ୍ଠ ହୋଇ ଦେବତାମାନେ ବିଷ୍ଣୁଙ୍କର ଶରଣ ପଶିଲେ। ଶିବଙ୍କୁ ଶଙ୍ଖଚୂଡ଼ ବଧ ନିମିତ୍ତ ଆୟୋଜନ କରିବାକୁ କହି ବିଷ୍ଣୁ ଶଙ୍ଖଚୂଡ଼ ରୂପ ଧାରଣ କରି ତୁଳସୀଙ୍କ ସହିତ ମିଳିତ ହେଲେ। ଶଙ୍ଖଚୂଡ଼ର ମୃତ୍ୟୁ ହେଲା। ତୁଳସୀ ବିଷ୍ଣୁଙ୍କର ଛଳନା ଜାଣିପାରି ତାଙ୍କୁ ପଥର ହେବାକୁ ଅଭିଶାପ ଦେଲେ। ବିଷ୍ଣୁଙ୍କର ଆଶୀର୍ବାଦରୁ ତୁଳସୀଙ୍କର ଚିତାଭସ୍ମରୁ ଏକ ନଦୀ ସୃଷ୍ଟି ହେଲା। ସମସ୍ତ ତୀର୍ଥଜଳ ଆସି ସେହି ନଦୀକୁ ପରିପୂର୍ଣ୍ଣ କଲେ। ବିଷ୍ଣୁ ସେହି ନଦୀରେ ଶାଳଗ୍ରାମ ଶିଳା ହୋଇ ରହିଲେ। ସେହି ଶିଳାକୁ ବିଷ୍ଣୁଶିଳା, ନାରାୟଣଶିଳା ଆଦି କୁହାଯାଏ। ସେ ଶିଳା ଗଣ୍ଡକୀ ନଦୀରେ ଦେଖାଯାଏ।

ଏହି ନଦୀ ତିବ୍‌ବତର ଧଉଳିଗିରିରୁ ବାହାରି ଭାରତରେ ଆସି ଗଙ୍ଗାରେ ମିଶିଛି। ନେପାଳରେ ଏହାକୁ କାଳୀନଦୀ ତଥା ସପ୍ତଗଣ୍ଡକୀ କୁହାଯାଏ। କାରଣ ହିମାଳୟରୁ ବାହାରି ଥିବା ସାତଟି ଜଳଧାର ଏକତ୍ର ହୋଇ ଗଣ୍ଡକୀର ସୃଷ୍ଟି। ଶାଳଗ୍ରାମ ଶିଳା ଯୋଗୁଁ ଏହି ନଦୀର ଜଳ ଅତ୍ୟନ୍ତ ପବିତ୍ର। ଶାଳଗ୍ରାମ ସ୍ୱୟଂ ବିଷ୍ଣୁଙ୍କର ରୂପ ହୋଇଥିବାରୁ ଏହାକୁ ଅତ୍ୟନ୍ତ ପବିତ୍ର ରୂପେ ଗ୍ରହଣ କରାଯାଏ।



# ମାନସିକ ସ୍ତରରେ କିପରି ଫିଟ୍ ରହିବେ: ନିୟମିତ ଖାଇବାକୁ ପଡ଼ିବ ଏହିସବୁ ଖାଦ୍ୟ



*ଆମେ ଶାରୀରିକ ଭାବେ ସୁସ୍ଥ ରହିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ମାନସିକ ଭାବେ ସୁସ୍ଥ ରହିବା ମଧ ସେତିକି ଗୁରୁତ୍ୱପୂର୍ଣ୍ଣ । ଯଦି ଜଣେ ମାନସିକ ସ୍ତରରେ ସୁସ୍ଥ ଓ ଶକ୍ତିଶାଳୀ ରୁହେ, ତେବେ ସମସ୍ତ ପ୍ରକାର ଅସୁବିଧା ଓ ଚାପକୁ ସହଜରେ ପ୍ରତିରୋଧ କରିପାରିବ । ଏପରି କିଛି ଫୁଡ୍ ରହିଛି, ଯାହାକି ଆମକୁ ମାନସିକ ସ୍ତରରେ ଫିଟ୍ ରଖିବାରେ ସହାୟତା କରିଥାଏ । ଆସନ୍ତୁ ଆଲୋଚନା କରିବା ସେହି ଫୁଡ୍ ବିଷୟରେ ।*

♦ ଅଣ୍ଡାରେ ରହିଥିବା କିଛି ପୋଷକ ତତ୍ତ୍ୱ ଆପଣଙ୍କ ମାନସିକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରିଥାଏ । ଏଥିରେ ଥିବା ଫଲିକ୍ ଏସିଡ୍, ବାୟୋଟିନ, କୋଲାଇନ ଆଦି ମସ୍ତିଷ୍କର କୋଷିକାଗୁଡ଼ିର ବିକାଶରେ ସହାୟତା କରିଥାନ୍ତି।

♦ ଦହି କେବଳ ଆମର ପାଚନ ତନ୍ତ୍ରକୁ ଠିକ୍ ରଖେ, ତା' ନୁହେଁ, ଏହା ଆମର ମସ୍ତିଷ୍କର କ୍ରିୟାକୁ ନିୟନ୍ତ୍ରଣ କରିଥାଏ । ନିୟମିତ ଖାଦ୍ୟରେ ଦହି ସାମିଲ କରିବା ଦ୍ୱାରା ଏହା ଆପଣଙ୍କ ଚାପକୁ କମ୍ କରିବାରେ ସହାୟତା କରିଥାଏ । ଯଦି ଆପଣ ଚିଡ଼ଚିଡ଼ା ସ୍ୱଭାବର ହୋଇଥାନ୍ତି, ତେବେ ମୁଡ୍ ଠିକ୍ କରିବାରେ ଦହି ସାହାଯ୍ୟ କରିଥାଏ।

♦ ସବୁଜ ପନିପରିବା ପର୍ଯ୍ୟାପ୍ତ ମାତ୍ରାରେ ସେବନ କରୁଥିବା ଲୋକଙ୍କର ମସ୍ତିଷ୍କ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ, ଯାହା ଆମକୁ ମାନସିକ ସ୍ତରରେ ସୁସ୍ଥ ରଖିଥାଏ ।

♦ ଡାର୍କ ଚକୋଲେଟରେ ଥିବା କୋକୋଆ ଆମର ମସ୍ତିଷ୍କର ରକ୍ତସଞ୍ଚାଳନ ପ୍ରକ୍ରିୟାକୁ ଠିକ୍ ରଖିଥାଏ । ଏତଦବ୍ୟତୀତ ଚକୋଲେଟରେ ଥିବା ଏକ ଉପାଦାନ ଆମର ମସ୍ତିଷ୍କର ଯୁବାବସ୍ଥା ବଜାୟ ରଖିବାରେ ସାହାଯ୍ୟ କରିଥାଏ ।

# ୪୦ବର୍ଷ ପରେ ଡାଏଟରେ ସାମିଲ କରନ୍ତୁ ଏହି ଖାଦ୍ୟ: ସହଜରେ ଅତିକ୍ରମ କରିବେ ବୃଦ୍ଧାବସ୍ଥା

ସାଧାରଣତଃ ବୟସ ବଢି ଯେତେବେଳେ ୪୦ ଅତିକ୍ରମ କରେ ସେତେବେଳେ ଆମ ଶରୀର ଅଧିକ ଯତ୍ନ ଆବଶ୍ୟକ କରେ, ଏହି ବୟସରେ ପ୍ରାୟତଃ ଲୋକମାନେ ଅନେକ ପ୍ରକାରର ରୋଗର ସମ୍ମୁଖୀନ ହୋଇଥାନ୍ତି । ହୃଦରୋଗ, ରକ୍ତଚାପ, ଏପରି ପରିସ୍ଥିତିରେ ପୀଡିତ ହୁଅନ୍ତି, ଯଦି ସମ୍ପୂର୍ଣ୍ଣ ଡାଏଟ୍ ସମସ୍ୟା ଜଟିଳ ହୋଇପାରେ ଯଦି ଯତ୍ନ ନିଆଯାଏ ନାହିଁ ।ଯଦି ଏହି ବୟସରେ ଖାଦ୍ୟ ପାନୀୟ ଠିକ ରହିବ ନାହିଁ ତେବେ ସମସ୍ୟା ଜଟିଳ ହୋଇପାରେ । ଖାସକରି ଶୀତଦିନେ ଯତ୍ନ ନେବା ନିହାତି ଆବଶ୍ୟକ । ତେବେ ଆସନ୍ତୁ ଜାଣିବା ୪୦ବର୍ଷ ପରେ କେଉଁ ଖାଦ୍ୟ ଖାଇବେ ଯାହା ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଇପାରିବ ।

ମାଛ– ବୃଦ୍ଧାବସ୍ଥାରେ ହୃଦୟର ଯତ୍ନ ନେବା ଏକ ଚିନ୍ତାର ବିଷୟ, ଏପରି ପରିସ୍ଥିତିରେ ତୁମେ ଟୁନା ଏବଂ ଅନ୍ୟାନ୍ୟ ମାଛ ଖାଇବା ଉଚିତ୍, କାରଣ ଏଥିରେ ପ୍ରଚୁର ପରିମାଣରେ ଓମେଗା -୩ ଫ୍ୟାଟ ଏସିଡ୍ ଥାଏ । ଓମେଗା ଫ୍ୟାଟ ଏସିଡ୍ ରକ୍ତଚାପ, ଲିପିଡସ୍, ଏବଂ ଅନିୟମିତ ହୃଦସ୍ପନ୍ଦନ ହ୍ରାସ କରି ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ ।

ଶସ୍ୟ– ବୃଦ୍ଧାବସ୍ଥାରେ ଶସ୍ୟ ଖାଇବା ଉଚିତ୍ । ଯଦି ଆପଣ ପ୍ରତିଦିନ ତିନୋଟି ଶସ୍ୟ କିମ୍ବା ଅଧିକ ସେବନ କରନ୍ତି , ତେବେ ଆପଣଙ୍କର ହୃଦଘାତ ହେବାର ଆଶଙ୍କା କମିପାରେ । ଶସ୍ୟ ଆପଣଙ୍କ ଭଲ କୋଲେଷ୍ଟ୍ରୋଲକୁ ବୁଝାଇଥାଏ ଏବଂ ହୃଦଘାତ ହେବାର ଆଶଙ୍କା କମ କରିଥାଏ । ଆପଣ ଓଟସ୍, ବ୍ରାଉନ୍ ଚାଉଳ, ରାଇ, ବାର୍ଲି ସହିତ ଫାଇବର ଖାଦ୍ୟ ଖାଇବା ଉଚିତ୍।

ବିନ– ଏହା ଏମିତି ଏକ ପରିବା ଯାହା ପ୍ରୋଟିନରେ ଭରପୂର, ଏହା ସହିତ ପୋଟାସିୟମ୍ ଏବଂ ବି ଭିଟାମିନ୍ ମଧ ରହିଥାଏ, ଉଭୟ ହୃଦୟ ପାଇଁ ଭଲ । ଶୀତଦିନେ, ଆପଣ ବିଭିନ୍ନ ଉପାୟରେ ଏହାକୁ



ପ୍ରସ୍ତୁତ କରି ଖାଇ ପାରିବେ ଏବଂ ଖାଦ୍ୟରେ ବାଇଗଣ ଅନ୍ତର୍ଭୁକ୍ତ ମଧ କରିପାରିବେ ।

ଡାଳିମ୍ବ– ଡାଳିମ୍ବରେ ଏଲାଗିକ୍ ଏସିଡ୍ ନାମକ ଏକ ଭିଟାମିନ୍ ଥାଏ, ଯାହା ପାଇଁ ଡାଳିମ୍ବକୁ ଏକ ସୁପରଫୁଡ୍ କୁହାଯାଏ, ଏହା ଆପଣଙ୍କୁ ସୁସ୍ଥ ରଖିବା ଅତ୍ୟନ୍ତ ଉପଯୋଗୀ, ଏହି ଖାଦ୍ୟଗୁଡ଼ିକ ଧମନୀରେ ଚର୍ବି ଜମା ନହେବାରେ ସାହାଯ୍ୟ କରିଥାଏ। ଡାଳିମ୍ବ ବ୍ୟବହାର କରିବା ଦ୍ୱାରା ବୃଦ୍ଧି ହୋଇଥିବା କୋଲେଷ୍ଟ୍ରୋଲ୍ କୁ ଏହା ହ୍ରାସ କରିଥାଏ ।

# ପିଞ୍ଛାବଣିଆଁ ଗୁରୁକୁଳ ଆଶ୍ରମର ବାର୍ଷିକ ଉତ୍ସବ ଉଦ୍‌ଯାପିତ



ବସ୍ତା,୨୫/୩ (ନି.ପ୍ର): ସ୍ଥାନୀୟ ରୂପସା , ପିଞ୍ଛାବଣିଆଁ ବୈଦିକ ଗୁରୁକୁଳ ଆଶ୍ରମ ର ୩୬ ତମ ବାର୍ଷିକ ମହୋତ୍ସବ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ଉତ୍ସବରେ ପୂର୍ବତନ ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୁପ କୁମାର ଦାସ ପ୍ରାଚୀନ ଗୁରୁକୁଳୀୟ ପରମ୍ପରାର ମହନୀୟତା ଉପରେ ମତବ୍ୟକ୍ତ କରିବା ସହ ଗୁରୁକୁଳ ରେ ରହୁଥିବା ବ୍ରହ୍ମଚାରୀ ଙ୍କ ଉନ୍ନତି ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ବ୍ଲକ ଅଧକ୍ଷା ଶ୍ରୀମତୀ ସୁନୀତା ବେହେରା ଗୁରୁକୁଳ ର ପରବେଶ ଓ ପିଲାମାନଙ୍କର ମନ୍ତ୍ରପାଠ ରେ ମୁଗ୍ଧ ହୋଇଯାଇଥିଲେ। ବରେଣ୍ୟ ଅତିଥି ବାନପ୍ରସ୍ଥି ସୁଦର୍ଶନ ଚୌଧୁରୀ , ୨୮ନଂ ଜୋନ୍ ର ଜିଲ୍ଲା ପରିଷଦ ଶ୍ରୀମାନ୍ ସଞ୍ଜୟ ସେଠୀ ,ସମ୍ମାନୀତ ବକ୍ତା ସମୟରଚକ୍ରର ସମ୍ପାଦକ ଶ୍ରୀ ସର୍ବେଶ୍ୱର ଜେନା, ଓ ଅନ୍ୟମାନଙ୍କ ମଧ୍ୟରେ ରୂପସା ସାମିଲ ହସନପୁର ପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ମାଳତୀ ପ୍ରଧାନ , ସମିତି ସଭ୍ୟା ଶ୍ରୀମତୀ ଶାନ୍ତିଲତା ବେହେରା, ବାନପ୍ରସ୍ଥିନୀ ଶ୍ରୀମତୀ ମଞ୍ଜୁରାଣୀ ଚୋ ?ଧୁରୀ, ସମାଜସେବୀ ପ୍ରତିମା ପଣ୍ଡା , ଶ୍ରୀ ସିତାରାମ ସାହୁ , ବୈଶିଙ୍ଗା ଥାନା ର ଭାରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ବାରୁଣୀ ଦାସ, ରୂପସା ଥାନା ର ଭାରପ୍ରାପ୍ତ ଅଧିକାରିଣୀ ଶ୍ରୀମତୀ ମୌସୁମୀ ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ଗୁରୁକୁଳୀୟ ଶିକ୍ଷାର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଦୀର୍ଘ ୩ ଦିନବ୍ୟାପୀ ଚାଲିଥିବା ବିଶ୍ୱ କଲ୍ୟାଣ ମହାଯଜ୍ଞ ର ପୂର୍ଣ୍ଣାହୁତି ହୋଇଥିଲା ।ପଣ୍ଡିତ ବୀରେନ୍ଦ୍ର କର, ଆଚାର୍ଯ୍ୟ ଶ୍ରୀ ନୀବାସ ପାଠି ଶର୍ମା , ଜଗବନ୍ଧୁ ଶାସ୍ତ୍ରୀ ,ସୁଧାକର ଶାସ୍ତ୍ରୀ , ପଣ୍ଡିତ ସୁରେନ୍ଦ୍ର ସିଂହ , ନୃସିଂହ ବ୍ରହ୍ମଚାରୀ ଆଦି ବିଦ୍ୱାନ ଗଣ ଯଜ୍ଞ ର ପୋରହିତ୍ୟ କରିଥିଲେ ।ବାଲେଶ୍ୱର ମୟୂରଭଞ୍ଜ ରୁ ଶତାଧିକ ଯଜ୍ଞ ପ୍ରେମୀ ଯଜ୍ଞ ରେ ଆହୁତି ପ୍ରଦାନ କରିଥିଲେ । ପ୍ରତ୍ୟେକ ଦିନ ବୃକ୍ଷ ରୋପଣ, ଗୋମାତା ସେବା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବୈଦିକ ପ୍ରବଚନ କରାଯାଇଥିଲା । ଓଡ଼ିଶା ର ସୁନାମଧନ୍ୟ ବୈଦିକ ବିଦ୍ୱାନ ସ୍ୱାମୀ ସୁଧା ନନ୍ଦ ସରସ୍ୱତୀ ଯୋଗଦାନ କରି ଜନତା ଜନାର୍ଦ୍ଦନ ଙ୍କୁ ବୈଦିକ ପ୍ରବଚନ ଶୁଣାଯାଇଥିଲା । ଉନ୍ନତ ସମାଜ ଓ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ବୈପ୍ଳବିକ କ୍ରାନ୍ତି ଆଣିବା ପାଇଁ ଉତ୍ସବ ଅବସରରେ ଶିକ୍ଷକ ସମାବେଶ ତଥା ମାତୃ ସମ୍ମିଳନୀର ଆୟୋଜନ କରାଯାଇଥିଲା । ରୂପସା, ଆଙ୍କୋ ଓ ହଳଦୀପଦା ଏଚଖର ସ୍ୱୟଂ ସହାୟକ ଗୋଷ୍ଠୀର ଅନେକ ମା ଭଉଣୀ ମାନେ ଏହି ମାତୃ ସମାବେଶରେ ଯୋଗଦାନ କରିଥିଲେ । ଗଞ୍ଜାମ ର ପୋଲସରା ନିବାସୀ ଅବସର ପ୍ରାପ୍ତ ଇ,ଇ,ର,ଢ ଶ୍ରୀଯୁକ୍ତ କ, ନିମାଇଁ ଚାନ୍ଦ ମହାପାତ୍ର ଗୁରୁକୁଳ ର ପିଲାମାନଙ୍କ ପାଇଁ ୧,୦୦,୦୦୦ (ଏକ ଲକ୍ଷ) ଟଙ୍କା ର ଲୌହ ଖଟ ସହ ଆନୁସାଙ୍ଗିକ ଉପକରଣ ପ୍ରଦାନ କରିଥିଲେ । ଠିକ୍ ସେହିପରି ଗଞ୍ଜାମ ର ଶ୍ରୀମତୀ ମଞ୍ଜୁରାଣୀ ଚୌଧୁରୀ ଗୁରୁକୁଳ କୁ ପିଲାମାନଙ୍କ ପାଇଁ ଏକ ଗୋମାତା ପାଇଁ ୫୫୦୦୦ ଟ. ର ଚେକ୍ ପ୍ରଦାନ କରିଥିଲେ । ସେହିଭଳି କୁରୁଡା ନିବାସୀ କ୍ଷୁଦ୍ର ଶିଳ୍ପପତି ଶ୍ରୀ ପ୍ରଦୀପ କୁମାର ବେହେରା ଓ ଶ୍ରୀମତୀ ତୁଳିକା ବେହେରା ଶୁଦ୍ଧ ପାନୀୟ ଜଳ ପାଇଁ ଏକ ଏକ୍ୱାଗାଡ୍ ପ୍ରଦାନ କରିଥିଲେ । ଅନେକ ପ୍ରାନ୍ତରୁ ଆସିଥିବା ମହାନୁଭବ ଅତିଥି ଓ ଶୁଭେଚ୍ଛୁ ଗଣ ଗୁରୁକୁଳ କୁ ସହାୟତାର ହାତ ବଢ଼ାଇଥିଲେ । ଗୁରୁକୁଳ ତରଫରୁ ମହାନୁଭବ ଅତିଥି ଓ ଦାନ ଦାତା ଙ୍କ ସହ କାର୍ଯ୍ୟ କ୍ରମରେ ଯୋଗଦାନ କରିଥିବା ସମ୍ବାଦ, ଅପରାହ୍ନ ଓ ଲକ୍ଷ୍ମଙ୍କଷ୍ମ କ୍ଷ୍ମକ୍ଷଙ୍କଷ୍ମ , ଓଡ଼ିଶା କ୍ଷସଙ୍ଘର ର ସାମ୍ବାଦିକ ଶ୍ରୀ ମାନସ କୁମାର ବେହେରା , ଶ୍ରୀ ସୁଶାନ୍ତ ପ୍ରଧାନ, ଶ୍ରୀ ଚାନସେଲର୍ ରାଉତ , ଶ୍ରୀ ଗତି କୃଷ୍ଣ ମହାନ୍ତ ଙ୍କୁ ସମ୍ମାନୀତ କରାଯାଇଥିଲା ।ସେହିପରି ଶିକ୍ଷକ ସମାବେଶ ଓ ମାତୃ ସମାବେଶରେ ଯୋଗଦାନ କରିଥିବା ଅନେକ ବିଦ୍ୟାଳୟ କୁ ଆଦର୍ଶ ବିଦ୍ୟାଳୟ ସମ୍ମାନ - ୨୦୨୫ ଓ ସ୍ୱୟଂ ସହାୟକ ଗୋଷ୍ଠୀ କୁ ଆଦର୍ଶ ସ୍ୱୟଂ ସହାୟକ ଗୋଷ୍ଠୀ -୨୦୨୫ ସମ୍ମାନ ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟ କ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଲୋକ ଯୋଗଦାନ କରିଥିଲେ । ପରିଶେଷରେ ଶ୍ରୀମାନ ଗଣେଶ କୁମାର ପାଢ଼ୀ ସମସ୍ତଙ୍କୁ ଗୁରୁକୁଳ ତରଫରୁ ଧନ୍ୟବାଦ ଜଣାଇଥିଲେ ।

# ଏକେ ଫିଲ୍ମସ୍‌ର ରୌପ୍ୟ ଜୟନ୍ତୀ ପାଳିତ

ବଲାଙ୍ଗିର,୨୫/୩ (ନି.ପ୍ର): ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆଜି ଏ. କେ. ଫିଲ୍ମସ୍ ର ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ 'ସାମ୍ପ୍ରତିକ ପରିସ୍ଥିତିରେ ସମାନ୍ତରାଳ ଫିଲ୍ମର ପ୍ରାସଙ୍ଗିକତା' ଶୀର୍ଷକ ବିଷୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏ.କେ ଫିଲ୍ମସ୍ ର ପ୍ରତିଷ୍ଠାତା ଅଶୋକ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ ଡଃ. ଶ୍ରୀକର ମିଶ୍ର ଓ ସମ୍ମାନିତ ଅତିଥିଭାବେ ବରିଷ୍ଠ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବରେ ଗାଳ୍ପିକ ପ୍ରଦୀପ କୁମାର ମହାପାତ୍ର ଯୋଗଦେଇ ନିଜର ଅଭିଭାଷଣ ରଖିଥିଲେ । ସଭା ପ୍ରାରମ୍ଭରେ ବରିଷ୍ଠ ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ବ୍ରଜମୋହନ ମିଶ୍ର ଓ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଗୋବର୍ଦ୍ଧନ ଭୋଇଙ୍କ ବିୟୋଗରେ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରି ଏ.କେ. ବେନରସରେ ଅଭିନୟ କରିଥିବା କିଛି କଳାକାର ଓ ଟେକନିସିଆନ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାକୁ ବିଜୟ ତ୍ରିପାଠୀ ସଂଯୋଜନା କରିଥିବା ହେଲେ ପରିଶେଷରେ କପିଳେଶ୍ୱର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କଲେ ଓ ହିତାଧିକାରୀଙ୍କୁ ପଚାରି ବୁଝିଲେ କେନ୍ଦ୍ରୀୟ ଦଳ

ଜୟପୁର,୨୫/୩ (ନି.ପ୍ର): କୋରାପୁଟ ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ଅନୁଦାନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରି ତଦାରଖ କରିଛନ୍ତି କେନ୍ଦ୍ରୀୟ ଅନୁଧାନକାରୀ ଦଳ। ଦିଲ୍ଲୀର ଜାତୀୟ ମନିଟରିଙ୍ଗ କମିଟି ଏନଏଲଏମ ଟିମର ବାଲା ନାୟକ, ବିକାଶ କୁମାର ସିଂହ ଆଜି କୋରାପୁଟ ଜିଲ୍ଲାକୁ ଗସ୍ତ କରି ଜିଲ୍ଲାର ଜୟପୁର ଓ ବୈପାରିଗୁଡା ଅଂଚଳ ବୁଲି ଦେଖିଛନ୍ତି।
ଜୟପୁର ପୌରାଚଂଳ ଓ ବ୍ଲକରେ ଚାଲିଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ରାସ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏନଆରଜିଏସ, ଜାତୀୟ ପେନସନ ଯୋଜନା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟ ପରିଦର୍ଶନ କରି କାର୍ଯ୍ୟର ମାନ ତଦାରଖ କରିଥିଲେ। ଏହି ଟିମ ଟାଙ୍କୁଆ ପଂଚାୟତ ଏବଂ ଜୟପୁର ପୌରପାଳିକାର ବସ୍ତି ଅଂଚଳ ଗସ୍ତ କରି ସେଠାରେ ଚାଲିଥିବା କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରି ହିତାଧିକାରୀ ଓ ଗ୍ରାମ ବାସୀମାନଙ୍କ ସହିତ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ହର ଘର ଜଳ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପରେ ସମୀକ୍ଷା କରିଥିଲେ ।
ଜୟପୁର ମୁଖ୍ୟରାସ୍ତାରେ ଥିବା ଭେଣ୍ଡିଙ୍ଗ ଜୋନର ଦୋକାନ, କୋଭିଡ ହସପିଟାଲ ସମ୍ମୁଖରେ ଥିବା ଫଳ ଦୋକାନକୁ ଯାଇ ସମୀକ୍ଷା କରିଥିଲେ ଓ ବ୍ୟବସାୟୀ ମାନଙ୍କୁ ବିଭିନ୍ନ ଯୋଜନା, ଉନ୍ନୟନ କାର୍ଯ୍ୟ କିପରି ଚାଲିଛି ତାର ସୁଫଳ ଠିକ ଭାବେ ହିତାଧିକାରୀ ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ଏହି ଟିମ ସହିତ କୋରାପୁଟ ଜିଲ୍ଲାପାଳ ଭି. କିର୍ତିଭାସନ, ଉପଜିଲ୍ଲାପାଳ ଅକା ବରମ .ସସ୍ୟାରେଡ୍ଡୀ ଓ ବିଡିଓ ଶକ୍ତି ମହାପାତ୍ର ପ୍ରମୁଖ କେନ୍ଦ୍ରୀୟ ଅନୁଧାନକାରୀ ଦଳଙ୍କ ସହିତ ଉପସ୍ଥିତ ଥିଲେ ।କୋରାପୁଟ ଜିଲ୍ଲା ଗସ୍ତରେ ଆସିଛନ୍ତି ଏହି ୨ ଜଣିଆ କେନ୍ଦ୍ରୀୟ ଟିମ। କେନ୍ଦ୍ରୀୟ ସ୍କିମ କିପରି କାର୍ଯ୍ୟକାରୀ ହେଉଛି ଏବଂ ହିତାଧିକାରୀ ମାନେ କେତେ ସୁବିଧା ପାଇ ପାରୁଛନ୍ତି ତାହାର ଅନୁଧାନ କରିବାକୁ ଜୟପୁର ପୌରାଚଂଳରେ ଆଜି ସମୀକ୍ଷା କରିଥିବା ବିଷୟ ଜିଲ୍ଲାପାଳ ଭି. କୀର୍ତିଭାସନ ସୂଚନା ଦେଇଛନ୍ତି । ସମୁଦାୟ ୧୧ଟି ସ୍କିମର କାର୍ଯ୍ୟକାରୀତା ପାଇଁ ଦୁଇ ଦିନିଆ ଗସ୍ତ ରହିଛି। ଆଜି ଜୟପୁର ଓ ବୈପାରିଗୁଡା ଗସ୍ତ ରହିଥିବା ବେଳେ ଆସନ୍ତାକାଲି ଲକ୍ଷ୍ମୀପୁର ଓ ସେମିଳିଗୁଡା ଗସ୍ତ କାର୍ଯ୍ୟକ୍ରମ ରହିଥିବା ଜିଲ୍ଲାପାଳ କହିଛନ୍ତି।

# ପ୍ରେସ୍ କ୍ଲବ ପକ୍ଷରୁ ଜିଲାସ୍ତରୀୟ ବନ୍ଧୁ ମିଳନ ଅନୁଷ୍ଠିତ

ଜୟପୁର,୨୫/୩ (ନି.ପ୍ର): କୋରାପୁଟ ପ୍ରେସ କ୍ଲବ ପକ୍ଷରୁ ପ୍ରଥମ ଥର ପାଇଁ ଏକ ଜିଲାସ୍ତରୀୟ ବନ୍ଧୁମିଳନ ପାଇନିରିସର୍ଟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରେସ କ୍ଲବର ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ପ୍ରଥମ ଥର ଏହି ବନ୍ଧୁ ମିଳନରେ ଜିଲାର ୧୪ଟି ବ୍ଲକ ର ବିଭିନ୍ନ ଖବର କାଗଜ, ବୈଦ୍ୟୁତିକ ଗଣମାଧମ ଏବଂ ଡିଜିଟାଲ ମିଡ଼ିଆ ଏବଂ ବିଭିନ୍ନ ସଂଘରେ ଜଡ଼ିତ ଥିବା ଶତାଧିକ ସାମ୍ବାଦିକ ଯୋଗ ଦେଇଥିଲେ । ପ୍ରଥମ ଥର ପାଇଁ ଏହି କାର୍ଯ୍ୟକ୍ରମକୁ ସମସ୍ତ ସାମ୍ବାଦିକ ସ୍ୱାଗତ କରିବା ସହ ପ୍ରେସ କ୍ଲବର ଏହି ଉଦ୍ୟମକୁ ପ୍ରଶଂସା କରି ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଚାଲୁରଖିବା ପାଇଁ ପରାମର୍ଶ ଦେଇଥିଲେ । ଏହାସହ ଏ ପ୍ରକାର ଭାତୃଭାବ କାର୍ଯ୍ୟକ୍ରମ ମଧ୍ୟରେ ସାଧାରଣ ଜନତାଙ୍କ ଉନ୍ନତି ଦିଗରେ କେଉଁଭଳି ଖବର ପ୍ରକାଶ କରାଯାଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇପାରିବ, ସେଥିନେଇ ଆଲୋଚନା କରାଯାଇଥିଲା ।
ଏଥିରେ ସାମ୍ବାଦିକ ଅମିତାଭ ବେହେରା, ରଞ୍ଜନ ଦାସ, ସିଏଚ ସନ୍ତାକାର, ଘନଶ୍ୟାମ ରଥ, ଶରତ ନାୟକ, ଶରତ ଧଳ, ବାବୁଲି ସିଂ, ପରୀକ୍ଷିତ ବିଶ୍ୱାଳ, କ୍ଷଷଧର ରାଉତ, ମୁରଲୀ ଧର ବରାଡ଼, ଦିଲିପ କୁମାର ମହାନ୍ତି, ଅମିତ କୁମାର ହୋତା, ସୂର୍ଯ୍ୟ ନାରାୟଣ ପଣ୍ଡା, ଶଶାଙ୍କ ଗୁରୁ, ସୁଶାନ୍ତ କୁମାର ମିଶ୍ରଙ୍କ ସହ ସମସ୍ତ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ ।

# ଯକ୍ଷ୍ମା ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର,୨୫/୩ (ନି.ପ୍ର): ବ୍ରହ୍ମପୁର ହରିହର ନଗର ଦ୍ୱିତୀୟ ସାରଣୀ ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବିଶ୍ୱ ଯକ୍ଷ୍ମା ଦିବସରେ ଟିବି ବା ରାଜଯକ୍ଷ୍ମା ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ, ଦୁର୍ବଳ, ଅଧିକ ପରିଶ୍ରମ, ଧାତୁ କ୍ଷୟ, ଚିନ୍ତା, ମଧୁମେହ, ପ୍ରମେହ ଦ୍ୱାରା ରୋଗ ପ୍ରତିଷେଧକ ଶକ୍ତି କମି ଯକ୍ଷ୍ମା ରୋଗ ହୁଏ। ଫୁସଫୁସ, ଅସ୍ଥି, ଚର୍ମ ଆଦି ବହୁ ଅଙ୍ଗରେ ହୁଏ। ପ୍ରଥମେ ଜ୍ୱର, କାଶ, ଅସ୍ଥି ବ୍ୟଥା,ସ୍ୱରଭଙ୍ଗ, ଦୁର୍ବଳ ବା ଓଜନ କମିଯାଏ। କାଉ, ଶୁଆ, ମୟୂର, ମାଙ୍କଡ଼, ଶୁଖିଲା ନଦୀ ଆଦି ସ୍ୱପ୍ନ ହୁଏ ।କାରଣ ସବୁ ଛାଡ଼ି ପୃଷ୍ଟି ଓ ଜୀର୍ଣ୍ଣ କାରକ ଖାଦ୍ୟ ଖାଇବେ। ଦୁବ, ପୋକଶୁଙ୍ଗା, ବାସଙ୍ଗ, ତୁଳସୀ ପତ୍ରରସ ପିଇବେ, ରୁଦନ୍ତୀ ଚୂର୍ଣ୍ଣ, ମକରଧ୍ୱଜ, ସ୍ୱର୍ଣ୍ଣ ଭସ୍ମ, ଶିଳା ଜତୁ ଲହୁଣି, ଘିଅ ଖାଇଲେ ରୋଗ ଭଲ ହୋଇଯାଏ ।ଆୟୁର୍ବେଦ ଓ ଏଲୋପାଥିକ ଔଷଧ ଡାକ୍ତରଙ୍କ ପରାମର୍ଶ ବିନା ବନ୍ଦ କରିବେ ନାହିଁ।
ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି.ଶ୍ରୀନିବାସ ରାଓ। ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ । ସମସ୍ତେ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି ।

# ୪୧ତମ କାକୁଡିକୁଦ ମେଲଣ ଉଦ୍‌ଯାପିତ: ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଧର୍ମଶାଳା,୨୫/୩ (ନି.ପ୍ର): ଯାଜପୁର ବ୍ଲକର ଅନ୍ୟତମ ପ୍ରସିଦ୍ଧ କାକୁଡିକୁଦ ମିଳନ ଉତ୍ସବ । ଝାଲପଡା ପଂଚାୟତସ୍ଥ କାକୁଡିକୁଦ (ନୀଳକଣ୍ଠପୁର) ସତ୍ୟସାଇ ଖେଳ ପଡିଆରେ ଏହି ମିଳନ ଉତ୍ସବ ରବିବାର ରାତିରେ ଆରମ୍ଭ ହୋଇ ସୋମବାର ପୂର୍ବାହ୍ନରେ ଉଦଯାପିତ ହୋଇଯାଇଛି । ଚଳିତ ବର୍ଷ ଏହି ମେଲଣ ଉତ୍ସବ ୪୧ ବର୍ଷରେ ପଦାର୍ପଣ କରିଛି । ମେଲଣ କମିଟି ପକ୍ଷରୁ ମହାଆଡମ୍ବରରେ ପାଳନ କରାଯାଇଛି । ଏହି ମେଲଣ ଉତ୍ସବରେ ବ୍ରହ୍ମବରଦା ଛେନାଖିଆପାଟଣା ଗ୍ରାମର ଶ୍ରୀ ଗୋପିନାଥ ଜୀଉ ବିମାନ, ଶ୍ରୀ ଗୋପିନାଥ ଜୀଉ କାକୁଡିକୁଦ, ଶ୍ରୀଶ୍ରୀ ଗୋପିନାଥ ଜୀଉ (କାକୁଡିକୁଦ-ନୀଳକଣ୍ଠପୁର), ଶ୍ରୀଶ୍ରୀ ରାଧାକାନ୍ତ ଜୀଉ କୁଣ୍ଡପାଟଣା, ଗୋପାଳପୁର ଶ୍ରୀଶ୍ରୀ ବୃନ୍ଦାବନ ଜୀଉ ଗୋବିନ୍ଦ ପାଟଣା ବିମାନ, ବନ୍ଧଡିହ(ଅଲାଡି ସାହି) ଶ୍ରୀ ବୃନ୍ଦାବନ ଜୀଉ ବିମାନ, ରାଧାମଦନ ମୋହନ ଜୀଉ ବିମାନ ସମେତ ସ୍ଥାନୀୟ ଅଂଚଳରୁ ମୋଟ ୨୦ରୁ ଉର୍ଦ୍ଧ ଛୋଟ ବିମାନ ଯୋଗ ଦେଇଥିଲେ । ଏହି ମେଲଣ ପଡିଆର ଚତୃପାଶ୍ୱର୍ରେ ସମସ୍ତ ବିମାନ ସୁସଜ୍ଜିତ ବିମାନରେ ଦଣ୍ଡାୟମାନ ହୋଇ ପ୍ରଭୁ ରାଧାକୃଷ୍ଣ ବିରାଜମାନ କରି କୀର୍ତନ, ଘୋଡା ଓ ଷଣ୍ଢ ନାଚ ସହ ପୁରୁଣା ଲୋକକଳା ସଂଗୀତ ସହ ବାଜାବାଣରେ ରୋଷଣୀ କରି ଗୋଟିଏ ପରେ ଗୋଟିଏ ବିମାନ ଏକତ୍ର ହୋଇଥିଲେ । ଏବଂ ଠାକୁର ବାଡିଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପ୍ରଥମେ ସ୍ଥାନୀୟ ମେଣ୍ଢ ଶିଙ୍ଗଜୋରି ମଠର ଅଭୟ ନୃସିଂହ ବିମାନ ଥାନପତି ଆସନ ଅଳଙ୍କୃତ କରିବା ପରେ ସମସ୍ତ ବିମାନ ନିକଟରେ ରଙ୍ଗ ବେରଙ୍ଗର ଅବିର ଖେଳି ଖେଳି ବିଜେ ହୋଇଥିଲେ । କମିଟି ପକ୍ଷରୁ ରିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଭୋଗ ଲାଗି କରାଯାଇଥିଲା । ପରେ ସମସ୍ତ ବିମାନ ଫଗୁ ଖେଳି ବିଦାୟ ନେଇଥିଲେ । ମେଲଣ କମିଟିର ସଭାପତି ନିରଞ୍ଜନ ଜେନା, ସମ୍ପାଦକ ରଘୁନାଥ ଜେନା, ସଭ୍ୟ ସରପଂଚ ଭାରତୀ ମଳିକ, ସମିତିସଭ୍ୟ ନିର୍ମଳ ସାମଲ, ଧନେଶ୍ୱର ପତି, ସୁରେନ୍ଦ୍ର ରାଉତ, ଅନନ୍ତ ପତି, ଭାଗବତ ଜେନା, ସୁବ୍ରତ ଜେନା, ନଟବର ସାମଲ, ଉତ୍କଳ ଜେନା, ରଂଜିତ ନାୟକ, ପ୍ରିୟନାଥ ରାଉତ, ମାଧବାନନ୍ଦ ଜେନା, ନିରଞ୍ଜନ ଗନ୍ତାୟତ, ବନମାଳୀ ମଳିକ, ଶିଶିର ରାୟ, ବାଦଲ ରାୟ ଓ ଦିଲିପ ଜେନା ପ୍ରମୁଖ ମେଲଣ ପରିଚାଳନାରେ ସହଯୋଗ କରିଥିଲେ । ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ରହ୍ମବରଦା ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମେଲଣ କମିଟି ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅସ୍ଥାୟୀ ଜଳଛତ୍ର କେନ୍ଦ୍ରରେ ଦହି ପାଣିର ବ୍ୟବସ୍ଥା କରାଯାଇଥିଲା । ସତ୍ୟ ସାଇ ମେଲଣ ପଡିଆରେ ଶହଶହ ଅସ୍ଥାୟୀ ମନୋହାରୀ ଦୋକାନ ସହ ବିଭିନ୍ନ କିସମର ଦୋଳିର ବ୍ୟବସ୍ଥା କରାଯାଇଥିଲା ।

# ଗଦ୍ୟ ସଂକଳନ "ଗଦ୍ୟଗଦି" ଉନ୍ମୋଚିତ

ବଲାଙ୍ଗିର,୨୫/୩ (ନି.ପ୍ର): ବଲାଙ୍ଗିରର ଜଣାଶୁଣା ଲେଖକ, ସାହିତ୍ୟିକ ଓ ଗବେଷକ ସିଦ୍ଧେଶ୍ୱର ପାଣିଗ୍ରାହୀଙ୍କ ଲିଖିତ ଗଦ୍ୟ ସଂକଳନ "ଗଦ୍ୟଗଦି" ସ୍ଥାନୀୟ ନୃସିଂହ ମନ୍ଦିର ଠାରେ ଉନ୍ମୋଚିତ ହୋଇଯାଇଛି । ଶ୍ରୀ ପାଣିଗ୍ରାହୀ ୧୯୮୫ ମସିହାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ରେଡିଓରେ ପ୍ରସାରିତ ଓ ଖବରକାଗଜ ମାନଙ୍କରେ ପ୍ରକାଶିତ କରିଥିବା ଲେଖାଗୁଡିକୁ ନେଇ ଏହି ସଂକଳନ କରାଯାଇଛି । ଗୁରୁଭାଇ ଭଉଣୀ ସେବାଟ୍ରଷ୍ଟର ସଭାପତି ଚନ୍ଦ୍ର କୁମାର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନୃସିଂହମନ୍ଦିରର ମହନ୍ତ ମହାରାଜ ବ୍ରଜମୋହନ ଶରଣ ଦେବ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରି ଏହି ପୁସ୍ତକରେ ପଶ୍ଚିମ ଓଡିଶାର ଅନେକ ତଥ୍ୟ ରହିଥିବାରୁ ଗବେଷକମାନଙ୍କ ପାଇଁ ଏହା ଯଥେଷ୍ଟ ସହାୟକ ହେବ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବରେ ବଲାଙ୍ଗୀର ବ୍ରାହ୍ମଣ ମହାସଭାର ସଭାପତି ଗୋପବନ୍ଧୁ ପୁରୋହିତ, ଆଲୋଚକ ଭାବରେ ଅବସରପ୍ରାପ୍ତ ଅଧାପକ ଡଃ. ପ୍ରଦୀପକୁମାର ଦାସ ଓ ପ୍ରଫେସର ତରୁଣ କୁମାର ମିଶ୍ର ଯୋଗଦେଇଥିଲେ । ପୁସ୍ତକକୁ ପ୍ରକାଶିତ କରିଥିବା ବିଦ୍ୟାରନ୍ ପ୍ରକାଶନୀର ପ୍ରକାଶିକା କୁନୀପ୍ରିୟା ନେପାକ ପୁସ୍ତକର ବିଷୟବସ୍ତୁ ଉପରେ କହିଥିଲେ ।
ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଶୋର ପୁରୋହିତ, ଶୁଭେନ୍ଦ୍ର ନେପାକ, ମଧୁସୁଦନ ନାୟକ, ଶ୍ୟାମସୁନ୍ଦର ଦାସ ପୁସ୍ତକ ଉପରେ ବକ୍ତବ୍ୟ ରଖି ମୋଥିଲେ । ପ୍ରକାଶ୍ୟ ଯେ, ଲେଖକ ସିଦ୍ଧେଶ୍ୱର ପାଣିଗ୍ରାହୀଙ୍କ ଦ୍ୱାରା ପୂର୍ବରୁ ଗବେଷଣାଧର୍ମ "ସୋନପୁରର ସ୍ୱାଧିନତା ଆନ୍ଦୋଳନ" ଓ "କୁଶଳେଶ୍ୱର କାବ୍ୟ" ପ୍ରକାଶିତ ହୋଇ ଉଚ୍ଚ ପ୍ରଶଂଶିତ ହୋଇଛି ।

# କେନ୍ଦୁଝରଠାରେ ପାଳିତ ହେଲା ବିଶ୍ୱ ଯକ୍ଷ୍ମା ଦିବସ

କେଉଁଝର,୨୫/୩ (ନି.ପ୍ର): ପୂର୍ବାହ୍ନରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି । ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରାକୁ ଜିଲ୍ଲା ମୁଖ୍ୟ ଚିକତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉକ୍ତ ଶୋଭାଯାତ୍ରାଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଏହି ଦିବସ ପାଳନ କରିବାର ତାତ୍ପର୍ଯ୍ୟ ଓ ବ୍ୟାପକ ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଡାକ୍ତର ବିନୋଦ ବିହାରୀ ମିଶ୍ର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣାରେ ପରୀକ୍ଷା ଓ ଚିକିତ୍ସା ଉପଲବ୍ଧ ଥିବା ଓ ଏହାର ସଦୁପଯୋଗ କରିବା ପାଇଁ ଆହ୍ୱାନ କରିଥିଲେ ଏବଂ ଉପଲବ୍ଧ ଥିବା ଅନ୍ୟାନ୍ୟ ସୁବିଧା ଉପରେ ଆଲୋକପାତ କରିଥିଲେ । ସେହିପରି ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୌର ପ୍ରସାଦ ମିଶ୍ର ଯକ୍ଷ୍ମାରୋଗର ଅନ୍ତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଛାତି ଓ ଯକ୍ଷ୍ମା ରୋଗ ବିଶେଷଜ୍ଞ ଡାକ୍ତର ପ୍ରଶାନ୍ତ କୁମାର ଯକ୍ଷ୍ମାରୋଗର କାରଣ, ଲକ୍ଷଣ ଓ ପ୍ରତିକାର ଉପରେ ବିଶଦଭାବରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୀଲମ ମହାନ୍ତି, ଏ ବର୍ଷର ବାର୍ତା ପ୍ରତିବଦ୍ଧତା,ନିବେଶ ଏବଂ ସଫଳ କାର୍ଯ୍ୟାନ୍ୱୟନ ଦ୍ୱାରା ଯକ୍ଷ୍ମାର ଅନ୍ତ କରିବା ସମ୍ଭବ ଉପରେ ଆଲୋକପାତ କରିଥିଲେ । ଏହା ସହିତ ୨୦୨୫ ମସିହା ମଧ୍ୟରେ ଯକ୍ଷ୍ମା ମୁକ୍ତ ଭାରତ ଗଠନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନଏମଟିସିର ( ଟିଉଟର ଏବଂ ଛାତ୍ରୀ) ନର୍ସିଙ୍ଗ ଅଫିସର, ପାରାମେଡିକାଲ ଷ୍ଟାଫ ଓ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

# ବାଲି ନମିଳିବାରୁ ସରକାରୀ, ବେସରକାରୀ ଉନ୍ନୟନମୂଳକ କାମ ଠପ୍

ମାଲକାନଗିରି,୨୫/୩ (ନି.ପ୍ର): ସାରା ରାଜ୍ୟରେ କେମିତି ବାଲି ଘାଟ ନିଲାମ ହେବ, ସ୍ୱଚ୍ଛ ପ୍ରକ୍ରିୟାରେ ବାଲି ଯୋଗାଣ ହେବ ସେଥିପାଇଁ ରାଜ୍ୟ ସରକାର ଏସଓପି ଆଣିଛନ୍ତି । ହେଲେ, କେବେ କମିଟି ଗଠନ ହେବ ? କେବେ ବାଲି ଘାଟ ନିଲାମ ହେବ ? ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଦିଆଯାଇନାହିଁ । ଅନ୍ୟପଟେ ବାଲି ଚୋରାଚାଲାଣ ଉପରେ ଛାଟ ପଡିବା ପରେ ସୃଷ୍ଟି ହୋଇଛି ବିଚିତ୍ର ସ୍ଥିତି । ବାଲି ନମିଳିବାରୁ ସରକାରୀ, ବେସରକାରୀ ଉନ୍ନୟନମୂଳକ କାମ ଠପ୍ ହୋଇଛି। ପୋଲିସ, ରାଜସ୍ୱ ଓ ମାଇନସ୍ୱ ବିଭାଗ ପକ୍ଷରୁ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଗାଡି ଜବତ କରାଯିବା ପରେ ଜିଲ୍ଲାରେ ଏକ ରକମ ଉନ୍ନୟନ କାର୍ଯ୍ୟ ମାର୍ଚ୍ଚ ମାସରେ ବନ୍ଦ ରହିଥିବାରୁ ଠିକାଦାର ମାନେ ନିର୍ଦ୍ଦିଷ୍ଟ ସମୟରେ କାମ କିପରି ସାରିବେ ସେ ନେଇ ଚିନ୍ତିତ ଅଛନ୍ତି। ବାଲି ଚୋରା ଚାଲାଣ ଉପରେ ଛାଟ ପଡିବା ପରେ ବାଲି ମିଳୁନି । ଯଦି ମିଳୁଛି ତାହା ସାମାନ୍ୟ ଦର ଠାରୁ ୩ ଗୁଣା ଅଧିକ । ଯାହାଫଳରେ ଉଭୟ ସରକାରୀ ଓ ବେସରକାରୀ ଉନ୍ନୟନମୂଳକ କାର୍ଯ୍ୟ ଠପ ହୋଇପଡିଛି । ସବୁଠୁ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଆବାସ ଯୋଜନା ହିତାଧିକାରୀ । ଜିଲ୍ଲାର ପଡିଆ, କାଲିମେଳା, ମାଲକାନଗିରି, କୋରୁକୋଣ୍ଡା, ଚିତ୍ରକୋଣ୍ଡା, ଖଇରପୁଟ ଓ ମାଥିଲି ବ୍ଲକ ର ବିଭିନ୍ନ ପଂଚାୟତରେ ଚାଲିଥିବା ଆବାସ ଯୋଜନା ହିତାଧିକାରୀ । ଅଭାବ ଅସୁବିଧା ଭିତରେ ନିମିଟଲ ପର୍ଯ୍ୟନ୍ତ କାମ ସାରି ଘର ଛାତ ପକାଇବା ପାଇଁ ସେଂଟ୍ରିଙ୍ଗ ବାନ୍ଧି ସାରିଛନ୍ତି। ହେଲେ, ବାଲି ମିଳୁନଥିବାରୁ ଛାତ ପକାଇ ପାରୁ ନଥିବା ଦେଖିବାକୁ ମିଳିଛି।
ସରକାରୀ କାର୍ଯ୍ୟ ଓ ସରକାରୀ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ବାଲି ପାଇଁ କଷ୍ଟ ଭୋଗୁଛନ୍ତି । ଏବେ ବାଲି ନମିଳିବାରୁ ଲୋକେ ଘର ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ବନ୍ଦ କରି ଦେଇଛନ୍ତି । ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଗଲା ପରେ ଶ୍ରମିକ କାମଧନ୍ଦା ନପାଇ ହାତବାନ୍ଧି ବସିଛନ୍ତି । ପରିବାର ଚଳାଇବେ କିପରି ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି । ରାଜ୍ୟ ସରକାର ବାଲି ପାଇଁ ନୂଆ ଏସଓପି ଆଣିଛନ୍ତି, ହେଲେ ଯେଉଁ କମିଟି ଗଠନ କରିବା କଥା କହୁଛନ୍ତି ସେଥିପାଇଁ ଆହୁରି ସମୟ ଲାଗିପାରେ । ତେଣୁ ଏହା ଭିତରେ ସରକାରୀ ଓ ବେସରକାରୀ ନିର୍ମାଣ କାର୍ଯ୍ୟ କେମିତି ହେବ ତାହା ଏବେ ବଡ଼ ଚ୍ୟାଲେଞ୍ଜ୍ ହେବ ।

# ସେବା ଭାରତୀରେ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ସମ୍ବଲପୁର,୨୫/୩ (ନି.ପ୍ର): ସେବା ଭାରତୀ, ଓଡ଼ିଶା ପଶ୍ଚିମ ପ୍ରାନ୍ତର ଚାଲୁଥିବା ସତସଙ୍ଗ କେନ୍ଦ୍ରମାନଙ୍କର ତୀର୍ଥଯାତ୍ରା ଆୟୋଜନ କରାଯାଉଛି। ଏବର୍ଷ କାଶୀ ବିଶ୍ୱନାଥ, ଅଯୋଧ୍ୟା ଓ ପ୍ରୟାଗ ରାଜ ତୀର୍ଥଯାତ୍ରା ହେବ। ଆସନ୍ତା ଏପ୍ରିଲ ୧ ତାରିଖରୁ ବଲାଙ୍ଗୀର ଜିଲ୍ଲାର ପୁଡାପଡା, ବରଗଡ଼ ଜିଲ୍ଲାର ବ୍ରାହ୍ମଣୀ ପଠାର ଓ କୁସନପୁରିର ୩ଟି ସତସଙ୍ଗରୁ ୬୮ ଜଣ ତୀର୍ଥଯାତ୍ରାରେ ଯିବେ। ଯିବା ପୂର୍ବରୁ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ବୁର୍ଲା ମେଡିକାଲରେ କାର୍ଯ୍ୟରତ ବିଶେଷଜ୍ଞ ତଥା ନେସନାଲ ମେଡ଼ିକୋ ସଂଗଠନର ଓଡ଼ିଶା ପଶ୍ଚିମର ସଂଗଠନ ମନ୍ତ୍ରୀ ଡାକ୍ତର ସଂଜୀବ ମିଶ୍ର, ଡ଼ା. ସତ୍ୟ ସ୍ୱରୂପ ତ୍ରିପାଠୀ ଓ ଡ଼ା. ସିପନ କୁମାର ନାୟକ ସେ ଗାଁ ମାନଙ୍କୁ ଯାଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ସଙ୍ଗେ ସଙ୍ଗେ ଯାତ୍ରା ସମୟରେ ସ୍ୱାସ୍ଥ୍ୟକୁ କେମିତି ଠିକ ରଖି ପାରିବା ସେଥିପାଇଁ ପରାମର୍ଶ ମଧ ଦେଇଥିଲେ। ସେବା ଭାରତୀର ପଶ୍ଚିମ ପ୍ରାନ୍ତ ସଂଗଠନ ମନ୍ତ୍ରୀ ହୃଷୀକେଶ ନାଗ ଏହି ଶିବିର ପରିଚାଳନା କରିଥିଲେ ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୨୫/୩ (ନି.ପ୍ର): ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଭାବେ ଆଡଭୋକେଟ ଦୁର୍ଯ୍ୟୋଧନ ସାହୁ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ଅରବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ ମେଳା ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ ଓ ଏହା ୨୮ ତାରିଖ ପର୍ଯ୍ୟନ୍ତ ୫ ଦିନ ଚାଲୁରହିବା ସହିତ କୃଷକ ମାନଙ୍କୁ ଉନ୍ନତ କୃଷି ନିମନ୍ତେ କୃଷି ବିଶେଷଜ୍ଞ ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ସେ ମତ ପ୍ରକାଶ କରିଥିଲେ ଚଳିତ ଆର୍ଥିକ ବର୍ଷରେ ଜିଲ୍ଲାର କୃଷକ ମାନେ ୪୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି କ୍ରୟ କରିବା ସହ ରାଜ୍ୟ ସରକାର ସେମାନଙ୍କୁ ୧୦ କୋଟି ଟଙ୍କାର ସବସିଡି ପ୍ରଦାନ କରିଛନ୍ତି । ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟର ସୁଯୋଗ ଚାଷୀମାନେ ପାଇବା ସହ ଏଠାରେ କୃଷକମାନେ ଆଧୁନିକ ଜ୍ଞାନ କୌଶଳର ପ୍ରଶିକ୍ଷଣ ପାଇପାରିବେ ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ ଓ କୃଷି ଓ କୃଷକ ସଶକ୍ତିକରଣ ପାଇଁ ରାଜ୍ୟ ସରକାରଙ୍କର ଥିବା ଆଭିମୁଖ୍ୟ ଏହା ଯୋଗୁଁ ଫଳପ୍ରସୂ ହୋଇପାରିବ ଓ ରାଜ୍ୟ ଓ କେନ୍ଦ୍ର ସରକାର କୃଷକମାନଙ୍କ ଉନ୍ନତି ପାଇଁ ଯେଉଁ ଯୋଜନା କରୁଛନ୍ତି ତାହାର ସୁଫଳ ନେବା ପାଇଁ ଯୁବ ସମାଜକୁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ ଓ କେନ୍ଦ୍ରାପଡ଼ା ଭଳି କୃଷି ପ୍ରଧାନ ଜିଲ୍ଲାର ଉନ୍ନତି କେବଳ କୃଷିର ଉନ୍ନତିରେ ହିଁ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ ଓ ରାଜ୍ୟ ସରକାର ସବୁ ସବ-ଡିଭିଜନରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି ।

# ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନ,୨୫/୩ (ନି.ପ୍ର): ଭୁବନ ଏନ୍ ଏ ସି ଅନ୍ତର୍ଗତ ଟୋଲଙ୍କ ବେରେଣି ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଦୀନବନ୍ଧୁ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ନମିତା ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ତ୍ରିଲୋଚନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ପୋଥାଳ ଯୋଗଦେଇ ଆମ ସଂସ୍କୃତି ଆମ ଖେଳନା ଓ ଆମ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଦିପ୍ତିମୟୀ ସାହୁ କାଗଜ ଓ କପଡା କାଟି ବିଭିନ୍ନ ପ୍ରକାର ଖେଳନା ପ୍ରସ୍ତୁତ କରିଥିବା ବେଳେ ଅଶାନ୍ତି ବାହାଲିଆ,ନିରୁପମା ପୋଥାଳ ଛାତ୍ର ଛାତ୍ରୀ ମାନଙ୍କୁ ମାଟିରେ ବିଭିନ୍ନ ପ୍ରକାର ଖେଳନା ତିଆରି ଶିଖାଇଥିଲେ।

# ଚାନ୍ଦିପୁରଠାରେ କ୍ଷେପଣାସ୍ତ୍ର ପରୀକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ଚୂଡାନ୍ତ ପ୍ରସ୍ତୁତି

## ୩ ଗୋଟି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ୬ ଗାଁର ମୋଟ ୩୨୦୦ ଜଣଙ୍କୁ ସ୍ଥାନାନ୍ତର ପାଇଁ ସୁବନ୍ଦୋବସ୍ତ



ବାଲେଶ୍ୱର, ୨୫/୩ (ନି.ପ୍ର): ଆସନ୍ତା ତା ୨୬ ତାରିଖ ଚାନ୍ଦିପୁର ଆଇଟିଆର LC-III କ୍ଷେପଣାସ୍ତ୍ର ଘାଟିରୁ ହେବାକୁ ଥିବା କ୍ଷେପଣାସ୍ତ୍ର ପରୀକ୍ଷାର ସୂଚାରୁ ପରିଚାଳନା ଦିଗରେ ଜିଲ୍ଲା ପ୍ରଶାସନର ପକ୍ଷରୁ ସମସ୍ତ ପ୍ରସ୍ତୁତି ଜାରି ରହିଛି ଓ ଚାନ୍ଦିପୁର ଆଇଟିଆର ଖଉ-ଓଓଓ କ୍ଷେପଣାସ୍ତ୍ର ଘାଟିରୁ କ୍ଷେପଣାସ୍ତ୍ର ପରୀକ୍ଷା କରାଯିବା ପାଇଁ ନିର୍ଦ୍ଧାରିତ ହୋଇଥିବା ସାଢ଼େ ଦୁଇ କିଲୋମିଟର ପରିଧି ଅଞ୍ଚଳର ଜନସାଧାରଣଙ୍କ ସ୍ଥାନାନ୍ତର ଓ ସୁରକ୍ଷା ନିମନ୍ତେ ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି ଓ ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୈଠକରେ ଆରକ୍ଷୀ ଅଧକ୍ଷକ ଶ୍ରୀ ରାଜ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ହେମନ୍ତ ସିଂ, ଅତିରିକ୍ତ ଏସପି ଶ୍ରୀ ଦେବଜ୍ୟୋତି ଦାସ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ଭାରପ୍ରାପ୍ତ ଉପଜିଲ୍ଲାପାଳ ବାଲେଶ୍ୱର ଡ଼. ମଧୁସ୍ମିତା ସାମନ୍ତରାୟଙ୍କ ସମେତ ବିଭିନ୍ନ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।ପ୍ରାପ୍ତ ସୂଚନା ଅନୁଯାୟୀ ଜୟଦେବକସବା ପାହି ଓ ସାହାଜାନଗର ପାହି (୧୧୫୦), ଭୀମପୁର ପାହି ଓ ତୁଣ୍ଡରା ପାହି (୯୧୫) ଓ ଖଡୁପାହି ଓ କୁସୁମୁଳୀ (୧୧୩୫) ଅଞ୍ଚଳର ମୋଟ ୩୨୦୦ ଲୋକଙ୍କ ପୁନର୍ବାସ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସୁବନ୍ଦୋବସ୍ତ କରାଯାଇଅଛି ଓ ଜୟଦେବକସବା ପାହି ଓ ସାହାଜାନନଗର ପାହି ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ଶିବିର ଜୟଦେବକସବା ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀଠାରେ ନିର୍ମାଣ କରାଯାଇଛି ଓ ଭୀମପୁର ଓ ତୁଣ୍ଡରା ପାହିର ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ଶିବିର ଭୀମପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ନିର୍ମାଣ କରାଯାଇଛି ଓ ଖଡୁପାହି ଓ କୁସୁମୁଳୀ ପାହିର ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ଶିବିର ଖଡୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ନିର୍ମାଣ କରାଯାଇଛି । ଏହି ସମସ୍ତ ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡିକରେ ସ୍ଥାନାନ୍ତରିତ ଲୋକଙ୍କ ସହଜତା ପାଇଁ ୧୦୦ ରୁ ଉର୍ଦ୍ଧ୍ୱ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ଓ ଉକ୍ତ ଅଞ୍ଚଳଗୁଡିକରେ ବିଗତ ୨ ଦିନରୁ ଢ଼ାକବାଜି ଯନ୍ତ୍ରଦ୍ୱାରା ଜନସାଧାରଣଙ୍କୁ ଆସନ୍ତା କାଲି ସକାଳ ଘ. ୦୬ ଠାରୁ ସ୍ଥାନାନ୍ତର ଓ କ୍ଷେପଣାସ୍ତ୍ର ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଶିବିରରେ ରହିବାକୁ ସୂଚନା ଦିଆଯାଇଛି ଓ ଏହି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଜନସାଧାରଣଙ୍କ ନିମନ୍ତେ ଜଳଖିଆ ଏବଂ ମଧାହ୍ନ ଭୋଜନ ଆଇଟିଆର ପକ୍ଷରୁ ପ୍ରଦାନ କରାଯିବ ଓ ଯୋଗ୍ୟ ହିତାଧିକାରୀଙ୍କ ପ୍ରାପ୍ୟ ଟଙ୍କା ସେହିଦିନ ପୂର୍ବାହ୍ନ ଘ. ୧୧ ସୁଦ୍ଧା ତାଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ ଓ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂପୃକ୍ତ ଅଞ୍ଚଳର ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ।

## ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଶେଷବର୍ଷ ଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଅନୁଷ୍ଠିତ

ନୀଳଗିରି, ୨୫/୩ (ନି.ପ୍ର): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡିଆଭାଷା ଓ ସାହିତ୍ୟବିଭାଗର ଶେଷବର୍ଷ ଛାତ୍ରୀ ମାନଙ୍କ ପାଇଁ ଏକ ବିଦାୟୀକାଳୀନ ସମ୍ବର୍ଦ୍ଧନା ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଓଡିଆ ବିଭାଗ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତସଭାରେ ପ୍ରାରମ୍ଭରେ ପ୍ରଥମବର୍ଷର ଛାତ୍ରୀ ସୁଶ୍ରୀ ଇତିଶ୍ରୀ ରାଉତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବାସହ ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ଅତିଥି ଭାବରେ ବିଭାଗର ଅଧ୍ୟାପିକା ଡ. ଶିବାନୀ ଡଗର, ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର, ଇଂରାଜୀ ବିଭାଗର ମଣିମାଳା ବିଶ୍ୱାଳ, ରାଜନୀତି ବିଭାଗର ଅଧ୍ୟାପିକା ମୌସୁମୀ ଭୋଳ, ଗୃହବିଜ୍ଞାନର ଅଧ୍ୟାପିକା ମମତା ପ୍ରିୟଦର୍ଶିନୀ ସାହୁ ଯୋଗଦେଇ ଛାତ୍ରୀମାନଙ୍କୁ ବହୁବିଧ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଥମବର୍ଷ ଓ ଦ୍ୱିତୀୟବର୍ଷର ଛାତ୍ରୀ ମାନଙ୍କ ମଧ୍ୟରେ ଇତିଶ୍ରୀ ରାଉତ, ଛବିରାଣୀ ନାୟକ, ଅଙ୍କିତା ବେହେରା ମମତା ଦାସ, ବୈଶାଖୀ ଖଣ୍ଡେଇ, ରଶ୍ମିତା ସିଂ, ବିଦୁସ୍ମିତା ମଲ୍ଲିକ, ତନୁଶ୍ରୀ ସ, ଦେବସ୍ମିତା ବାରିକ ଭବାନୀ ସିଂ ନିଜନିଜ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଶେଷବର୍ଷ ଛାତ୍ରୀ ମାନଙ୍କ ତରଫରୁ ହେମଲତା ବେହେରା, ସାଇପ୍ରଭା ସ, ସମ୍ବେଦିତା ବାରିକ, ଦୀପାଞ୍ଜଳି ବାରିକ, ସସ୍ମିତା ପ୍ରଧାନ, ପ୍ରଜ୍ଞାପରମିତା ବାରିକ, ବନିତା ମହାଳିକ, ଅଙ୍କିତା ସିଂ, ସୁକାନ୍ତି ସିଂ, ମିତା ସିଂ, ଦେବଯାନି ମିଶ୍ରି, ଯଶୋଦା ସିଂ ଅନିତା ମହାଳିକ ପ୍ରମୁଖ ତାଙ୍କର ବିଗତ ଦିନର ଅନୁଭୂତି ବଖାଣି ଶୋକାପ୍ଲୁତ ହୋଇଥିଲେ । ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ବିଦାୟକାଳୀନ ସଙ୍ଗୀତଗାନ କରାଯାଇଥିଲା ।

## 'ସାମାଜିକ ସଂସ୍କାର ଆନ୍ଦୋଳନରେ ରାଜା ରାମମୋହନ ରାୟଙ୍କ ଭୂମିକା' ଶୀର୍ଷକ ଆଲୋଚନା ଚକ୍ର




ଉଦଳା , ୨୫/୩ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଇତିହାସ ଓ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ମିଳିତ ଭାବରେ ଚଳିତ ମାର୍ଚ୍ଚ ୨୨ ତାରିଖ ଶନିବାର ଦିନ 'ସାମାଜିକ ସଂସ୍କାର ଆନ୍ଦୋଳନରେ ରାଜା ରାମମୋହନ ରାୟଙ୍କ ଭୂମିକା' ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି । ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପିକା ମଂଜୁଳା କଲିଆ ଓ ରାନୀତି ବିଜ୍ଞାନର ମୁଖ୍ୟ ଅଧ୍ୟାପିକା ଅମିତା ଦାସ ରାଜା ରାମମୋହନ ରାୟଙ୍କ ଆନ୍ଦୋଳନ କିପରି ପରବର୍ତି ସମୟରେ ବହୁ ଲୋକଙ୍କ ମୁଖରେ ହସ ଫୁଟାଇବାରେ ସହାୟକ ହୋଇଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ରବିନାରାୟଣ ମହାପାତ୍ର, ବିବେକାନନ୍ଦ ଦାସବାବୁ ରାଜେସ କୁମାର ମୁଦୁଲି, ଅଧ୍ୟାପିକା ଅନୁରାଧା କବାଟ ଓ ବୈଶାଖି ନାୟକ ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ଉଭୟ ବିଭାଗର ଛାତ୍ରୀ ବୃନ୍ଦ ନିଜ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ ।

## ଏସ୍. ଇ. ରେଳବାଇ - ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର: **CW-AWFA-24-25- 01-R**, ତାରିଖ: **୨୪.୦୩.୨୦୨୫ ।** ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ପକ୍ଷରୁ କାର୍ଯ୍ୟ କରୁଥିବା ଖଡ଼ଗପୁର ୱାର୍କସପ୍, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁରର ଉପ-ମୁଖ୍ୟ ଯାନ୍ତ୍ରିକ ଇଞ୍ଜିନିୟର (କ୍ୟାରେଜ୍ ୱାର୍କସ୍) ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି: **କାର୍ଯ୍ୟର ନାମ:** ଅତିରିକ୍ତ ଜଳଭରଣ ବ୍ୟବସ୍ଥାର ବ୍ୟବସ୍ଥା। **କାର୍ଯ୍ୟ ସ୍ଥାନ:** ଖଡ଼ଗପୁର ୱାର୍କସପ୍, ଦକ୍ଷିଣ ପୂର୍ବ ରେଳବାଇ, ପୋଷ୍ଟ- ଖଡ଼ଗପୁର, ଜିଲ୍ଲା- ପଶ୍ଚିମ ମିଦନାପୁର, ପିନ୍- ୭୨୧୩୦୧। **ପରିମାଣ:** ୧୪୦୦ କୋଟ୍। **ଟେଣ୍ଡର ମୂଲ୍ୟ:** ୨,୬୯,୪୯,୦୩୯। **ଆୟ:** ୨,୮୪,୮୦୦। **ଚୁକ୍ତିନାମା ଅବଧି:** LOA ଜାରି ତାରିଖରୁ ୧୮ ମାସ। **ଟେଣ୍ଡରର ଶେଷ ତାରିଖ ଏବଂ ସମୟ:** ୧୭.୦୪.୨୦୨୫/ ୧୫.୦୦ ଘଣ୍ଟା। **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** କୌଣସି ନାହିଁ। **ବିଡିଂ ସିଷ୍ଟମ:** ଏକକ ପ୍ୟାକେଟ ସିଷ୍ଟମ। **ଚୁକ୍ତିନାମା ପ୍ରକାର:** କାର୍ଯ୍ୟ-ସାଧାରଣ। ବିସ୍ତୃତ ଟେଣ୍ଡର ନୋଟିସ ଏବଂ ଟେଣ୍ଡର ଡକ୍ୟୁମେଣ୍ଟ ଇ-ପୋର୍ଟାଲ୍ ୱେବସାଇଟ୍ https://www.ireps.gov.inରେ ଉପଲବ୍ଧ।

(PR-1268)

## ଜଳେଶ୍ୱର କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ଜଳେଶ୍ୱର, ୨୫/୩ (ନି.ପ୍ର): ଜଳେଶ୍ୱର କଙ୍ଗ୍ରେସ ପକ୍ଷରୁ ଆଜି ନୂଆବଜାର ସ୍ଥିତ ଭଞ୍ଜଶ୍ରୀ ବିହାର ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ କଲେଜର ର ଛାତ୍ରୀ ତଥା ନାରୀ ମାନଙ୍କୁ ନ୍ୟାୟ ପାଇଁ ଆସନ୍ତା ୨୭ ତାରିଖରେ ପ୍ରଦେଶ କଙ୍ଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱର ଚାଲ ଡାକରା ଦିଆ ଯାଇଥିବରୁ ଏହାକୁ ସଫଳ କରିବା ପାଇଁ ଏହି ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି ।ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ରାଜୀବଗାନ୍ଧୀ ପଞ୍ଚାୟତରାଜ ସଙ୍ଗଠନ ରାଜ୍ୟ ଅଧକ୍ଷ ତଥା ଜଳେଶ୍ୱର ର କଙ୍ଗ୍ରେସ ନେତା ସୁଦର୍ଶନ ଦାସ ଅଧକ୍ଷତା କରିବା ସହ ସମ୍ବୋଧିତ ମଧ କରିଥିଲେ ।ସୁଗୋ ପଞ୍ଚାୟତର ବାଣିଦା ଗ୍ରାମରେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ସହାୟତା, ମ୍ୟୁନିସିପାଲିଟି ଘରକୁ ଅବିଳମ୍ବେ ଲୋକାର୍ପିତ କରିବା, କାଳ ବୈଶାଖୀ ଓ କୁଆପଥର ମାଡ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷିମାନଙ୍କୁ ଅବିଳମ୍ବେ ସହାୟତା ପ୍ରଦାନ କରିବାକୁ ଶ୍ରୀ ଦାସ ଦାବି କରିଥିଲେ ।ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ହେମନ୍ତ ଗିରି, ପଦ୍ମଲୋଚନ ବେହେରା, ଜଗଦୀଶ ନନ୍ଦୀ, ସୌଭିକ ଜେନା, ରବିନ୍ଦ୍ର ସାମଲ, ବିଭୁରେନ୍ଦ୍ର ଦେଙ୍କ ସମେତ ଅନ୍ୟ ନେତା ମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ହରେକୃଷ୍ଣ କୁଅଁରଙ୍କର ହୃଦଘାତରେ ପରଲୋକ



ଖଇରା, ୨୫/୩ (ନି.ପ୍ର): ଡ଼ା. ବିଷ୍ଣୁପଦ ମହାପାତ୍ର ସ୍ମୃତି ପରିଷଦ, ଅର୍ଜୁନପୁରର ଆଜୀବନ ସଭ୍ୟ ଓ ଖଇରା ବାମପନ୍ଥୀ ଆନ୍ଦୋଳନର ଅନ୍ୟତମ ସାରଥୀ ସାଥୀ ହରେକୃଷ୍ଣ କୁଅଁରଙ୍କର ହୃଦଘାତରେ ତା. ୨୩.୩.୨୦୨୫ ରିଖ ରାତିରେ ମୃତ୍ୟୁ ହେଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ଅଣସ୍ତରୀ ବର୍ଷ ହୋଇଥିଲା । ଗତ ତେଇଶି ତାରିଖ ଡ଼ା. ବିଷ୍ଣୁପଦ ମହାପାତ୍ର ସ୍ମୃତି ପରିଷଦ ବୈଠକରେ ସେ ଯୋଗ ଦେଇ ଥିବା ବେଳେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ । କିନ୍ତୁ ଗତ ଚବିଶ ତାରିଖ ସନ୍ଧ୍ୟାରେ ହଠାତ ଅସୁସ୍ଥ କାରଣରୁ ଖଇରା ଡାକ୍ତରଖାନାରେ ଡାକ୍ତରଙ୍କୁ ଦେଖେଇବାକୁ ଜାଇଥିଲେ । ଘରକୁ ଫେରି କିଛି ସମୟ ପରେ ପ୍ରାୟ ରାତି ଦଶଟାରେ ପୁଣି ଅସୁସ୍ଥ ହେଇ ପଡିଲେ ଓ ହଠାତ ମୃତ୍ୟବରଣ କଲେ। ତାଙ୍କ ମୃତ୍ୟୁରେ ସିପିଆଇ (ଏମ ) ଖଇରା ଆଞ୍ଚଳିକ କମିଟି ଓ ଡ଼ା. ବିଷ୍ଣୁ ମହାପାତ୍ର ସ୍ମୃତି ପରିଷଦ ତରଫରୁ ତାଙ୍କ ମରାଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ,ତାଙ୍କ ପରିବାର ପ୍ରତି ସମବେଦନା ଓ ୟେ ଦୁଃଖ ସମୟରେ ପରିବାର ଭାଙ୍ଗି ନ ପଡ଼ିବାକୁ କାମନା କରାଯାଇ ଏକ ଶୋକବର୍ତ୍ତାରେ ହରେକୃଷ୍ଣଙ୍କ ଅକାଳ ବିୟୋଗ ଅତି ଦୁଃଖଦାୟକ ଓ ଖଇରା ବାମ ଆନ୍ଦୋଳନର ଅପୂରଣୀୟ କ୍ଷତି ବୋଲି କୁହାଯାଇଛି। କମିଟି ସଦସ୍ୟ ସର୍ବ ଶ୍ରୀଯୁକ୍ତ ଜଗଦାନନ୍ଦ ମହାପାତ୍ର, ସନ୍ତୋଷ ବିଶ୍ୱାଳ, ଭଗବାନ ଦାସ, ପ୍ରଶାନ୍ତ ବାରିକ, ମୁରଲୀ ଧର ବେହେରା, ପଦ୍ମଲୋଚନ ଦାସ, ଉତ୍ତମ କୁ ଦାସ, ଅଜୟ ଦାସ ଓ ଅନ୍ୟମାନେ ତାଙ୍କ ଅର୍ଜୁନପୁର ବାସଭବନରେ ଉପସ୍ଥିତ ଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER,
BIDYADHARPUR CANAL DIVISION, BIDYADHARPUR
(E-mail Id: - eebcdivision@gmall.com)
Bid Identification No. SEBCD- 19/01 OF 2024-25

| Name of the Procurement office | Name of Work | Bid Id No. | Tender Cost in Lakhs (Appx.) | EMD Cost | Cost of Bid Document (Online) | Availability of Tender From | Availability of Tender To | Date of Opening |
|---|---|---|---|---|---|---|---|---|
| Superintending Engineer Bidyadharpur Canal Division Bidyadharpur | Providing man power services for security arrangement for Salandi Dam at Hadagarh and Salandi Barrage at Bidyadharpur on contract basis through service provider for the period from April-2025 to March-2026. | SEBCD-19/01 of 2024-25 | 36.65 | 37000/- | 6000/- | 26.03.25 11.30 hrs | 04.04.25 17.00 hrs | 05.04.25 11.30 hrs |

Further details can be seen from the Govt. website www.odisha.gov.in/www.dowrodisha.gov.in. Addendum/ Corrigendum/ Cancellation if any required will be published in Govt. website only.

OIPR: 32235/11/0005/2425

Superintending Engineer,
Bidyadharpur Canal Division,
Bidyadharapur

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଦୁର୍ନୀତିଗ୍ରସ୍ତ ବାବୁଙ୍କୁ ...

ଗତକାଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ଜାରି ହୋଇଛି ସର୍କୁଲାର୍ । ଯାହାକୁ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ଶାସନ ସଚିବ ସବୁ ବିଭାଗକୁ ଦେଇଛନ୍ତି ନିର୍ଦ୍ଦେଶ । ମୁଖ୍ୟ ସଚିବ ଚିଠିରେ ଉଲ୍ଲେଖ କରିଛନ୍ତି ଯେ- ଓଡ଼ିଶା ସେବା ନିୟମ-୭୧ (ଧାରା-କ) ଅନୁଯାୟୀ ସରକାରୀ କର୍ମଚାରୀଙ୍କ ପ୍ରିମାଚ୍ୟୁର ରିଟାୟରମେଣ୍ଟ ମାମଲାର ସମାଧାନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଓ ପ୍ରଶାସନିକ ଦକ୍ଷତାକୁ ସୁନିଶ୍ଚିତ ନିମନ୍ତେ ଜିଏ ଓ ପିଜି ବିଭାଗର ସର୍କୁଲାର ଜାରି ହୋଇଛି । ହେଲେ ସର୍କୁଲାରରେ ଥିବା ନିୟମଗୁଡ଼ିକୁ ଅନେକ ବିଭାଗ ସଂପୂର୍ଣ୍ଣ ପାଳନ କରୁନାହାନ୍ତି। ଯାହା ଫଳରେ ସଚ୍ଚୋଟତା ଓ ଦକ୍ଷତା ନଥିବା ଅଫିସର ଓ କର୍ମଚାରୀ ସରକାରୀ ଚାକିରିରେ ରହୁଛନ୍ତି, ଯାହାକି ଜନସ୍ୱାର୍ଥ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏପଟେ ମୁଖ୍ୟ ଶାସନ ସଚିବଙ୍କ ଏଭଳି କଡ଼ା ଆଭିମୁଖ୍ୟକୁ ନେଇ ତେଜିଛି ପଲିଟିକାଲ ବୟାନବାଜି । କଂଗ୍ରେସ କହିଛି- ପ୍ରଶାସନିକ କଳରେ ତଳୁ ଉପର ଯାଏଁ ଦୁର୍ନୀତି ଚାଲିଛି । ଦୁର୍ନୀତିଖୋର ଅଫିସରଙ୍କୁ ଖାଲି ସସପେଣ୍ଡ କଲେ ହେବନି ବହିଷ୍କାର ଭଳି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଅନ୍ତୁ ସରକାର । ବିଜେଡି ଆକ୍ଷେପ କରି କହିଛି- ଇଏ କେବଳ ଏକ ଲୋକ ଦେଖାଣିଆ କାର୍ଯ୍ୟକ୍ରମ । ପ୍ରଶାସନିକ କଳ ଯେ, ସରକାରଙ୍କ ହାତରେ ନାହିଁ ଏବେ ଏଥିରୁ ସ୍ପଷ୍ଟ ଜଣାପଡୁଛି । ଅଫିସର ହେଉଛନ୍ତି ଘୋଡ଼ା, ତାଙ୍କୁ ସରକାର ଲଗାମ ଦେଇ ରଖିବା ଉଚିତ୍ । ଜବାବରେ ବିଜେପି କହିଛି- ବିଜେଡି ସରକାରରେ ଯେଉଁ ଅଫିସର ଦୀର୍ଘଦିନ ଧରି ଗାଦି ମାଡ଼ି ବସିଥିଲେ ଓ ଦୁର୍ନୀତିରେ ମାତିଥିଲେ ମୋହନ ସରକାର ସେମାନଙ୍କୁ ତଡ଼ିବାକୁ ପ୍ଲାନ କରିଛନ୍ତି । ଏ ସରକାର କରପସନକୁ ଆଦୌ ସହ୍ୟ କରିବାର ନାହିଁ । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠୁ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ବିଭାଗ ଛଞ୍ଚାଣ ଭଳି ମାଡ଼ି ବସୁଛି। ଏମିତିକି ସରକାରୀ କଳରେ ଦୁର୍ନୀତିକୁ ତାଙ୍କ ସରକାର ଆଦୌ ବରଦାସ୍ତ କରିବେ ନାହିଁ ବୋଲି ଚଳିତ ବିଧାନସଭା ଅଧିବେଶନରେ ନିଜେ ସ୍ପଷ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଦିନକ ତଳେ ଲିଖିତ ତଥ୍ୟ ରଖି ମୁଖ୍ୟମନ୍ତ୍ରୀ କହିଥିଲେ- ଦୁର୍ନୀତି ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୫ ବର୍ଷରେ ୧୫୯ ବାବୁ ବିଦା ହୋଇଥିବାବେଳେ ୧୨୦ ଅଫିସର ଓ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି । ତା ସହ ୩୯ ଜଣ ଅଫିସରଙ୍କୁ ବାଧ୍ୟତାମୂଳ ଅବସର ଦିଆଯାଇଛି । ଦୁର୍ନୀତିକୁ ନେଇ ସରକାରଙ୍କ ଜିରୋ ଟଲରାନ୍ସ ନୀତି ଜାରି ରହିଛି । ଗତକାଲି ପୁଣି ମୁଖ୍ୟ ସଚିବ- ସଚ୍ଚୋଟ ପଣିଆର ଅଭାବ ଓ ଦୁର୍ନୀତିଖୋର ସରକାରୀ କର୍ମଚାରୀଙ୍କୁ ଆହ୍ୱାନ ଛାଟ ଦେଖାଇବା ପରେ ପୂର୍ବତନ ପ୍ରଶାସନିକ ଅଧିକାରୀ କହିଛନ୍ତି ଏହାକୁ କାର୍ଯ୍ୟରେ ପରିଣତ କଲେ ହିଁ ଅନ୍ୟମାନେ ସାବାଡ଼ ହେବେ । ଏବେ ଦେଖିବାର କଥା ଦୁର୍ନୀତିଖୋର କର୍ମଚାରୀ ଓ ଅଫିସରଙ୍କୁ ସରକାରଙ୍କ ଏଭଳି ନାଲି ଆଖି କେତେ ବାଟକୁ ଆଣୁଛି ।

### ଭିଜିଲାନ୍ସ ଜାଲରେ ...

ଏଥିସହ ଜଟଣୀ ପୌରପରିଷଦ କାର୍ଯ୍ୟାଳୟରେ ବି ଚଢ଼ାଉ କରିଛି ଭିଜିଲାନ୍ସ। ଏହା ସହ ଭୁବନେଶ୍ୱର ଓ ବ୍ରହ୍ମପୁର ସ୍ଥିତ ବାସଭବନରେ ଚାଲିଛି ରେଡ୍। ଏହି ଚଢ଼ାଉରେ ୯ ଜଣ ଡିଏସପି, ୪ ଜଣ ଇନ୍ସପେକ୍ଟର, ୧୩ ଜଣ ଇଝଓ ସାମିଲ ହୋଇଛନ୍ତି । ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ ଚାଲିଛି । ସୂର୍ଯ୍ୟମଣି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଘଟଣାର ତଦନ୍ତ କରି ଆଜି ସକାଳେ ତାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

### କମିଶନରେଟ୍ ପୋଲିସର...

ଭୁବନେଶ୍ୱର ଡିସିପି ଅଫିସରେ ଥିବା ଚଉଜ କଣ୍ଟ୍ରୋଲ ରୁମରେ ବସି କାମ କରୁଛି, ପୁରା ଦବଙ୍ଗ ଷ୍ଟାଇଲରେ। କଡ଼ରେ ବସିଛନ୍ତି ସିଗ୍ନାଲ୍ ଡିସିପି ବାନାମ୍ବର ସେଠୀଙ୍କ ସହ ଅନ୍ୟ ଜଣେ ଅଧିକାରୀ। ଏ ହେଉଛି ସେହି କଣ୍ଟ୍ରୋଲ ରୁମ୍, ଯେଉଁଠୁ କାହାର ବିପଦ ଆପଦ ପଡ଼ିଲେ ପିସିଆର ଭ୍ୟାନକୁ ଦିଆଯାଏ କମାଣ୍ଡ। ହେଲେ ସେହି କଣ୍ଟ୍ରୋଲରେ ନକଲି ଡିଏସପି ମାନସ ସେନାପତି। ତେବେ ଏହି ଫଟୋ ଅସଲି ନା ନକଲି, ପୋଲିସ ତଦନ୍ତ ଚଳାଇଥିବାବେଳେ କମିଶନରେଟ୍ ପୋଲିସରେ ଚର୍ଚ୍ଚା, ଚଉଜ କଣ୍ଟ୍ରୋଲ ରୁମ୍ ଯାଏଁ କେମିତି ପହଞ୍ଚିଲା ଏହି ଧୂର୍ତ୍ତ ଠକ ? ଏ ସଂପର୍କରେ ପୋଲିସ କମିଶନରଙ୍କ କୈଫିୟତ୍ ତଲବ ପରେ ସିଗ୍ନାଲ ଡିସିପି ବାନାମ୍ବର ସେଠୀ ହାଜର ହୋଇ ପକ୍ଷ ରଖିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଫଟୋ ୨୦୨୦ କୋଭିଡ୍ ସମୟର। କେବେ ପିସିଆର କଣ୍ଟ୍ରୋଲ୍ ରୁମ ତ କେବେ ରାସ୍ତା କଡ଼ରେ ଡ୍ୟୁଟି କରୁଥିଲା ସେ। କେବଳ କମିଶନରେଟ୍ ପୋଲିସ ନୁହେଁ, ଭଦ୍ରକ ପୋଲିସରେ ମଧ୍ୟ ଏହି ନକଲି ବାବୁଙ୍କ ଦବଦବା ଥିବା କୁହାଯାଉଛି। ଏବେ ଦେଖନ୍ତୁ ସୋସିଆଲ୍ ମିଡ଼ିଆରୁ ମିଳିଥିବା ଡିଏସପି ପଦର ପ୍ରମୋଶନ ଲେଟରକୁ। ଗତକାଲି ଆପଏଣ୍ଟମେଣ୍ଟ ଲେଟର୍ ଦେଖାଇଥିଲୁ ଆମେ, ଏବେ ଦେଖନ୍ତୁ ପ୍ରମୋଶନ ଲେଟରକୁ। ରାଜ୍ୟ ଗୃହ ବିଭାଗର ବିଜ୍ଞପ୍ତିରେ ରହିଛି ମାନସର ନାଁ। ଅର୍ଥାତ ସବୁକିଛି ସରକାରୀ ବିଧି ବ୍ୟବସ୍ଥାରେ କରିଛି। ଯାହାର ଏବେ ଖୋଳତାଡ଼ କରୁଛି ପୋଲିସ। ଆଶ୍ଚର୍ଯ୍ୟର କଥା ହେଉଛି, ସୁରକ୍ଷା ବ୍ୟବସ୍ଥାର ଦାୟିତ୍ୱରେ ଥିବା ପୋଲିସକୁ ଏତେଦିନ ଧରି ମାନସ ଚକମା ଦେଉଥିଲା କେମିତି ? ଏସବୁ ଫଟୋ ଓ ସରକାରୀ ଚିଠି ଯଦି ସତ, ତେବେ ଦୀର୍ଘ ୫ ବର୍ଷ ଧରି କେମିତି ଜଣେ ନକଲି ଏବଂ ଠକକୁ ଆଶ୍ରୟ ଦିଆଯାଇଥିଲା କମିଶନରେଟ୍ ପୋଲିସରେ ? ଏତେଦିନ ଧରି କେହି ଜାଣିପାରିଲେ ନାହିଁ କେମିତି ? ନକଲି ପୋଲିସର ଏଭଳି ଖତରନାକ୍ ଖେଳ ଭିତରେ ଗତକାଲି ଜବତ ଜାଲ୍ ନୋଟକୁ ନେଇ ବି ଉଠିଛି ନାନା ପ୍ରଶ୍ନ। ୧ ଲକ୍ଷ ୯୩ ହଜାର ଟଙ୍କାର ଜାଲ୍ ନୋଟ କେଉଁଠୁ ଆସିଲା ? କୁଆଡ଼େ ଯାଉଥିଲା ? ଏହା ପଛରେ ଆଉ କିଏ ? ଖାକି ପୋଷାକକୁ ସୁରକ୍ଷା କବଚ ସଜାଇ ଜାଲ୍ ନୋଟର ବେପାର ଚଳାଇଥିଲା କି ଏହି ନକଲି ଡିଏସପି ? ଏ ସଂପର୍କରେ ବିସ୍ତୃତ ତଥ୍ୟ ଜାଣିବା ପାଇଁ ପୁଣି ଏକ ମାମଲା ରୁଜୁ କରି ତଦନ୍ତ କରାଯିବା ସହ ଅଭିଯୁକ୍ତକୁ ଖୁବଶୀଘ୍ର ରିମାଣ୍ଡରେ ଅଣାଯିବ ବୋଲି ପୋଲିସ କମିଶନର କହିଛନ୍ତି।

### ଏକ୍ ଆଦମି ସବକୋ...

ଖଣି ଲୁଟ୍ ସହ ଓଡ଼ିଶାକୁ ଖୋଳ କରିଦେଇଥିବା ପାଣ୍ଡିଆନ୍ ଙ୍କ କଥାରେ ପଡି, ଅନ୍ଧ ଭାବେ ବିଶ୍ୱାସ କରିଥିବା ଏବଂ ରାଜ୍ୟର ବିକାଶ ପ୍ରତି ଆଖି ବୁଜି ଦେଇଥିବା ତତକାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଧୃତରାଷ୍ଟ୍ର ସହ ତୁଳନା କରିଛନ୍ତି ମନ୍ତ୍ରୀ। ସେପଟେ ଏନେଇ ନବୀନ କି ଭିକେ ପାଣ୍ଡିଆନଙ୍କ ପ୍ରତିକ୍ରିୟା ମିଳିପାରିନଥିବା ବେଳେ ବିଜେଡି ବିଧାୟକ କହିଛନ୍ତି,ରାଜ୍ୟରେ କିଭଳି ଖଣି ଲୁଟ ହେବନି ତାହା ଥିଲା ସରକାରଙ୍କ ଉଦ୍ଦେଶ୍ୟ। ଖଣି ମନ୍ତ୍ରୀ କେବଳ ପୂର୍ବ ବିଜେଡି ସରକାରକୁ ଟାର୍ଗେଟ୍ କରିନାହାନ୍ତି ବରଂ ମୋହନ ସରକାରଙ୍କ କାର୍ଯ୍ୟର ତାଲିକା ଦେଇଛନ୍ତି। କହିଛନ୍ତି, ଆମ ସରକାରରେ ଖଣି ଲୁଟ ହେବାକୁ ଦେବୁ ନାହିଁ। ବିକ୍ରମାଦିତ୍ୟଙ୍କ ରାଜୁତି ସମୟରେ ମନ୍ତ୍ରୀ ଚାଣକ୍ୟଙ୍କ ଉଦାହରଣ ଦେଇ କହିଛନ୍ତି, ଆପଣ ଆମ ଉପରେ ବିଶ୍ୱାସ ରଖନ୍ତୁ। ଆମେ ପାରଦର୍ଶିତା ସହିତ କାମ କରୁଛୁ। ଏଥିସହ ବାଲି ଉଠାଣ ଦାୟିତ୍ୱ ପଂଚାୟତକୁ ଦେବା ଉପରେ ତର୍ଜମା କରାଯାଉଥିବା ଗୃହରେ କହିଛନ୍ତି ଖଣି ମନ୍ତ୍ରୀ।

### ବାଚସ୍ପତିଙ୍କ ବଡ଼ ଆକ୍ସନ...

ଦାବିରେ ଅଡ଼ି ବସିଥିବା କଂଗ୍ରେସ ବିଧାୟକ ଗତ ୨୦ ତାରିଖରୁ ବିଧାନସଭାକୁ ଅଚଳ ମୁଦ୍ରାକୁ ନେଇ ଆସିଥିବା ବେଳେ ଆଜି ବି ଦେଖିବାକୁ ମିଳିଥିଲା ସମାନ ଦୃଶ୍ୟ । ସବୁ ଦିନ ଭଳି ଆଜି ବି ପ୍ରଶ୍ନକାଳ ଆରମ୍ଭରୁ ଘଣ୍ଟ ଓ ଗିନି ମାଡ଼ ସହ ତୁରୀ ବଜାଇ ତୀବ୍ର ପ୍ରତିବାଦ କରିଥିଲେ କଂଗ୍ରେସ ସଦସ୍ୟ । ସେହିଭଳି ପଛୁଆ ବର୍ଗ ସଂରକ୍ଷଣ ପ୍ରତିବାଦରେ ଗୃହ ମଧ ଭାଗକୁ ଆସି ହଟ୍ଟଗୋଳ କରିଥିଲେ ବିଜେଡି ସଦସ୍ୟ । ଆରମ୍ଭରୁ ବିରୋଧୀଙ୍କ ଏ ବିଶୃଙ୍ଖଳିତ ଆଚରଣ ଲାଗି ବାଚସ୍ପତି ପ୍ରଥମେ ସର୍ବଦଳୀୟ ବୈଠକ ଡାକିବା ସହ ଦିନ ୧୧ଟା ୩୦ ଯାଏଁ ଗୃହକୁ ମୁଲତବି ଘୋଷଣା କରିଥିଲେ । ହେଲେ ଏହା ପରେ ସୁଧୁରୁନଥିଲା ସ୍ଥିତି । ପରେ ପୁଣି ମଧ୍ୟାହ୍ନ ୧୨ଟା ଓ ଅପରାହ୍ଣ ୪ଟାରେ ପୁଣି ସମାନ ସ୍ଥିତିରୁ ବାରମ୍ବାର ମୁଲତବୀ ହୋଇଥିଲା ଗୃହ । ଆଉ ପରେ ସରକାରୀ ଦଳ ମୁଖ୍ୟ ସଚେତକ କଂଗ୍ରେସ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଆଣିବାରୁ ବାଚସ୍ପତି ୧୨ ବିଧାୟକଙ୍କ ବିରୋଧରେ ନେଇଥିଲେ ବଡ଼ ଆକ୍ସନ । ବିଧାୟକ ତାରା ବାହିନୀପତି ଏବଂ ରମେଶ ଜେନାଙ୍କୁ ଛାଡ଼ି ଅନ୍ୟ ସମସ୍ତ କଂଗ୍ରେସ ବିଧାୟକ ନିଲମ୍ବିତ ହୋଇଥିଲେ । ଏମାନଙ୍କୁ ୭ ଦିନ ଲାଗି ବିଧାନସଭା ପ୍ରବେଶ ଉପରେ କଟକଣା ଲଗାଇଥିଲେ ବାଚସ୍ପତି। ଏପଟେ ବାଚସ୍ପତିଙ୍କ ଏ ନିର୍ଦ୍ଦେଶ ପରେ ବି ଗୃହରୁ ହଟିନଥିଲେ ନିଲମ୍ବିତ କଂଗ୍ରେସ ବିଧାୟକ। ଯାହାକୁ ନେଇ ଗଣତନ୍ତ୍ରର ପବିତ୍ର ଗୃହରେ ଦେଖାଦେଇଥିଲା ହାଇଡ୍ରାମା ଭଳି ସ୍ଥିତି । ଏପଟେ ଆଜି ବିଧାନସଭାରେ ବାଚସ୍ପତିଙ୍କ ଏ ଆକ୍ସନ ପରେ ଏହାକୁ ନେଇ ଜୋର ଧରିଛି ରାଜନୀତି । କଂଗ୍ରେସ ବିଧାୟକ ତାରା ବାହିନୀପତି କହିଛନ୍ତି କଂଗ୍ରେସ କାର୍ଯ୍ୟାନୁଷ୍ଠାନକୁ ଭୟ କରିନି । ଏହା ପରେ କଂଗ୍ରେସର ସ୍ୱର ଆହୁରି ଜୋରଦାର ହେବ। ତାରା କହିଛନ୍ତି ଆସନ୍ତା ୨୭ରେ ହେବାକୁ ଥିବା ବିଧାନସଭା ଘେରାଉକୁ ଭୟ କରି ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ସେପଟେ ବିଜେଡି କହିଛି, କଂଗ୍ରେସ ଦଳ ଯେଉଁ ଆଚରଣ ଉଚ୍ଚାରଣ କଲା, ତାହା ଆମକୁ ପସନ୍ଦ ନୁହେଁ। କିନ୍ତୁ ସରକାରୀ ଦଳ ଯେଉଁ ଆକ୍ସନ ନେଲେ ତାହା ବି ଗ୍ରହଣୀୟ ନୁହେଁ । ତା ସହିତ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, କଂଗ୍ରେସଶାସିତ କର୍ଣ୍ଣାଟକ ବିଧାନସଭାରେ ବିଜେପି ବିଧାୟକମାନଙ୍କୁ ୬ ମାସ ପାଇଁ ସସପେଣ୍ଡ କରାଯିବା ପରେ ଏଠି କାଉଣ୍ଟର ଆକ୍ସନ ନିଆଯାଇଛି । ସେପଟେ ବିଜେପି କହିଛି ତିନି ତିନି ଥର ଆଲୋଚନା ହୋଇଛି। କିନ୍ତୁ ଗୃହ ଚଳାଇ ନଦେବା ନିହାତି ନିନ୍ଦନୀୟ ।

### ବୟାନ ରେକର୍ଡ ପାଇଁ ୭...

ସେକଥା କହି କୁନାଲଙ୍କୁ ସମର୍ଥନ ଜଣାଇଛନ୍ତି ନିର୍ମାତା ହଂସଲ ମେହେତା । ସେହିପରି ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ କୁନାଲଙ୍କ ଉପରେ ତୀବ୍ର ଆକ୍ରୋଶ ପ୍ରକାଶ କରି ସମାଲୋଚନା କରିଛନ୍ତି । କେବଳ ସେତିକି ନୁହେଁ ଘଟଣାକୁ ନେଇ ଦେଖିବାକୁ ମିଳିଛି ମହାୟୁତି ବନାମ ମହାବିକାଶ ଅଘାଡି । ଘଟଣାକୁ ୩ଦିନ ବିତିଯାଇଛି । ଏକନାଥ ସିନ୍ଦେଙ୍କୁ ଦେଶଦ୍ରୋହୀ କହିବା ପରେ ତାତି ଉଠିଛନ୍ତି ଉପମୁଖ୍ୟମନ୍ତ୍ରୀ ସମର୍ଥକ । ତେଣୁ କୌଣସି ପରିସ୍ଥିତିରେ ବି କୁନାଲ କ୍ଷମା ମାଗିବା ନେଇ ଜିଦରେ ସମର୍ଥକ । ଏପରିକି ଯେଉଁଠି କଳାକାର ନଜର ଆସିବେ ସେଠି ଉଚିତ ଜବାବ ଦିଆଯିବ ବୋଲି ବାରମ୍ବାର ଧମକ ଦେଉଛନ୍ତି ।

ବୁଧବାର, ମାର୍ଚ୍ଚ ୨୬, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାଲିଆପାଳରେ ବୃଦ୍ଧି ପାଉଛି କ୍ୱାକ୍‌ଙ୍କ ପ୍ରାଦୁର୍ଭାବ

ବାଲିଆପାଳ ୨୫/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଏବେ କ୍ୱାକ, ନକଲି ଡାକ୍ତର, ନକଲି ପାଥୋଲାବ ଓ ନକଲି ଔଷଧ ବହୁଳ ମାତ୍ରାରେ ବ୍ୟାପିବା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଅଞ୍ଚଳର ହାଟ ବଜାର ଓ ଛକମାନଙ୍କରେ ରାଜ୍ୟ ଓ ରାଜ୍ୟ ବାହାର ର କେତେକ ଅଣଓଡ଼ିଆ ବ୍ୟକ୍ତି ରାସ୍ତା କଡରେ ପସରା ମେଲାଇ ବିଭିନ୍ନ ପ୍ରକାର ରୋଗର ଚିକିତ୍ସା ନିମନ୍ତେ ଔଷଧ ବିକ୍ରି କରୁଥିବାର ଦେଖିବାକୁମିଳୁଛି। ସେମାନେ କୌଣସି ଡାକ୍ତର ଶିକ୍ଷା ଗ୍ରହଣ କରିଥିବା ବା ସାର୍ଟିଫିକେଟ ତାଙ୍କ ପାଖରେ ଥିବା ଭଳି ଜଣା ପଡେ ନାହିଁ । ଏ ଅଞ୍ଚଳର ବେଶ କିଛି ସ୍ଥାନରେ ଆଦିବାସୀ, ହରିଜନ ଅଧିଷିତ ଲୋକେ ବସବାସ କରୁଥିଲାବେଳେ ଶିକ୍ଷା କ୍ଷେତ୍ରରେ ସେମାନେ ଅନଗ୍ରସର ହୋଇଥିବାରୁ ସେମାନଙ୍କୁ ବିଭିନ୍ନ ରୋଗର ସ୍ୱଳ୍ପ ମୂଲ୍ୟରେ ଏହି କ୍ୱାକ ଡାକ୍ତର ମାନେ ଚିକିତ୍ସା ସେବା ଯୋଗାଉଛନ୍ତି। ତେଣୁ ଏହି ଡାକ୍ତରଙ୍କୁ ବିଶ୍ୱାସ କରି ଲୋକେ ଠକାମୀର ଶିକାର ହେବା ସହିତ ବିପଦରେ ପଡ଼ିବାର ବହୁ ନଜିର ରହିଛି ।ସେହିପରି ଗାଁ ଗହଳିରେ ଛତୁ ଫୁଟିଲା ଭଳିଆ ଔଷଧ ଦୋକାନ, ପାଥଲ୍ୟାବ ଖୋଲି ଦୋକାନୀମାନେ ନିଜେ ଡାକ୍ତର ସାଜି ରୋଗୀ ଚିକିତ୍ସା କରୁଥିବା ମଧ୍ୟ ଦେଖିବାକୁ ମିଳେ। ଏ ଅଞ୍ଚଳରେ କିଛି କ୍ଲିନିକ ଓ ଔଷଧ ଦୋକାନରେ ମଧ୍ୟ ଏଭଳି ଡାକ୍ତର ରୋଗୀଙ୍କ ନାଡ଼ୀ ପରୀକ୍ଷା କରିବା ସହିତ ରୋଗୀଙ୍କୁ ଔଷଧ ଦେଉଥିବାର ଦେଖାଯାଉଛି। ଔଷଧ ଦୋକାନୀ ଡାକ୍ତର ସାଜି ଭୁଲ ଚିକିତ୍ସା ଦ୍ୱାରା ଔଷଧ ଓ ଇଞ୍ଜେକ୍ସନ ଦେବା ଫଳରେ ରୋଗୀଙ୍କର ଅବସ୍ଥା ବେଳେ ବେଳେ ବହୁତ ଶୋଚନୀୟ ହେବା ନେଇ ମଧ୍ୟ ଅସନ୍ତୋଷର କାରଣ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହିତ ଜନସାଧାରଣ ଏଭଳି ନକଲି ଡାକ୍ତର ବା କ୍ୱାକ ଚିକିତ୍ସକ ନିକଟରେ ଚିକିତ୍ସା ନ କରାଇବା ପାଇଁ ପ୍ରଶାସନ ଜନ ସଚେତନତା ସୃଷ୍ଟି କରିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି।

# ୨ଦିନିଆ ଜଗନ୍ନାଥ କଥାମୃତ ଶିକ୍ଷାଶିବିର ଓ ଆଧ୍ୟାତ୍ମିକ ଆଲୋଚନା ଉଦ୍‌ଯାପିତ



ଖଇରା, ୨୫/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ର ଐତିହାସିକ ମେଳା ପଡିଆରେ ୨ଦିନିଆ ଜଗନ୍ନାଥ କଥାମୃତ ଶିକ୍ଷା ଶିବିର, ଆଧ୍ୟାତ୍ମିକ ପ୍ରବଚନ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ମଙ୍ଗଳବାର ସଂଧ୍ୟାରେ ଉଦ୍‌ଯାପିତ ହୋଇ ଯାଇଛି । ଏହି ଅବସରରେ ମାନେ ଜଗନ୍ନାଥଙ୍କ ୧୧ବେଶ ପ୍ରଦର୍ଶନ ସହ ଆଧ୍ୟାତ୍ମିକ ଆଲୋଚନା ଓ ପ୍ରବଚନ ତଥା ପିଲାମାନଙ୍କ ଦ୍ୱାରା ଶାସ୍ତ୍ରୀୟ ନୃତ୍ୟରେ ମେଳାପଡିଆ ଜଗନ୍ନାଥ ମୟ ହୋଇ ଉଠିଛି । ସୋମବାର ସକାଳେ ରମଣି ରଞ୍ଜନ ନାୟକ ଓ ଶିବପ୍ରସାଦ ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ସଂଧ୍ୟାରେ ପଡିରାଜପୁର ମେଳା ମଣ୍ଡପରେ ଆୟୋଜିତ ଆଧ୍ୟାତ୍ମିକ ଆଲୋଚନାରେ ପୁରୀଶ୍ରୀମନ୍ଦିରର ଅଙ୍ଗସେବକ ଲୋକନାଥ ବଡପଣ୍ଡା, ଗଣେଶ୍ୱର ଦାସମହାପାତ୍ର ଓ ଗୋପିନାଥ ମହାପାତ୍ର ଯୋଗ ଦେଇ ଜଗନ୍ନାଥ ତତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ସେହିଭଳି ମୁରଲୀଧର ଦାସ ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ, ଅଧ୍ୟାପିକା ଡ ଆଭାରାଣୀ ବଳ, ଚାରଣ ଗୋଷ୍ଠୀ ପଡିରାଜପୁର ଶାଖାର ସଭାପତି ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ପତ୍ରୀ ଓ ବୁଦ୍ଧିରାମ ପାଣିଗ୍ରାହୀ,ସମ୍ପାଦକ ନିର୍ମଳ କୁମାର ପଣ୍ଡା ପ୍ରମୁଖ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା ରଖି ଜଗନ୍ନାଥଙ୍କୁ ଜାଣିବା ପାଇଁ ନାନକ, ଚୈତନ୍ୟ, ଶଙ୍କରାଚାର୍ଯ୍ୟ ଭଳି ବହୁ ସାଧୁସନ୍ଥ ପୁରୀ ଆଗମନ କରିଛନ୍ତି । ଆଜି ବି ଜଗନ୍ନାଥ ଅମିମାଂଶିତ ଓ ଅସମାହିତ ପ୍ରଶ୍ନ ହୋଇ ରହିଛନ୍ତି ବୋଲି ପ୍ରକାଶ କରିଥିଲେ । ମଙ୍ଗଳବାର ସକାଳେ ପଣ୍ଡିତ ଗୌରଚନ୍ଦ୍ର ପାଠୀ, ପରମାନନ୍ଦ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖଙ୍କ ଦ୍ୱାରା ଯଜ୍ଞ ଅନୁଷ୍ଠିତ ହୋଇଥିଲା ।

## ଉଦଳା ସହରକୁ ପଲିଥିନ ମୁକ୍ତ କରିବା ପାଇଁ ସଚେତନତା

ଉଦଳା , ୨୫/୩ (ନି.ପ୍ର): ଉଦଳା ସହରକୁ ପରିଷ୍କାର ପରିଛନ୍ନ ରଖିବା ସହିତ ପଲିଥିନ ମୁକ୍ତ କରିବା ପାଇଁ ପାଲା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ନିୟମିତ ଘରୁ ବାହାରୁ ଥିବା ବର୍ଯ୍ୟବସ୍ତୁ ଗୁଡ଼ିକୁ ଏଣେ ତେଣେ ନ ଫୋପାଡ଼ି ପ୍ରତି ୱାର୍ଡ଼ରେ ନିଯୁକ୍ତ ଥିବା ସଫେଇ କର୍ମଚାରୀ ମାନଙ୍କୁ ପ୍ରଦାନ କରିବାକୁ ପାଲା ମାଧ୍ୟମରେ କୁହାଯାଉଛି । ସେହିପରି ବର୍ଯ୍ୟବସ୍ତୁ ଗୁଡ଼ିକୁ ଓଦା ଓ ଶୁଖିଲା ଅଲଗା କରି ଦୁଇଟି ପାତ୍ରରେ ଦେବାକୁ ଅବଗତ କରାଯାଉଛି । ପଲିଥିନର ବହୁଳ ବ୍ୟବହାର ଆଗାମି ଦିନରେ ଭୟଙ୍କର ବିପଦକୁ ଡ଼ାକି ଆଣୁଥିବା ବେଳେ ଏହାର ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନଗରପାଳ ପ୍ରମିଳା ପଣ୍ଡା ଅନୁରୋଧ ଜଣାଇଛନ୍ତି । ଘରୁ ବଜାରକୁ ଆସିବା ସମୟରେ ହାତରେ ବ୍ୟାଗଟିଏ ଧରି ଆସନ୍ତୁ, ଦୋକାନରୁ ଆଦୌ ପଲିଥିନ ନିଅନ୍ତୁ ନାହିଁ ବୋଲି ନଗରପାଳ କହିଛନ୍ତି । ଆମର ଏହିଭଳି ଅଭ୍ୟାସ ସହରକୁ ପଲିଥିନ ମୁକ୍ତ କରିବାରେ ସହାୟକ ହେବ ବୋଲି ନଗରପାଳ ମତ ଦେଇଛନ୍ତି ।

# ୨୨ତମ ଜାତୀୟ ନାଟ୍ୟ ମହୋତ୍ସବର ୭ମ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ ‘କଥା କର୍ଣ୍ଣଭାର’



ପାରାଦ୍ୱୀପ , ୨୫/୩ (ନି.ପ୍ର): ବନ୍ଦର ନଗରୀ ପାରାଦ୍ୱୀପରେ କ୍ୟାନମାସ ଦ୍ୱାରା ଜୟଦେବ ସଦନ ଠାରେ ଆୟୋଜିତ କ୍ୟାନଫେଷ୍ଟ - ୨୦୨୫ର ୭ମ ସନ୍ଧ୍ୟାରେ ବେଙ୍ଗଲ ରିପରଟରୀ, କଲିକତାର କଳାକାର ମାନେ ସୁମନ ଶାହାଙ୍କ ନିର୍ଦ୍ଦେଶନାରେ ବଙ୍ଗଳା ନାଟକ କଥା କର୍ଣ୍ଣଭାର ମଞ୍ଚନ କରିଥିଲେ । କର୍ଣ୍ଣଙ୍କ ଜୀବନ, ରୀତିନୀତି ଏବଂ ଆବାହନ ପରେ ନାଟକଟି କର୍ଣ୍ଣଙ୍କ ସହିତ ଆରମ୍ଭ ହୁଏ, ତାଙ୍କ ଜୀବନର ଶେଷ ଭାଗରେ ତାଙ୍କ ରଥ ଚକ ଭୂମିରେ ଲାଗି ଯାଇଥିଲା । ପଛକୁ ଫେରି ଦେଖିବା କୁନ୍ତିଙ୍କ ବଡ଼ ପୁଅକୁ ଫେରାଇ ଆଣିବାର ଆଗ୍ରହ ଏବଂ କର୍ତବ୍ୟପରାୟଣ ଦୁଃଖଦ ନାୟକଙ୍କ ପ୍ରତ୍ୟକ୍ଷାନ । ପରେ କର୍ଣ୍ଣ ଏବଂ ଶଲ୍ୟ ଯୁଦ୍ଧର ପ୍ରସ୍ତୁତି ସହିତ ଆସନ୍ତି କିନ୍ତୁ କର୍ଣ୍ଣ ଭାଙ୍ଗି ପଡିଥିବା ଏବଂ ବଞ୍ଚିତ ହୋଇଥିବା ଅନୁଭବ କରନ୍ତି । ସେ ତାଙ୍କ ଗୁରୁ ପର୍ଶୁରାମଙ୍କ ଅଭିଶାପ, ତାଙ୍କ ଜନ୍ମର ପ୍ରକୃତ କାହାଣୀ ଏବଂ ତାଙ୍କ ଜୀବନରେ ସେ ଯେଉଁ ସବୁ ଅଭାବ ଅର୍ଜନ କରିଛନ୍ତି ତାହା ମନେ ପକାନ୍ତି । କିନ୍ତୁ କର୍ଣ୍ଣ ତାଙ୍କ ଦୁଃଖରୁ ବାହାରି ଆସି ତାଙ୍କ ସାଥୀ ଶଲ୍ୟଙ୍କ ସାହାଯ୍ୟରେ ନିଜକୁ ଯୁଧକ୍ଷେତ୍ରକୁ ଯିବାକୁ ପ୍ରେରଣା ଦିଅନ୍ତି କିନ୍ତୁ ଏହି ସମୟ ମଧରେ ଦେବରାଜ ଇନ୍ଦ୍ର ବ୍ରାହ୍ମଣ ବେଶରେ ଆସି ମହାଦାନ ଭିକ୍ଷା କରନ୍ତି । କର୍ଣ୍ଣ ଅନେକ ମୂଲ୍ୟବାନ ଜିନିଷ ପ୍ରଦାନ କରନ୍ତି କିନ୍ତୁ ଇନ୍ଦ୍ର ମନା କରନ୍ତି । ଶେଷରେ ସେ ତାଙ୍କର କବଚ କୁଣ୍ଡଳ ପ୍ରଦାନ କରନ୍ତି -, ଯାହା ତାଙ୍କ ଜୀବନ ରକ୍ଷା ପାଇଁ ଥିଲା । ଇନ୍ଦ୍ର ଖୁସିରେ ପ୍ରଶଂସା କରନ୍ତି କାରଣ ଅର୍ଜୁନଙ୍କର ବିଜୟ ପାଇଁ ଏହା କୃଷ୍ଣଙ୍କ ଯୋଜନା ଥିଲା । ଏବେ ଜଣେ ଦେବଦୂତ ଆସି କର୍ଣ୍ଣଙ୍କୁ ବିମଳା ନାମକ ଏକ ଅବିକଳ ବର୍ଚ୍ଛା ପ୍ରଦାନ କରନ୍ତି ଏବଂ କର୍ଣ୍ଣଙ୍କୁ କୁହନ୍ତି ଯେ ଇନ୍ଦ୍ର କବଚ ଓ କୁଣ୍ଡଳ ହରଣ କରି ଦୁଃଖିତ ଏବଂ ସେ ପାଣ୍ଡବ ମାନଙ୍କ ମଧରୁ ଜଣଙ୍କୁ ହତ୍ୟା କରିବା ପାଇଁ ଏହି ଅସ୍ତ୍ର ପଠାଇଛନ୍ତି । କର୍ଣ୍ଣ ବ୍ରାହ୍ମଣଙ୍କୁ ଫେରାଇ ନେବାକୁ କୁହନ୍ତି କିନ୍ତୁ ଯେତେବେଳେ କୁହାଯାଏ ଯେ ଏହା ଜଣେ ବ୍ରାହ୍ମଣଙ୍କ ନିମନ୍ତ୍ରଣରେ ନିଆଯାଇ ପାରେ କର୍ଣ୍ଣ ଏହାକୁ ଗ୍ରହଣ କରନ୍ତି । ଯେତେବେଳେ ଦେବଦୂତ ଅନ୍ତର୍ନିହିତ।ହୋଇ ଯାଆନ୍ତି, କର୍ଣ୍ଣ ଅର୍ଜୁନଙ୍କ ଶଙ୍ଖ ଶବ୍ଦ ଶୁଣି ଶଲ୍ୟଙ୍କୁ ତାଙ୍କର ରଥ ସେହି ସ୍ଥାନକୁ ନେଇଯିବାକୁ ନିର୍ଦ୍ଦେଶ ଦିଅନ୍ତି ଯେଉଁଠାରେ ଅର୍ଜୁନ ଠିଆ ହୋଇଛନ୍ତି । ଏଠାରେ ଯୁଦ୍ଧର ଏକ ନୃତ୍ୟ ନିର୍ଦ୍ଦେଶନା ପରେ ଜୀବନର ମାରାତ୍ମକ ଉତ୍ସବ, ପ୍ରଥମ ଦୃଶ୍ୟ ଜାରି ରହିଛି । ଆମେ କର୍ଣ୍ଣଙ୍କୁ ସାଙ୍ଘାତିକ ଭାବରେ ଆହତ ହୋଇଥିବାର ଦେଖି, ତାଙ୍କର ଶେଷ ନିଃଶ୍ୱାସ ଗଣନା କରି ଅର୍ଜୁନଙ୍କୁ ତାଙ୍କଠାରୁ ଏକ ତିର ନେବାକୁ ଏବଂ ତାଙ୍କ ମାତା ରାଧାଙ୍କ ନିକଟକୁ ପଠାଇବାକୁ କହୁଛି ଜିଏ ତାଙ୍କ ପାଇଁ ଅପେକ୍ଷା କରିଥିବେ । ନାଟକର କାହାଣୀ କର୍ଣ୍ଣଙ୍କ ସ୍ୱର୍ଗପ୍ରାପ୍ତି ସହିତ ଶେଷ ହୁଏ । ଅତିଥି ଭାବେ ଯୋଗଦାନ କରି ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପ୍ରବୋଧ ରଥ, ନାଟ୍ୟବିତ ଓ ନିର୍ଦ୍ଦେଶକ ରମାକାନ୍ତ ମିଶ୍ର ଓ ପାରାଦୀପ ମୁନିସିପାଲିଟିର ଅଧକ୍ଷ ବସନ୍ତ ବିଶ୍ୱାଳ ନାଟକ ଉପରେ ମତାମତ ରଖିବା ସଙ୍ଗେ ସଙ୍ଗେ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ସକ୍ଷମ୍ ଥିଏଟର, ନୂଆ ଦିଲ୍ଲୀର କଳାକାରମାନେ ସୁନିଲ ରାଓ୍ୱତଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ଶତ୍ରୁ - ଦ ଏନ୍ମି ଓ୍ୱିଦିନ୍ ମଞ୍ଚସ୍ଥ କରିବେ ।

# ଓଡ଼ିଶା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା

ଭଦ୍ରକ, ୨୫/୩ (ନି.ପ୍ର): ଭଦ୍ରକ ଜିଲ୍ଲାସ୍ତରୀୟ ୯୦ତମ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଏହି ପ୍ରତିଯୋଗିତା ମଧ ଇଂରାଜୀ ଓ ହାଇସ୍କୁଲ ସ୍ତରରେ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଆର୍ଟ କଲେଜର ଅଧକ୍ଷ ମନୋଜ କୁମାର ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ ଅନ୍ୟତମ ବିଚାରକ ଅଶ୍ୱିନୀ କୁମାର ପାଢ଼ୀ ଏବଂ ନାରାୟଣ ଚନ୍ଦ୍ର ବେହେରାଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା। ଚିତ୍ରଶିଳ୍ପୀ ଜୟନ୍ତ ନାୟକ ଓ ସମାଜ ସେବୀ ଗୌରହରି ନାୟକ ଏହି ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ସିନିୟର ଗ୍ରୁପ୍‌ରେ ଏଲ୍.ଏନ୍.କେ.ଏମ୍. ହାଇସ୍କୁଲ ଶାହାପୁର ର ଅମୀୟ ଦାସ ୧ମ, ସରସ୍ୱତୀ ଶିଶୁ ମନ୍ଦିର, ନୂଆବଜାରର ସୋନାକ୍ଷୀ ଶୁଭଦର୍ଶନୀ ୨ୟ, ବନ୍ଧଗାଁ। ନୋଡ଼ାଲ ହାଇସ୍କୁଲର ଜାହ୍ନବୀ ବାରିକ୍ ଏବଂ ସେଣ୍ଟ ଜାଭିୟର ହାଇସ୍କୁଲର ସାଇ ବିଦ୍ୟାଶ୍ରୀ କୃତିତ୍ୱ ଅର୍ଜନ କରିଥିଲେ। ସେହିପରି ଜୁନିୟର ଗ୍ରୁପ୍‌ରେ ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅନୁଶ୍ରୀ ଦାସ ପ୍ରଥମ, ଏସ୍.ବି.ଡ଼ି ସ୍କୁଲର ମାନ୍ୟତା ମିଶ୍ର ୨ୟ ଏବଂ ଯୁଗ୍ମ ତୃତୀୟ ଭାବେ ସେଣ୍ଟ ଜାଭିୟର ସ୍କୁଲର ଦେବକାନ୍ତ ବେହେରା ଏବଂ ଭଦ୍ରକ ଉଚ୍ଚ ବିଦ୍ୟାଳୟର ଅର୍ଚ୍ଚିତା ପ୍ରିୟଦର୍ଶନୀ ବେହେରା ସଫଳତା ହାସଲ କରିଥିଲେ।

# ଖାଦ୍ୟ ଓ ସାମାଜିକ ସୁରକ୍ଷା ସବୁକିଛିରୁ ବଂଚିତ ବିଧବା ମା’ ‘ସମ୍ବାରି’

ଉଦଳା , ୨୫/୩ (ନି.ପ୍ର): ଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଚଡ଼ଦା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରମେଶ ମୁର୍ମୁଙ୍କର ଦେହାନ୍ତ ହୋଇଯିବା ପରେ ଆଜକୁ ୧୦ ବର୍ଷ ଧରି ତାଙ୍କର ସହଧର୍ମିଣୀ ‘ସମ୍ବାରି’ ବିଧବା ଜୀବନ ବିତାଉଛନ୍ତି । ‘ସମ୍ବାରି’ଙ୍କୁ ବର୍ତମାନ ବୟସ ୭୦ ବର୍ଷ ଛୁଇଁଥିବା ବେଳେ ବାରମ୍ବାର ଶରୀର ଅସୁସ୍ଥ ହେବାରୁ ସେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏତିକି ବେଳେ ସରକାର ଖାଦ୍ୟ ଯୋଜନାରେ ଯୋଗାଇ ଦେଉଥିବା ଚାଉଳ ଓ ସାମାଜିକ ସୁରକ୍ଷା ଯୋଜନାରେ ଭତା କିଛି ହେଲେ ‘ସମ୍ବାରି’ ପାଇପାରି ନାହାଁନ୍ତି । ଏ ବାବାଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ‘ସମ୍ବାରି’ ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନ ତରଫରୁ ଦାବି ହୋଇଛି ।

# ଗୋରକ୍ଷା ଏବଂ ହିନ୍ଦୁରାଷ୍ଟ୍ର ଗଠନ ନେଇ ବିଶ୍ୱହିନ୍ଦୁ ପରିଷଦର ବିଶାଳ ନାମଯଜ୍ଞ



ନୀଳଗିରି, ୨୫/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର କୋଳିଗର୍ଡ଼ି ଗ୍ରାମରେ ହନୁମାନମନ୍ଦିର ପ୍ରାଙ୍ଗଣରେ ବିଶ୍ୱହିନ୍ଦୁ ପରିଷଦର ଧର୍ମ ପ୍ରସାର ବିଭାଗର ଜିଲ୍ଲା ସ୍ତରୀୟ ୧୦୮ ହନୁମାନ ଚାଳିଶା ପାରାୟଣ, ନାମ ଯଜ୍ଞ, ଦୀପ ଯଜ୍ଞ, ଘୃତ ଯଜ୍ଞ ଓ ଅନ୍ନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞର ମୂଳଲକ୍ଷ୍ୟ ବିଶ୍ୱ ତଥା ଭାରତବର୍ଷର ସନାତନି ହିନ୍ଦୁ ଏକଜୁଟ ହୋଇ କିଭଳି ଭାବରେ ଭାରତବର୍ଷକୁ ହିନ୍ଦୁରାଷ୍ଟ୍ର ଘୋଷଣା ଓ ଗୋମାତାର ରକ୍ଷା କରାଯିବ ବୋଲି କୁହାଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରଥମେ ଭକ୍ତମାନେ କଳସ ଶୋଭାଯାତ୍ରାକରି ଗ୍ରାମ ପରିକ୍ରମଣ କରିଥିଲେ।ପରେ ଯଜ୍ଞସହ ୧୦୮ ହନୁମାନ ଚାଳିଶାପାଠ କରାଯାଇଥିଲା । ଜିଲ୍ଲା ସ୍ତରରୁ ଆସିଥିବା ବିଶ୍ୱ ହିନ୍ଦୁପରିଷଦର ପ୍ରମୁଖମାନେ ପୃଥକ୍ ପୃଥକ୍ ଭାବେ ଭାରତବର୍ଷକୁ ହିନ୍ଦୁରାଷ୍ଟ୍ର ଓ ଗୋମାତାର ରକ୍ଷାପାଇଁ ଅଭିଭାଷଣ ମାନ ରଖିଥିଲେ । ଜିଲ୍ଲା ସନ୍ଥପ୍ରମୁଖ ଦେବେନ୍ଦ୍ର ଗିରି ମହାରାଜଜି, ପ୍ରାନ୍ତସନ୍ଥ ସହପ୍ରମୁଖ ଶ୍ରୀଯୁକ୍ତ ବଳଭଦ୍ର ଶତପଥୀ, ପ୍ରାନ୍ତନିଧି ପ୍ରମୁଖ ସଂଗ୍ରାମକେଶରୀ ପତି, ପ୍ରାନ୍ତ ସତସଙ୍ଗପ୍ରମୁଖ ହରିହର ତ୍ରିପାଠୀ, ଜିଲ୍ଲା ସାଙ୍ଗଠନିକ ମହାମନ୍ତ୍ରି ବିଜୟ କୁମାର ବାରିକ, ଜିଲ୍ଲାପ୍ରମୁଖ କୁମୁଦ ରଞ୍ଜନ ଆଚାର୍ଯ୍ୟ, ଜିଲ୍ଲା ସହପ୍ରମୁଖ ମଣିଭଦ୍ର ମହାପାତ୍ର, ପ୍ରଦୀପ ପତି, ବାଲେଶ୍ୱର ନଗର ସଭାପତି ଉମେଶ ଖଣ୍ଡେଲଓ୍ୱାଲ୍, ବାଲେଶ୍ୱର ନଗର ସହ ସମ୍ପାଦକ ଜିତେନ୍ଦ୍ର ସ୍ୱାଇଁ, ନୀଳଗିରି ଅଖଣ୍ଡପ୍ରମୁଖ ପ୍ରିୟବ୍ରତ ରାଉତ୍, ନୀଳଗିରି ଅଖଣ୍ଡ ସହପ୍ରମୁଖ ସନାତନ ବେହେରା, ଔପଦା ପ୍ରଖଣ୍ଡପ୍ରମୁଖ ମହେଶ୍ୱର ମାଝି, ବାହାନଗା ପ୍ରଖଣ୍ଡପ୍ରମୁଖ ଖଗପତି ଜେନା, କାଣ୍ଡଗରଡି ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର ରାଉତ୍, ରେମୁଣା ବ୍ଲକ ସତସଙ୍ଗ ପ୍ରମୁଖ ବଳରାମ ଜେନା, ପ୍ରଶାନ୍ତ କୁମାର ବେହେରା, କୈଳାଶ ରାଉତ୍, ଲକ୍ଷ୍ମୀଧର ବାରିକ, ଲକ୍ଷ୍ମୀଧର ରାଉଳ, ଅଜିତ୍ କୁମାର ପାଣିଗ୍ରାହୀ, ସମାଜ ସେବୀ ଟୁନୁ ପଟ୍ଟନାୟକ, କାଳିଆ ମହାରଣା, ବସନ୍ତ ରାଉତ୍, ବୃନ୍ଦାବନ ବାରିକ, ବାଉଁଶବଣିଆ ପଞ୍ଚାୟତର ବିକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିର ପୃଷ୍ଠପୋଷଙ୍କ ଶ୍ରାଦ୍ଧବାର୍ଷିକୀ ଓ ଜୁନିୟର ରେଡକ୍ରସ ଦିବସ ପାଳନ

ଖଇରା, ୨୫/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅନ୍ୟତମ ପୃଷ୍ଠପୋଷକ ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକ ଙ୍କ ଶ୍ରାଦ୍ଧବାର୍ଷିକୀ ଓ ଜୁନିୟର ରେଡକ୍ରସ ଦିବସ ମଙ୍ଗଳବାର ଦିନ ମଙ୍ଗଳବାରଦିନ ପାଳିତ ହୋଇ ଯାଇଛି । ବିଦ୍ୟାମନ୍ଦିରର ପରିଚାଳକ ଦିଲ୍ଲିପ କୁମାର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଖଇରା ହାଇସ୍କୁଲର ଶିକ୍ଷକ ହେମନ୍ତ କୁମାର ବେହେରା ଓ ସୁରେନ୍ଦ୍ର କୁମାର ବେଶ୍ରା ଉଦ୍‌ଘାଟନ କରିବା ଅବସରରେ ବକ୍ତବ୍ୟରେ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରି ତାଙ୍କର ଅନୁଷ୍ଠାନ ପ୍ରିତି ତାଙ୍କୁ ସବୁଦିନ ପାଇଁ ଅମରକରି ରଖିବ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ ଅନାମ ଚରଣ ପଣ୍ଡା,ଖଇରା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସୁଦର୍ଶନ ସେଠୀ, ପ୍ରଧାନଆଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ ଅନ୍ୟତମ ବକ୍ତା ଭାବେ ସ୍ୱର୍ଗତ ନାୟକ ଜଣେ ଦରଦୀ ମଣିଷ ବୋଲି ପ୍ରକାଶ କରିଥିଲେ । ଦେବେନ୍ଦ୍ର କୁମାର ନାୟକଙ୍କ ପ୍ରଚେଷ୍ଟାରେ ରେଡକ୍ରସ ଦିବସ ପାଳିତ ହୋଇଥିବା ବେଳେ ନିଳାମ୍ବର ହାଇସ୍କୁଲର ଶିକ୍ଷକ ମନୋଜ କୁମାର ଜେନା ରେଡକ୍ରସ ପତାକା ଉତ୍ତୋଳନ କରିଥିଲେ । ବିଦ୍ୟାମନ୍ଦିରର କାଉନସିଲର କାର୍ତ୍ତିକ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁଜୀ ପୂର୍ଣ୍ଣଚନ୍ଦ୍ର ସାହୁ, ପୀୟୁସ ରାଉତ,ଭରତ ଚନ୍ଦ୍ର ଲେଙ୍କା, ଗୁରୁମା ସାବିତ୍ରୀ ପଣ୍ଡା, ଉଲ୍ଲାସିନୀ ମହାନ୍ତି, ବନ୍ଦନା ପ୍ରଧାନ, ପୁଷ୍ପାଞ୍ଜଳୀ ରାଉତ, ଦୀପାଞ୍ଜଳୀ ବେହେରା, କ୍ରୀଷ୍ଣାରାଣୀ ହାତୀ, ଅନିମା ରାଉତ ଙ୍କ ସମେତ ସମସ୍ତ ଅଭିଭାବକ ସହଯୋଗ କରିଥିଲେ ।

# ଜୀ ସାର୍ଥକର ନୂଆ ଫିଲ୍ମ ‘ଅଜବ ଏ ପ୍ରେମ କାହାଣୀ’: ଆସନ୍ତା ମାର୍ଚ୍ଚ ୩୦ ତାରିଖ ସନ୍ଧ୍ୟା ୬:୩୦ରେ ପ୍ରସାରଣ




ଭୁବନେଶ୍ୱର, ୨୫/୩ (ନି.ପ୍ର): ସମୟ ସହିତ ଓଡ଼ିଆ ସିନେମାର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି । ନିଚ୍ଛକ, ବାସ୍ତବବାଦୀ ଓ ଭିନ୍ନ କାହାଣୀକୁ ବଡ଼ ପରଦାକୁ ନେଇ ଆସିବା ଏବେ ଜୀ ସାର୍ଥକର ମୂଳ ଉଦ୍ଦେଶ୍ୟ। ଏମିତିରେ ଓଡ଼ିଶାର ଘରେ ଘରେ ପରିଚିତ ଲୋକଙ୍କର ମନପସନ୍ଦର ଚ୍ୟାନେଲ୍ ଜୀ ସାର୍ଥକ ଗୋଟିଏ ପରେ ଗୋଟିଏ ନିଚ୍ଛକ କାହାଣୀ ନିଜ ଦର୍ଶକଙ୍କୁ ଭେଟି ଦେଉଛି। ଆସନ୍ତା ୩୦ ମାର୍ଚ୍ଚ ସନ୍ଧ୍ୟା ୬:୩୦ ମିନିଟରେ ଏକ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର ’ଅଜବ ଏ ପ୍ରେମ କାହାଣୀ’କୁ ଦେଖିବାକୁ ପାଇବେ ସିନେପ୍ରେମୀ। ଏସ.ପି.ପି ପ୍ରଡକ୍ସନ ବ୍ୟାନର ଦ୍ୱାରା କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜନା ଓ ରାଶେଷ ମହାନ୍ତିଙ୍କ ନିର୍ଦ୍ଦେଶନାରେ ନିର୍ମିତ ’ଅଜବ ଏ ପ୍ରେମ କାହାଣୀ’ ଆସନ୍ତା ମାର୍ଚ୍ଚ ୩୦ ତାରିଖ ରବିବାର ସନ୍ଧ୍ୟା ୬.୩୦ ମିନିଟରେ ଦେଖିବାକୁ ମିଳିବ। ମୁଖ୍ୟ ନାୟକ ଭାବରେ ଶ୍ରୀଜିତ ମହାପାତ୍ର ଓ ନାୟିକା ଭାବରେ ଭକ୍ତି ପଟ୍ଟନାୟକ ଏଥିରେ ନଜର ଆସିବେ। ସିନେମାରେ ସଂଗୀତ ଦାୟିତ୍ୱ ଗୁଡଲି ରଥ ସମ୍ଭାଳିଥିବା ବେଳେ ଲିପ୍ସା ମହାପାତ୍ର, ବିଷ୍ଣୁ ମୋହନ କବି, ଲୋପାମୁଦ୍ରା ଦାସ ଓ ରୁପେଶ ପାତ୍ର କଣ୍ଠଦାନ କରିଛନ୍ତି। ଗୀତ ରଚନା କରିଛନ୍ତି ସୂର୍ଯ୍ୟ ମହାପାତ୍ର ଓ ସଂଳାପ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା। ଚଳଚ୍ଚିତ୍ରର କାହାଣୀ ଗୌରବଠୁ ଆରମ୍ଭ, ନିଜ ଜୀବନର ନୂଆ ଯାତ୍ରା ଆରମ୍ଭ କରିବା ପାଇଁ ସେ ଭୁବନେଶ୍ୱର ଚାଲି ଆସେ ଓ ଏମିତି ଏକ ଘର ଭଡ଼ା ନିଏ ଯାହା ୪ ବର୍ଷ ହେବ ବନ୍ଦ ପଡ଼ିଥିଲା । ସେହି ଘରେ ରହିବ ଭିତରେ ଗୌରବର ଦେଖା ହୋଇଥାଏ ସ୍ମିତା ସହ, ଆଉ ଗୌରବର ଜୀବନରେ ଘଟିଥାଏ କିଛି ଅଲୌକିକ ଘଟଣା । ଧିରେ ଧିରେ ଘରେ ଘଟୁଥିବା ଏମିତି କିଛି ଘଟଣାରୁ ଗୌରବକୁ ସ୍ମିତାର ଅତୀତ ବିଷୟରେ ଜଣା ପଡ଼େ। ଗୌରବ ଓ ସ୍ମିତାର ଏହି ଯାତ୍ରାରେ କଣ କଣ ସବୁ ରୋଚକ ଘଟଣା ଘଟୁଛି ତାହା ସମ୍ପୂର୍ଣ୍ଣ ଫିଲ୍ମ ଦେଖିଲେ ହିଁ ଜାଣିପାରିବେ। ତେବେ ଫିଲ୍ମକୁ ମାର୍ଚ୍ଚ ୩୦ ତାରିଖ ରବିବାର ସନ୍ଧ୍ୟା ୬.୩୦ ମିନିଟରେ ଦେଖିବା ସହିତ ଭଲପାଇବା ଦେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର୍ ପ୍ରତୀକ ସିଲ୍।

# ମୟୂରଭଞ୍ଜ ସିପିଇ ଷ୍ଟଡି ଚାପ୍ଟର ଉଦ୍‌ଘାଟିତ




ବାରିପଦା , ୨୫/୩ (ନି.ପ୍ର): ପ୍ରଡକ୍ଟ ସିପିଇ ଷ୍ଟଡି ଚାପ୍ଟରକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥ୍ୟ ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି। ଚାପ୍ଟର କନେଭନର ସିଏ ଅଭିଜିତ କୁମାର ରାମଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଟକ ଚାଟାର୍ଡ ଆକାଉଣ୍ଟାଣ୍ଟ ଶାଖାର ପୂର୍ବତନ ଅଧକ୍ଷ ସିଏ ସତ୍ୟାନନ୍ଦ ରାଉତରାୟ ଯୋଗଦେଇ ମୟୂରଭଞ୍ଜ ଜିଲ୍ଲାରେ ଏପରି ଉଦ୍ୟମକୁ ପ୍ରଶଂସା କରିଥିଲେ। ଚାପ୍ଟର କନେଭନର ସିଏ ଶ୍ରୀ ରାମ ମନ୍ତ୍ରୀଙ୍କୁ ୨ଟି ବିଷୟରେ ଅନୁରୋଧ କରିଥିଲେ। ଓଡ଼ିଶା ସରକାରଙ୍କ ସହଭାଗିତାରେ ସିଏ ଇନଷ୍ଟିଚ୍ୟୁଟ ଦ୍ୱାରା ଆରମ୍ଭ ହୋଇଥିବା ୪ ମାସିଆ ଅନଲାଇନ ପୌର ପରିଷଦ ଓ ଗ୍ରାମପଞ୍ଚାୟତ ଏକାଉଟେଣ୍ଟ ପାଠ୍ୟକ୍ରମକୁ ଆରମ୍ଭ କରିବା ଓ ମୟୂରଭଞ୍ଜ ଜିଲ୍ଲାର ଜିଏସଟି କରଦାତାଙ୍କ ସୁବିଧା ପାଇଁ ଜିଲ୍ଲାରେ ଆପିଲେଟ ଅଥରିଟି ପ୍ରତିଷ୍ଠା କରିବା ପାଇଁ ଅନୁରୋଧ କରିଥିଲେ। ମନ୍ତ୍ରୀ ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଜିଏସଟି ଆମନେଷ୍ଟି ସ୍କିମ ତଥା ଜିଏସଟିରେ ହୋଇଥିବା ବିଭିନ୍ନ ପରିବର୍ତ୍ତନକୁ ନେଇ ସମ୍ମାନିତ ଅତିଥି ସିଏ ରାଉତରାୟଙ୍କ ଦ୍ୱାରା ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ଜିଲ୍ଲାର ବହୁ ଚାଟାର୍ଡ ଆକାଣ୍ଟାଣ୍ଟ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida